**JMC-10**
**BLOCK-2**

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ,
ସମ୍ବଲପୁର, ଓଡ଼ିଶା

**Odisha State Open University**
**Sambalpur, Odisha**

# ସାମ୍ବାଦିକତା ଓ ଗଣ ଯୋଗାଯୋଗ

## ଗଣମାଧ୍ୟମ ସମାଜବିଜ୍ଞାନ

## ଗଣମାଧ୍ୟମ- ସାମାଜିକ ପ୍ରସଙ୍ଗ ଏବଂ ଆନ୍ଦୋଳନ ସମୂହ



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା
Odisha State Open University, Sambalpur, Odisha
Established by an Act of Government of Odisha.

# ସାମ୍ବାଦିକତା ଓ ଗଣଯୋଗାଯୋଗ

## JMC-10

## ଗଣମାଧ୍ୟମ ସମାଜ ବିଜ୍ଞାନ

### ବ୍ଲକ୍-୦୨

### ଗଣମାଧ୍ୟମ – ସାମାଜିକ ପ୍ରସଙ୍ଗ ଏବଂ ଆନ୍ଦୋଳନ ସମୂହ

ୟୁନିଟ୍ -୧ ସାମାଜିକ ପ୍ରସଙ୍ଗ ସମୂହ ଏବଂ ଆନ୍ଦୋଳନ ସମୂହ
ୟୁନିଟ୍ -୨ ଗଣମାଧ୍ୟମ ଏବଂ ଏହାର ପ୍ରଭାବ
ୟୁନିଟ୍ -୩ ଗଣମାଧ୍ୟମ ଏବଂ ବିପଥଗାମୀ ବ୍ୟବହାର
ୟୁନିଟ୍ -୪ ଗଣମାଧ୍ୟମ ଏବଂ ଜାତୀୟ ସଂହତି

## ବିଶେଷଜ୍ଞ କମିଟି

**ଡ. ମୃଣାଳ ଚାଟାର୍ଜୀ**
ପ୍ରଫେସର ଓ ମୁଖ୍ୟ, ଭାରତୀୟ ଜନସଂଚାର ସଂସ୍ଥାନ, ଢ଼େଙ୍କାନାଳ **-ଅଧ୍ୟକ୍ଷ**

**ଡ. ଆଶିଷ କୁମାର ଦ୍ୱିବେଦୀ,** ଆସିଷ୍ଟାଣ୍ଟ ପ୍ରଫେସର (କମ୍ୟୁନିକେସନ୍ ଷ୍ଟଡ଼ିଜ୍), ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର **-ସଭ୍ୟ**

**ଶ୍ରୀ ସୁଧୀର ପଟ୍ଟନାୟକ,** ସଂପାଦକ, ସମଦୃଷ୍ଟି **-ସଭ୍ୟ**

**ଶ୍ରୀ ସୁଜିତ କୁମାର ମହାନ୍ତି,** ଆସିଷ୍ଟାଣ୍ଟ ପ୍ରଫେସର, ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ**-ସଭ୍ୟ**

**ଡ. ଦୀପକ ସାମନ୍ତରାୟ**
ନିର୍ଦ୍ଦେଶକ, ନେସ୍‌ନାଲ ଏକାଡେମୀ ଅଫ୍ ବ୍ରଡ଼କାଷ୍ଟିଂ ଆଣ୍ଡ ମଲ୍‌ଟିମିଡ଼ିଆ, ଭୁବନେଶ୍ୱର**-ସଭ୍ୟ**

**ଡଃ ଜ୍ୟୋତି ପ୍ରକାଶ ମହାପାତ୍ର,** ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର **-ଆବାହକ**

## ମୂଳ ଇଂରାଜୀ ଅନୁବାଦ ସମ୍ପାଦନା

**ଡ. ଏନ୍. ତାମିଲ୍‌ସେଲଭି, ବିଭାଗ ମୁଖ୍ୟ, କ୍ୱାଇଦେ ମିଲେଥ୍ ଇଣ୍ଟରନ୍ୟାସନାଲ୍ ଏକାଡେମୀ ଅଫ୍ ମିଡିଆ ଷ୍ଟଡିଜ୍**

**ଅନୁବାଦ- ସୌମ୍ୟା** ସାରସ୍ୱତା ପଣ୍ଡା, **ସହକାରୀ ପ୍ରଫେସର, ନକ୍ଷତ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍, ଭୁବନେଶ୍ୱର**

**ସମ୍ପାଦନା- ଡକ୍ଟର ଦେବାଶିଷ ମହାପାତ୍ର, ସହକାରୀ ପ୍ରଫେସର, ପୂର୍ବାଞ୍ଚଳ ଭାଷା କେନ୍ଦ୍ର, ଭୁବନେଶ୍ୱର**

## ସାମଗ୍ରୀ ଉତ୍ପାଦନ

**ଡ. ମାନସ ରଞ୍ଜନ ପୂଜାରୀ**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

OSOU, 2021. **MEDIA SOCIAL ISSUES AND MOVEMENTS** is made available under a Creative Commons Attribution-Share Alike 4.0 http://creativecommons.org/licences/by-sa/4.0

Printed by :

# ୟୁନିଟ– ୧: ସାମାଜିକ ପ୍ରସଙ୍ଗ ସମୂହ ଏବଂ ଆନ୍ଦୋଳନ ସମୂହ


୧.୦: ବିଷୟର ଗଠନ

୧.୧: ପଠନର ଉଦ୍ଦେଶ୍ୟ

୧.୨: ଜାତିବାଦ, ଅସମାନତା ଏବଂ ଅଧୀନତା

୧.୨.୧: ଜାତିବାଦ

୧.୨.୨: ଅସମାନତା

୧.୨.୩: ଲିଙ୍ଗଗତ କାରଣରୁ ଅସମାନତା

୧.୨.୪: ଅର୍ଥନୈତିକ କାରଣରୁ ଅସମାନତା

୧.୨.୫: ଜାତିଗତ କାରଣରୁ ଅସମାନତା

୧.୨.୬: ଅଧୀନତା

୧.୩: ଗଣମାଧ୍ୟମ ଏବଂ ନାରୀବାଦୀ ଆନ୍ଦୋଳନ

୧.୩.୧: ନାରୀବାଦ ଏବଂ ନାରୀବାଦୀ ଆନ୍ଦୋଳନ

୧.୩.୨: ଗଣମାଧ୍ୟମ ଆନ୍ଦୋଳନ ସମୂହ ଏବଂ ନାରୀବାଦ

୧.୩.୩: ନାରୀବାଦ ତରଙ୍ଗ

୧.୩.୪: ନାରୀବାଦୀ ଆନ୍ଦୋଳନର ପ୍ରକାର

୧.୩.୫: ନାରୀବାଦୀ ସଂସ୍କାର ସଙ୍ଗଠନ

୧.୩.୬: ନାରୀବାଦୀ ଆନ୍ଦୋଳନର ଉଦ୍ଦେଶ୍ୟ ସମୂହ

୧.୪: ଭାରତୀୟ ଆନ୍ଦୋଳନର ଏକ ସମାଲୋଚନା

୧.୪.୧: ସାମାଜିକ ସଂସ୍କାର ପର୍ଯ୍ୟାୟ

୧.୪.୨: ସ୍ୱାଧୀନତା ଆନ୍ଦୋଳନ ପର୍ଯ୍ୟାୟ

୧.୪.୩: ଭାରତୀୟ ସଂସ୍କାରକମାନଙ୍କ ଦ୍ୱାରା ସମାଜ ସଂସ୍କାର

୧.୪.୪: ଭାରତୀୟ ନାରୀମାନଙ୍କ ଶିକ୍ଷାପାଇଁ ନାରୀ ଆନ୍ଦୋଳନ

୧.୪.୫: ଭାରତରେ ସାମାଜିକ ସଂସ୍କାର

ପ୍ରାକ୍- ସ୍ୱାଧୀନତା ସମୟ

ସ୍ୱାଧୀନୋତ୍ତର ସମୟ

୧.୫: ଆସ ପ୍ରଗତି ମାପିବା


## ୧.୧: ପଠନର ଉଦ୍ଦେଶ୍ୟ

ଏହି ଏକକ ନିମ୍ନରେ ଲିଖିତ ପ୍ରସଙ୍ଗ ଉପରେ ଧ୍ୟାନ କେନ୍ଦ୍ରିତ କରିବ

୧) ନାରୀବାଦ ଏବଂ ନାରୀବାଦକୁ ନେଇ ଆନ୍ଦୋଳନର ବିଶେଷ ଆଧାରରେ ଜାତିବାଦ, ଅସମାନତା ଏବଂ ଅଧୀନତା ଭଳି ବିଭିନ୍ନ ପ୍ରସଙ୍ଗ।

୨) ନାରୀବାଦକୁ ପ୍ରୋତ୍ସାହିତ କରିବା ପାଇଁ ଗଣମାଧ୍ୟମର ଅବଦାନ।

୩) ପାରମ୍ପରିକ ସମାଜରୁ ବର୍ତ୍ତମାନର ସମାଜ ପର୍ଯ୍ୟନ୍ତ ଏକ ଆଦର୍ଶବାଦ ଭାବେ ନାରୀବାଦର ବିବର୍ତ୍ତନ।

## ୧.୨: ଜାତିବାଦ, ଅସମାନତା ଏବଂ ଅଧୀନତା

ଜାତିବାଦ, ଅସମାନତା ଏବଂ ବଶ୍ୟତା ଭଳି ଶବ୍ଦରେ ଭିନ୍ନତା ରହିବା ସତ୍ତ୍ୱେ ଏହା ଓତଃପ୍ରୋତ ଭାବେ ପରସ୍ପର ସହିତ ଯୋଡ଼ି ହୋଇ ରହିଛନ୍ତି। ସେଗୁଡ଼ିକୁ ବ୍ୟାଖ୍ୟା କରିବା ହେଉଛି ଗୁରୁତ୍ୱପୂର୍ଣ୍ଣ।

### ୧.୨.୧: ଜାତିବାଦ

ଗବେଷକମାନେ କହିଛନ୍ତି ଯେ ଜାତି ଜୀବ ବିଜ୍ଞାନ ଆଧାରରେ ହୋଇ ନଥାଏ। ଏହା ଏକ ସାମାଜିକ ଗଠନ। ଏହା ଗୋଷ୍ଠୀର ଭୌତିକ ବିଶେଷତା ଉଚ୍ଚ ନୀଚ ଧାରଣାର ଆଧାରରେ ହୋଇଥାଏ। ଜାତିବାଦ ଜଣେ ବ୍ୟକ୍ତିର ଦୈନନ୍ଦିନ ଜୀବନରେ ଅତି ଛୋଟ ଛୋଟ କଥା ସହିତ ଯୋଡ଼ିହୋଇ ରହିଥାଏ। ଜାତି- ଜୀବ ବିଜ୍ଞାନର ଗଠନ ଜଣେ ବ୍ୟକ୍ତିର ଜୀବନରେ ବହୁତ ଗୁରୁତ୍ୱପୂର୍ଣ୍ଣ। ସବୁ ସ୍ଥାନରେ ଜାତିବାଦ ଦେଖା ଦେଇଥାଏ, ଏହା କାର୍ଯ୍ୟକ୍ଷେତ୍ରରେ, ଶିକ୍ଷାନୁଷ୍ଠାନରେ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ମଧ୍ୟରେ, ଏପରିକି ନ୍ୟାୟିକ ବିଚାରାଳୟରେ ମଧ୍ୟ ଦେଖାଯାଏ। ଏହା ଗଣମାଧ୍ୟମ ଏବଂ ଇଣ୍ଟରନେଟ୍‌ରେ ମଧ୍ୟ ଦେଖିବାକୁ ମିଳିଥାଏ। ଜାତୀୟ ସଂଖ୍ୟାଲଘୁ, ପ୍ରବାସୀ ନାଗରିକ ଏବଂ ଶରଣାର୍ଥୀଙ୍କୁ ସଂଖ୍ୟାଧିକମାନେ କିପରି ଦେଖୁଛନ୍ତି ଏବଂ କିଭଳି ବ୍ୟବହାର କରୁଛନ୍ତି, ତାହାକୁ ଭାବନାତ୍ମକ ରୂପରେ ଅନୁଭବ କରାଯାଇପାରେ। ଏହା ଯେଉଁ ମହିଳାମାନେ ଏଚ୍‌ଆଇଭି/ଏଡ୍‌ସ୍ ଆକ୍ରାନ୍ତ, ସେମାନଙ୍କ ପ୍ରତି ହେଉଥିବା ଅତିରିକ୍ତ ଭେଦଭାବର ପ୍ରତିନିଧିତ୍ୱ କରିଥାଏ।

ଜାତିବାଦ କିମ୍ବା ଜାତିଗତ ଭେଦଭାବ ଏକ ବିଶ୍ୱସ୍ତରୀୟ ବାସ୍ତବତା। ଐତିହାସିକ ଭାବେ ଜାତିର ଧାରଣା ସଂସ୍କୃତି ଏବଂ ସମୟ ଆଧାରରେ ପରିବର୍ତ୍ତିତ ହୋଇଛି। ଘଟଣାକ୍ରମେ ଏହା ପୈତୃକ ବନ୍ଧନ ସହିତ କମ୍ ପରିମାଣରେ ଯୋଡ଼ି ହୋଇଥିବା ବେଳେ ଲୋକଦେଖାଣିଆ ଭୌତିକ ବିଶେଷତା ସହିତ ଅଧିକ ଯୋଡ଼ି ହୋଇ ଯାଇଛି। ଜାତିବାଦ କିମ୍ବା ଜାତିଗତ ବିଭେଦତା ଅନ୍ୟାନ୍ୟ ବର୍ଗ ମଧ୍ୟରେ ଯଥା ଭୌଗୋଳିକ ଅଞ୍ଚଳ, ଜାତୀୟତା, ଚର୍ମର ରଙ୍ଗ ଭଳି ବିଭିନ୍ନ ବର୍ଗରେ ନିଜକୁ ସାମିଲ କରିଛି। ଜାତିଗତ ଗୋଷ୍ଠୀର ଜାତିବାଚକ ଅଞ୍ଚଳ (କନୋଟେଡ୍ ରିଜିଅନ୍) (ମଙ୍ଗୋଲୀୟ ଏବଂ କାକସ୍ ପର୍ବତମାଳା), ଚର୍ମର ରଙ୍ଗ (କଳା, ଧଳା, ହଳଦିଆ ଏବଂ ଲାଲ୍) ଏବଂ ଦେଶ (ନିଗ୍ରୋ, ଆଫ୍ରିକୀୟ, ଇଂରେଜ, ଚାଇନା, ଦକ୍ଷିଣ ପୂର୍ବ ଏସୀୟ, ଆମେରିକୀୟ ଭାରତୀୟ, ଅଷ୍ଟ୍ରେଲୀୟ ଆଦିବାସୀ, ଆଫ୍ରିକୀୟ-ଆମେରିକୀୟ ହିସ୍‌ପାନିକ୍)କୁ ମଧ୍ୟ ସୂଚୀତ କରିଛି।

ଜାତିବାଦ ଏକ ସାମାଜିକ ପ୍ରକ୍ରିୟା ଯାହା ମନସ୍ତାତ୍ତ୍ୱିକ ଭିନ୍ନତାର ବୋଧଗମ୍ୟତା ଆଧାରରେ ଅସମାନ ବ୍ୟବହାରକୁ ପ୍ରୋତ୍ସାହିତ କରିଥାଏ। ଚର୍ମର ରଙ୍ଗ ଅନୁସାରେ ଜାତିର ଦୃଷ୍ଟିକୋଣ ଚର୍ମର ସାପେକ୍ଷିକ କଳା ରଙ୍ଗ ଏବଂ ଗୋରା ରଙ୍ଗକୁ ଚିହ୍ନିତ କରିଥାଏ। ରଙ୍ଗକୁ ନେଇ ଜାତିଗତ ବିଭେଦତାକୁ ବର୍ଣ୍ଣ ବୈଷମ୍ୟ କୁହାଯାଏ। ଯେଉଁଠାରେ କୃଷ୍ଣାଙ୍ଗମାନେ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ଅବମୂଲ୍ୟାୟିତ ହୋଇଥାନ୍ତି ବା ଖରାପ ବ୍ୟବହାରର ସମ୍ମୁଖୀନ ହୋଇଥାନ୍ତି।

### ୧.୨.୨: ଅସମାନତା

ଷ୍ଟାଟସ୍, ଅଧିକାର ଏବଂ ସୁଯୋଗ କ୍ଷେତ୍ରରେ ଭିନ୍ନତା କାରଣରୁ ଅସମାନତାକୁ ଅନୁଭବ କରା ଯାଇପାରେ। ସାମାଜିକ ଅସମାନତା ହେଉଛି ଏକ ଗୋଷ୍ଠୀ କିମ୍ବା ସମାଜ ଭିତରେ ଅସମାନ ସୁଯୋଗର ଅସ୍ତିତ୍ୱ ଏବଂ ବିଭିନ୍ନ ସାମାଜିକ ପଦବୀ ପାଇଁ ପୁରସ୍କାର। ସାମାଜିକ ଅସମାନତାର ଆୟ, ସମ୍ପତ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗମାନ ରହିଛି। ଆୟକୁ ଏମିତି ବ୍ୟାଖ୍ୟା କରାଯାଇ ପାରିବ ଯେ କାର୍ଯ୍ୟ ଏବଂ ନିବେଶରୁ ଯେଉଁ ରୋଜଗାର ହୋଇଥାଏ, ଯାହା ଋଣକୁ ଛାଡ଼ି ସମସ୍ତ ଧନର ସମ୍ପତ୍ତି ହୋଇଥାଏ। ସାମାଜିକ ଅସମାନତାର ଅନ୍ୟାନ୍ୟ ଦିଗ ଭିତରେ କ୍ଷମତା, ବୃତ୍ତିଗତ ସମ୍ମାନ, ବିଦ୍ୟାଳୟ ଶିକ୍ଷା, ପୈତୃକ ଏବଂ ଜାତି ଏବଂ ଜାତୀୟତା ଅନ୍ତର୍ଭୁକ୍ତ ହୋଇଥାଏ।

ସାମାଜିକ ଅସମାନତା ପ୍ରାୟତଃ ସମାଜର ସମସ୍ତ ଦିଗକୁ ପ୍ରଭାବିତ କରିଥାଏ। ଅନ୍ୟ ଭାବରେ କହିଲେ, ସାମାଜିକ ଅସମାନତା ନିମ୍ନରେ ପ୍ରଦଳୟଲ ଅସମାନ ବିତରଣକୁ ବୁଝାଏ:-

୧) କ୍ଷମତା,ଧନ ଏବଂ ଆୟ ଭଳି ସମ୍ବଳ

୨) ସୁଯୋଗ (ଉଦାହରଣ ସ୍ୱରୂପ, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ କର୍ମନିଯୁକ୍ତି ସମ୍ପର୍କିତ)

### ୧.୨.୩: ଜାତିବାଦ କାରଣରୁ ଅସମାନତା

ପାରମ୍ପରିକ ଭାରତୀୟ ସଂସ୍କୃତିରେ ଜାତି ବ୍ୟବସ୍ଥା, ଦକ୍ଷିଣ ଆମେରିକାରେ କ୍ରୀତଦାସ ପ୍ରଥା ଇତ୍ୟାଦି ସାମାଜିକ ଅସମାନତାର କିଛି ଉଲ୍ଲେଖନୀୟ ଉଦାହରଣ। ସଫଳ ଭାବେ ବଞ୍ଚିବା ପାଇଁ ମନୁଷ୍ୟକୁ ଜୀବନ ଅନେକ ସୁଯୋଗ ଦେଇଛି ଯେତେବେଳେ କି କିଛି ଡିଷ୍ଟି ରହିଥିବା ସାମାଜିକ କାରଣ, ଯଥା ଶ୍ରେଣୀଗତ ପଦବୀ, ଲିଙ୍ଗ ଏବଂ ଜାତୀୟତା କାରଣରୁ ବ୍ୟକ୍ତି ଏବଂ ଗୋଷ୍ଠୀ ଭିତରେ ସେହି ସୁଯୋଗଗୁଡ଼ିକ ଅସମାନ ଭାବରେ ବଞ୍ଚିତ ହୋଇ ଯାଇଛି। ଯେତେବେଳେ ଲୋକମାନେ ଉଚ୍ଚ ସାମାଜିକ ଶ୍ରେଣୀର ହୋଇଥାନ୍ତି (ଉଚ୍ଚ ମାନର ସ୍ୱାସ୍ଥ୍ୟସେବା ଉପଭୋଗ କରିଥାନ୍ତି ଏବଂ ସୁରୁଚିସମ୍ପନ୍ନ ଆବାସ/ଗୃହରେ ରହିଥାନ୍ତି), ସେମାନେ ଅନ୍ୟ ଶ୍ରେଣୀ ତୁଳନାରେ ଅଧିକ ସୁଯୋଗ ପାଇଥାଆନ୍ତି, ସେତେବେଳେ ଅସମାନତା ହୋଇଥାଏ। ଧନ, ଆୟ, କ୍ଷମତା ଏବଂ ସ୍ଥିତିକୁ ନେଇ ଜୀବନର ସୁଯୋଗ ରୂପ ପରିଗ୍ରହ କରିଥାଏ।

ମାକ୍ସ ୱେବର ଭିନ୍ନ ଭିନ୍ନ ଜୀବନାଧିକାରର ସୁଯୋଗ ପାଇଥିବା ୪ଟି ଶ୍ରେଣୀକୁ ଚିହ୍ନଟ କରିଥିଲେ, ସେଗୁଡ଼ିକ ହେଉଛି:

କ) ସମ୍ପତ୍ତିର ମାଲିକ

ଖ) ବୃତ୍ତିଧାରୀ

ଗ) କ୍ଷୁଦ୍ର ପୁଞ୍ଜିପତି

ଘ) ଶ୍ରମିକ ଶ୍ରେଣୀ

ଏହି କାରକଗୁଡ଼ିକ ମାଧମରେ ଜୀବନର ସୁଯୋଗକୁ ନିର୍ଣ୍ଣୟ କରିବା ପାଇଁ ୱେବ୍ର ସ୍ଥିତି ଏବଂ କ୍ଷମତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

## ୧.୨.୪: ଲିଙ୍ଗଗତ ଅସମାନତା

ସାମାଜିକ ଅସମାନତା ଲିଙ୍ଗଗତ ବିଭେଦତା କାରଣରୁ ହୋଇଥାଏ। ଅଧିକାଂଶ ନାରୀବାଦୀ ଆଭିମୁଖ୍ୟ ସମାଜରେ ଅସମାନତାକୁ ଆବିଷ୍କାର କରିଛି। ଭାରତ ଭଳି ଏକ ସମାଜ ଯାହା ସାଧାରଣତଃ ପୁରୁଷପ୍ରଧାନ, ସେଠାରେ ପୁରୁଷମାନେ:

କ) ପରିବାର, ରାଜନୀତି ଏବଂ କାର୍ଯ୍ୟକ୍ଷେତ୍ରରେ ଅଧିକ କ୍ଷମତାର ଅଭିଜ୍ଞତା ଲାଭ କରିଥାନ୍ତି।

ଖ) ଧନ ଏବଂ ସ୍ଥିତିକୁ ନେଇ ପୁରସ୍କାରର ଏକ ବୃହତ୍ ଭାଗକୁ ଉପଭୋଗ କରିଥାନ୍ତି।

## ୧.୨.୫: ଅର୍ଥନୈତିକ ଅସମାନତା

ସାମ୍ପ୍ରତିକ ସମାଜରେ ମହିଳାମାନେ ଉଚ୍ଚ ସ୍ଥିତି ଏବଂ ଉଚ୍ଚ ହାରର ଦରମା, ଉଚ୍ଚ ସ୍ତରର ଶିକ୍ଷାଗତ ଯୋଗ୍ୟତା ହାସଲ କରିବାର ପରିମାଣ ବୃଦ୍ଧି ପାଉଛି। ସମାଜରେ ଲିଙ୍ଗର ଉପଯୁକ୍ତ ଭୂମିକା କିମ୍ବା ସାମାଜିକ ରୁଢ଼ିବାଦିତାର ପ୍ରସାର ମାଧ୍ୟମରେ ଏବେ ବି ସାମାଜିକ ଅସମାନତା ମୁଣ୍ଡ ଟେକିବାରେ ଲାଗିଛି। ଗୋଷ୍ଠୀ, ଶ୍ରେଣୀ ଏବଂ ସମ୍ପ୍ରଦାୟ ମଧ୍ୟରେ ସାମାଜିକ ଅସମାନତା ରହିଛି, ଯାହା ଏକ ଆନ୍ତର୍ଜାତିକ ଚିନ୍ତାର ପ୍ରସଙ୍ଗ।

ସଂକ୍ଷେପରେ କହିଲେ, ସାମାଜିକ ଅସମାନତା ସମ୍ପତ୍ତି ଏବଂ ଆୟର ବିତରଣ ତଥା ସମାଜରେ ବ୍ୟକ୍ତିର ଅସ୍ତିତ୍ୱର ମାନରେ ଭିନ୍ନତାକୁ ବୁଝାଇଥାଏ, ଯେତେବେଳେ କି ଦ୍ରବ୍ୟର ଅସମାନ ପୃଥକୀକରଣ ଏବଂ ସମାଜର ଏକ ବିଶେଷ ବିଭାଗ ଦ୍ୱାରା ସମ୍ପତ୍ତି ଠୁଳ ହୋଇ ରହିଥାଏ, ସେତେବେଳେ ଆର୍ଥିକ ଅସମାନତା ସୃଷ୍ଟି ହୋଇଥାଏ। ସାମାଜିକ ଅସମାନତା ତିଷ୍ଠି ରହିଥାଏ, କାରଣ କିଛି କ୍ଷେତ୍ରରେ ଧନର ଅଭାବ ଲୋକମାନଙ୍କୁ ସମାନ ଘର, ସ୍ୱାସ୍ଥ୍ୟସେବା ପାଇବା ଏବଂ ଧନୀ ହୋଇ ପାରିବା କ୍ଷେତ୍ରରେ ରୋକି ଦେଇଥାଏ। ସାମାଜିକ ଅସମାନତାର ଜାତିଗତ ଅସମାନତା, ଲିଙ୍ଗଗତ ଅସମାନତା ଏବଂ ସମ୍ପତ୍ତି କ୍ଷେତ୍ରରେ ଅସମାନତା ସହିତ ସମ୍ପର୍କ ରହିଥାଏ। ସାମାଜିକ ଅସମାନତା କିଛି କ୍ଷୁଦ୍ର ଗୋଷ୍ଠୀ ଯଥା ଶିକ୍ଷା, ନିଯୁକ୍ତି ଏବଂ ଅପରାଧିକ ନ୍ୟାୟ ଉପରେ ପର୍ଯ୍ୟବସିତ ହୋଇଥାଏ। ସରକାର କିଛି ଆର୍ଥିକ ଅନୁଦାନ ପ୍ରଦାନକାରୀ ସଂସ୍ଥା-ସମାନତା ଏବଂ ମାନବାଧିକାର କମିଶନଙ୍କ ମାଧ୍ୟମରେ ବିଭିନ୍ନ ଏଥନିକ୍ ଗୋଷ୍ଠୀ ମଧ୍ୟରେ ରହିଥିବା ଅସମାନତାକୁ କମ୍ କରିବା ପାଇଁ ଯୋଜନା ସମ୍ପର୍କରେ ପ୍ରସ୍ତାବ ଦେଇଥାନ୍ତି।

## ୧.୨.୬: ଅଧୀନତା

ଏହା ବିବାଦର ସବୁଠାରୁ ସାଧାରଣ ପ୍ରଣାଳୀ ଯାହା ସଂଖ୍ୟାଧିକଙ୍କ ସହିତ ସଂଖ୍ୟାଲଘୁମାନଙ୍କ ସମ୍ପର୍କର ବିଶେଷତାକୁ ଉପସ୍ଥାପିତ କରିଥାଏ। ଅଧୀନ ହୋଇ ରହିଥିବା ବିବାଦୀୟ ପ୍ରକ୍ରିୟା ଅର୍ଥ, ଶିକ୍ଷା, ସାମାଜିକ ସ୍ଥିତି ସହିତ ସ୍ୱାସ୍ଥ୍ୟ ଏବଂ ଜୀବନର ସୁଯୋଗ କ୍ଷେତ୍ରରେ ଅସମାନତା ପ୍ରଦର୍ଶନ କରିଥାଏ। ଅଧୀନତାର ନିୟମ ଅନୁସାରେ ସମାଜରେ ସଂଖ୍ୟାଧିକ ଏବଂ ସଂଖ୍ୟାଲଘୁମାନେ ଏକାଠି ରହିଥାନ୍ତି ଯେଉଁଠାରେ ସଂଖ୍ୟାଲଘୁ ସମ୍ପ୍ରଦାୟ ନିୟନ୍ତ୍ରଣରେ କିମ୍ବା ଅଧସ୍ତନ ହୋଇ ରହିଥାନ୍ତି। ଅଧୀନତାର ବ୍ୟାପକ ଦୃଷ୍ଟିକୋଣ ନିମ୍ନରେ ପ୍ରଦତ୍ତ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରିଥାଏ।

କ) ଆଇନ୍ ଅନୁସାରେ ଅଧୀନତା:

ନିୟମର ଆଧାରରେ ଅଧୀନତା

ଖ) ବାସ୍ତବ ରୂପେ ଅଧୀନତା:

ସାଧାରଣ ସାମାଜିକ ପ୍ରଥା ଅନୁସାରେ ଅଧୀନତା

## ୧.୩: ଗଣମାଧ୍ୟମ ଏବଂ ନାରୀବାଦୀ ଆନ୍ଦୋଳନ ସମୂହ

### ୧.୩.୧: ନାରୀବାଦ ଏବଂ ନାରୀବାଦୀ ଆନ୍ଦୋଳନ

ମହିଳାମାନଙ୍କ ପାଇଁ ଉଭୟ ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସମାନ ଅଧିକାର ସ୍ଥାପିତ କରିବା ପାଇଁ ଏକ ସାମାଜିକ ଆନ୍ଦୋଳନ ଭାବେ ନାରୀବାଦକୁ ବ୍ୟାଖ୍ୟା କରାଯାଇପାରେ। ମହିଳାମାନଙ୍କ ପାଇଁ ଲିଙ୍ଗଭିତ୍ତିକ ସମାନତା ଏବଂ ଅଧିକାର ଏବଂ ବିଶେଷ ଅଧିକାରକୁ ସମର୍ଥନ କରି କରା ଯାଉଥିବା ଆନ୍ଦୋଳନକୁ ନାରୀବାଦୀ ଆନ୍ଦୋଳନ କୁହାଯାଏ। ନାରୀବାଦୀ ସାମାଜିକତା ଲିଙ୍ଗର ବିଚାରଧାରା ଉପରେ କାର୍ଯ୍ୟ କରିଥାଏ। ଏହା ମହିଳାମାନଙ୍କୁ ସାମାଜିକ ସଂରଚନାରେ ସ୍ଥାନ ଦେବା ପାଇଁ, ମହିଳାମାନଙ୍କ ସ୍ଥିତି, କ୍ଷମତା ଏବଂ ଯୌନ ଲାଳସା ଉପରେ ଏହାର ଧ୍ୟାନକୁ ପର୍ଯ୍ୟବସିତ କରିଥାଏ। କ୍ୟାଥେରିନ୍ ହେପ୍‌ବର୍ଣ୍ଣ ହେଉଛନ୍ତି ପ୍ରଥମ ମହିଳା ଯିଏ କି ୧୯୪୨ର ଫିଲ୍ମ 'ୱିମେନ୍ ଅଫ୍ ଦ ଇୟର'ରେ ପ୍ରଥମେ ନାରୀବାଦ ପ୍ରସଙ୍ଗକୁ ଉତ୍ଥାପିତ କରିଥିଲେ।

ନାରୀବାଦୀ ଆନ୍ଦୋଳନ ବିଭିନ୍ନ କ୍ଷେତ୍ର ଯଥା- ପ୍ରଜନନର ଅଧିକାର, ଘରୋଇ ହିଂସା, ମାତୃତ୍ୱ ନିମନ୍ତେ ଛୁଟି, ସମାନ ଦରମା, ମହିଳାମାନଙ୍କ ମତାଧିକାର, ଯୌନ ଉତ୍ପୀଡ଼ନ ଏବଂ ଯୌନ ହିଂସା, ମହିଳାଙ୍କ ଗୁପ୍ତାଙ୍ଗ ବିକୃତିକରଣ, ବାଲ୍ୟ ବିବାହ, ଭ୍ରୂଣହତ୍ୟା ଇତ୍ୟାଦି ସହିତ ସମ୍ପର୍କିତ ହୋଇଥାଏ।

### ୧.୩.୨: ଗଣମାଧ୍ୟମ ଆନ୍ଦୋଳନ ଏବଂ ନାରୀବାଦ

ମହିଳାମାନଙ୍କ ଅଧିକାରକୁ ଏପରି ବର୍ଣ୍ଣନା କରାଯାଇପାରେ ଯେ, ଏହା ହେଉଛି ସେହି ଅଧିକାର ଯାହା ମହିଳାମାନଙ୍କ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଅଧିକାରକୁ ସମର୍ଥନ କରୁଥିବା ନିୟମ ସହିତ ଜଡ଼ିତ ଥାଏ। ନାରୀବାଦୀମାନେ ହେଉଛନ୍ତି ମହିଳା କର୍ମକର୍ତ୍ତା ଯେଉଁମାନେ ମହିଳାମାନଙ୍କ ଅଧିକାରକୁ ନିଶ୍ଚିତ କରିବା ପାଇଁ ଅତ୍ୟଧିକ ଚିନ୍ତା ପ୍ରକଟ କରିଥାନ୍ତି। ଖବରକାଗଜ ଏବଂ ପତ୍ରପତ୍ରିକାରେ ଛପେଇ କିମ୍ବା ରେଡିଓ, ଟେଲିଭିଜନ ଭଳି ବିଭିନ୍ନ ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରସାରଣ କରି କିମ୍ବା ସାମାଜିକ ମାଧ୍ୟମରେ ପ୍ରସାର କରି ଗଣମାଧ୍ୟମ ଏ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଗଣମାଧ୍ୟମ ବ୍ୟତୀତ ସୂଚନାକୁ ବ୍ୟାପକ କରିବା ବହୁତ କଷ୍ଟକର ହୋଇଥାଏ। ଗଣମାଧ୍ୟମ ପ୍ରାଥମିକ ଭାବେ ମହିଳା ମତାଧିକାର ଏବଂ ନାରୀବାଦୀ ଆନ୍ଦୋଳନକୁ ନେଇ ହେଉଥିବା ବିବାଦର ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟା କରିଥାଏ। ମତାଧିକାର କର୍ମକର୍ତ୍ତା ମହିଳାମାନଙ୍କୁ ନିର୍ବାଚନରେ ଭୋଟ୍ ଦେଇ ମତାଧିକାର ସାବ୍ୟସ୍ତ କରେଇବା ଉପରେ କାର୍ଯ୍ୟ କରିଥାନ୍ତି।

ଅନ୍ୟ ପକ୍ଷରେ ନାରୀବାଦୀମାନେ କିଛି ସୀମା ପର୍ଯ୍ୟନ୍ତ ମତାଧିକାରକୁ ସମର୍ଥନ କରିଥାନ୍ତି, କିନ୍ତୁ ମହିଳାମାନଙ୍କର ସମାନ ସ୍ତରର ଭାଗିଦାରୀ, ଆର୍ଥିକ ସ୍ୱାଧୀନତା ଏବଂ ସାମାଜିକ ଓ ଯୌନ ସ୍ୱାଧୀନତାକୁ ପ୍ରାପ୍ତ କରିବା ପାଇଁ ମହିଳାମାନଙ୍କ ଅଧିକାର ନିମନ୍ତେ ମହିଳାମାନଙ୍କ ଲଢ଼େଇକୁ ସେମାନେ ସମର୍ଥନ କରିଥାନ୍ତି।

**୧.୩.୩: ନାରୀବାଦର ତରଙ୍ଗ**

ମ୍ୟାଗି ହମ୍ ଏବଂ ରେବେକା ୱାକରଙ୍କ ଅନୁସାରେ ନାରୀବାଦୀ ଇତିହାସ ତିନିଟି ତରଙ୍ଗରେ ବର୍ଗୀକୃତ ହୋଇଛି।

**ନାରୀବାଦର ପ୍ରଥମ ତରଙ୍ଗ:** ଊନବିଂଶ ଶତାବ୍ଦୀରେ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଯେତେବେଳେ ମହିଳାମାନଙ୍କ ନିର୍ବାଚନ ଅଧିକାର ଉପରେ ଧ୍ୟାନ କେନ୍ଦ୍ରିତ କରାଗଲା, ସେତେବେଳେ ପ୍ରଥମ ନାରୀବାଦ ତରଙ୍ଗ ସୃଷ୍ଟି ହୋଇଥିଲା। ଏହି ତରଙ୍ଗ ମଧ୍ୟବିତ୍ତ ଏବଂ ଉଚ୍ଚ ଶ୍ରେଣୀର ଶ୍ୱେତାଙ୍ଗ ମହିଳାମାନଙ୍କର ରାଜନୈତିକ ସମାନତା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ସେହି ସମୟରେ ପ୍ରାଥମିକ ଭାବେ ଖବରକାଗଜ ଏବଂ ଅନ୍ୟାନ୍ୟ ଛାପା ମାଧ୍ୟମ ଯଥା ପାମ୍ଫଲେଟ୍ ଏବଂ ବୁଲେଟିନ୍ ମାଧ୍ୟମରେ ଖବର ପ୍ରକାଶ ପାଉଥିଲା। ଏହି ତରଙ୍ଗର ସବୁଠାରୁ ପ୍ରମୁଖ ଲକ୍ଷ୍ୟ ଭିତରେ ମହିଳାମାନଙ୍କ ଅଧିକାର ଏବଂ କ୍ରୀତଦାସ ପ୍ରଥାର ଉଚ୍ଛେଦ ପାଇଁ ଆନ୍ଦୋଳନ ଅନ୍ତର୍ଭୁକ୍ତ ଥିଲା। ଏହି ଆନ୍ଦୋଳନର ପ୍ରମୁଖ ନେତାମାନଙ୍କ ମଧ୍ୟରେ ଭୋଲ୍‌ଟାଇରିନ୍ ଡି କ୍ଲେରେ, ମାର୍ଗାରେଟ୍ ସାଙ୍ଗେର, ଲ୍ୟୁକ୍ରେସିଆ ମଟ୍, ଲୁସି ଷ୍ଟୋନ୍, ଏଲିଜାବେଥ୍ କ୍ୟାଡି ଷ୍ଟାଣ୍ଟୋନ୍ ଏବଂ ସୁସାନ୍ ବି. ଆନ୍ଥୋନୀ ଅନ୍ତର୍ଭୁକ୍ତ ଥିଲେ। ସ୍ୱାସ୍ଥ୍ୟସେବା ଉଦ୍ୟୋଗରେ ମହିଳା ସେବିକାମାନଙ୍କୁ ସ୍ଥାପିତ କରିବାରେ ୧୮୫୪ରେ ଫ୍ଲୋରେନ୍ସ ନାଇଟିଙ୍ଗେଲ ଜଣେ ଅଗ୍ରଦୂତ ସାଜିଥିଲେ।

**ନାରୀବାଦର ଦ୍ୱିତୀୟ ତରଙ୍ଗ:** ଦ୍ୱିତୀୟ ତରଙ୍ଗ ୧୯୬୦ର ପ୍ରାରମ୍ଭିକ ପର୍ଯ୍ୟାୟରୁ ୧୯୮୦ ମଧ୍ୟରେ ଘଟିଥିଲା। ଏହାର ଲକ୍ଷ୍ୟ ଥିଲା ଲିଙ୍ଗ, ପରିବାର, କାର୍ଯ୍ୟକ୍ଷେତ୍ରର ବାତାବରଣ, ପ୍ରଜନନ ଅଧିକାର, ବାସ୍ତବ ରୂପରେ ଅସମାନତା ଏବଂ ଅଧିକାରୀକ ନ୍ୟାୟିକ ଅସମାନତା ବିରୋଧରେ ସଂଗ୍ରାମ କରିବା। ଏଥି ସହିତ ଦ୍ୱିତୀୟ ତରଙ୍ଗ ଅଧିକ ପରିମାଣରେ ଘରୋଇ ଏବଂ ଯୌନ ହିଂସା ମୁଖ୍ୟତଃ ଦୁଷ୍କର୍ମ କିମ୍ବା ଅନ୍ୟ ଜଘନ୍ୟ ଅପରାଧ ଉପରେ ଗୁରୁତ୍ୱାରୋପ କରିଥିଲା।

ଫ୍ରାନ୍ସର ଲେଖକ ଏବଂ ଦାର୍ଶନିକ ସିମୋନ୍ ଡେ ବିଭୟେର ତାଙ୍କ ପ୍ରବନ୍ଧ ଏବଂ ଉପନ୍ୟାସରେ ସମସାମୟିକ ନାରୀବାଦ ଉପରେ ଲେଖି ମୂଳଦୁଆ ପକାଇ ଥିଲେ ଯେଉଁଥିରେ ମହିଳାମାନଙ୍କ ପ୍ରତି ଅତ୍ୟାଚାରକୁ ବିସ୍ତୃତ ବିଶ୍ଳେଷଣ କରିଥିଲେ। ବେଟି ଫ୍ରିଡାନ୍‌ଙ୍କ ମିଷ୍ଟିକ୍ (୧୯୬୩) ସମସାମୟିକ ମହିଳା ଆନ୍ଦୋଳନ ଉପରେ ଆଲୋକପାତ କରିଥିଲା। ଗଣମାଧ୍ୟମ କେବଳ ଲେଖା ମାଧ୍ୟମରେ ନୁହେଁ, ବରଂ ଟେଲିଭିଜନ୍ କାର୍ଯ୍ୟକ୍ରମରେ ମହିଳାମାନଙ୍କୁ ପ୍ରତିଜ୍ଞାବଦ୍ଧ (ଦୃଢ଼) ଭୂମିକାରେ ଦେଖାଉଥିଲା। ଏହି ସମୟରେ ସଂସ୍କାରର ଅବତାରଣା କରାଯାଉଥିଲା। 'ମହିଳା ଉଦାରୀକରଣ' ଶବ୍ଦ ଦ୍ୱିତୀୟ ତରଙ୍ଗ ସମୟରେ ଆମେରିକାରେ ପ୍ରଥମେ ବ୍ୟବହୃତ ହେଲା। ଗ୍ଲୋରିଆ ଆଞ୍ଜାଲଦୁଆ, ବେଲ୍ ହୁକ୍‌ସ୍, ଚେଲା ସାନ୍ଦୋଭାଲ, ଚେରି ମୋରାଗା, ଅଡ୍ରେ ଲୋର୍ଡେ, ମାକ୍ସିନ୍ ହଙ୍ଗ୍ କିଙ୍ଗଷ୍ଟନ୍ ଏବଂ ଆହୁରି ଅନେକ ନାରୀବାଦୀ ଏହି ତରଙ୍ଗର କିଛି ପ୍ରମୁଖ ନାମ ଥିଲେ।

**ନାରୀବାଦର ତୃତୀୟ ତରଙ୍ଗ:** ତୃତୀୟ ତରଙ୍ଗ ୧୯୯୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଏହାର ଲକ୍ଷ୍ୟ ହେଉଛି ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅସମାନତା ବିରୋଧରେ ସଂଗ୍ରାମ କରିବା ଏବଂ ରାଜନୀତି ଏବଂ ଗଣମାଧ୍ୟମ ଉପରେ ଅଧିକ ପ୍ରଭାବ ପକାଇବା ପାଇଁ ପରିବର୍ତ୍ତିତ ଅଭିଯାନ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ। ନାରୀବାଦର ତୃତୀୟ ତରଙ୍ଗ ମୁଖ୍ୟତଃ ସୂଚନା ପ୍ରଯୁକ୍ତି ଯୋଗୁଁ ସାମାଜିକ ମାଧ୍ୟମ ଏହାର ଲକ୍ଷ୍ୟ ଏବଂ ମତାମତକୁ ବ୍ୟାପକ କରିବା ଉପରେ ନିର୍ଭର କରୁଛି। ଟ୍ୱିଟର ଏବଂ ଫେସ୍‌ବୁକ୍ ଭଳି ସାମାଜିକ ମାଧ୍ୟମ ପ୍ଲାଟ୍‌ଫର୍ମ କ୍ରମାଗତ ଭାବେ ନାରୀବାଦୀ ବାର୍ତ୍ତା ଏବଂ ହ୍ୟାସ୍‌ଟ୍ୟାଗ୍ କ୍ୟାମ୍ପେନ୍ (ପ୍ରଚାର) ଉପରେ ଖବର ପ୍ରକାଶ କରୁଛନ୍ତି। ଅଧିକାଂଶ ଟେଲିଭିଜନ୍ କାର୍ଯ୍ୟକ୍ରମ ମଧ୍ୟ ପ୍ରଭାବଶାଳୀ, ବଳିଷ୍ଠ ମହିଳାମାନଙ୍କୁ ଉପସ୍ଥାପନ କରୁଛନ୍ତି ଏବଂ ମହିଳାମାନେ ପୁରୁଷମାନଙ୍କ ସହିତ ସମାନ ବୋଲି ବିଚାରଧାରାକୁ ପ୍ରୋତ୍ସାହିତ କରୁଛନ୍ତି। କେବଳ ଟେଲିଭିଜନ୍ କାର୍ଯ୍ୟକ୍ରମ ନୁହେଁ, ଏମିତିକି ଅନେକ ବିଜ୍ଞାପନ ଉଭୟ ଲିଙ୍ଗକୁ ସମାନ ମର୍ଯ୍ୟାଦା ଦେବା ପାଇଁ ଏହି ସମୟରେ ସୃଷ୍ଟି କରାଯାଇଛି।

ଅଧିକାଂଶ ବାଳିକା ସେଠାରୁ ବାହାରି ଆସି କହିଛନ୍ତି, 'ମୁଁ ଜଣେ ନାରୀବାଦୀ ନୁହେଁ', କାରଣ ସେମାନେ ଭାବନ୍ତି ଯେ ଏହାର ଅର୍ଥ କିଛି ରାଗ କିମ୍ବା ଅସନ୍ତୋଷ କିମ୍ବା ଅଭିଯୋଗ କିମ୍ବା ଧାରଣା କିମ୍ବା ବିକ୍ଷୋଭ ପ୍ରଦର୍ଶନ କରିବା। କିନ୍ତୁ ଏମିତି ବିଲକୁଲ୍ ନୁହେଁ। ଏହାର ସରଳ ଅର୍ଥ, ତୁମେ ମହିଳା ଏବଂ ପୁରୁଷମାନଙ୍କର ସମାନ ଅଧିକାର ଏବଂ ସୁଯୋଗ ରହିବା ଉଚିତ ବୋଲି ବିଶ୍ୱାସ କରୁଛ।

ଟେଲର ସ୍ୱିଫ୍ଟ



**ନାରୀବାଦର ଚତୁର୍ଥ ତରଙ୍ଗ:** ମୋଇରା ଡୋନେଗାନ୍ ପରାମର୍ଶ ଦେଇଥିଲେ ଯେ ନୂତନ ମାଧ୍ୟମର ଆଗମନ କିମ୍ବା ସାମାଜିକ ମାଧ୍ୟମ ନାରୀବାଦର ଚତୁର୍ଥ ତରଙ୍ଗ ଯାହା ଅନ୍ୟ କିଛି ନୁହେଁ, ବରଂ ଫେସ୍‌ବୁକ୍, ଟ୍ୱିଟର, ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ମାଧ୍ୟମ ପ୍ଲାଟ୍‌ଫର୍ମକୁ ବ୍ୟବହାର କରିଥାଏ। ମହିଳାମାନଙ୍କ ପ୍ରସଙ୍ଗକୁ ବ୍ୟାପକ କରିଥାଏ। ଏହା ନାରୀବାଦୀ ତରଙ୍ଗକୁ ଅଧିକ କରିଥାଏ। ଚତୁର୍ଥ ତରଙ୍ଗ ବ୍ୟବହାରକାରୀଙ୍କ ବିଭିନ୍ନ ଦୃଷ୍ଟିକୋଣ ଆଧାରରେ ବର୍ଗୀକୃତ ହୋଇଥାଏ।

କ) ବ୍ୟକ୍ତିବାଦୀ, ବ୍ୟବହାରିକ ଦୃଷ୍ଟିକୋଣ ଯାହା ଆତ୍ମନିର୍ଭରତା ଉପରେ ଆଧାରିତ, ଏବଂ

ଖ) ସାମୂହିକ, ଆଦର୍ଶବାଦୀ ଦୃଷ୍ଟିକୋଣ ଯାହା ଐକ୍ୟବାଦ ଏବଂ ସାମୂହିକ ଗଠନ ସମ୍ପର୍କରେ କହିଥାଏ।

ଅନ୍ୟାନ୍ୟ ତରଙ୍ଗଠାରୁ ଭିନ୍ନ, ନାରୀବାଦର ଚତୁର୍ଥ ତରଙ୍ଗ ଏକ ନୂଆ ସଂସ୍କୃତି ଗଠନ କରିଛି ଯାହାକୁ ହ୍ୟାସ୍‌ଟ୍ୟାଗ୍ ସଂସ୍କୃତି କୁହାଯାଏ। ଏହି ହ୍ୟାସ୍‌ଟ୍ୟାଗ୍ ସଂସ୍କୃତି ସାମାଜିକ ମାଧ୍ୟମର କ୍ଷମତା ଯୋଗୁଁ ସୃଷ୍ଟି ହୋଇଥିବା ଉପାଖ୍ୟାନ ବୋଲି ବୁଝା ଯାଇଥାଏ। ନାରୀ ଆନ୍ଦୋଳନର କିଛି ପ୍ରମୁଖ ହ୍ୟାସ୍‌ଟ୍ୟାଗ୍ ମଧ୍ୟରେ ମି ଠୁ, ଟାଇମ୍ ଇଜ୍ ଅପ୍ ଏବଂ ଏଭ୍ରିଡେ ସେକ୍ସିଜମ୍, ଆଇ ୱିଲ୍ ଗୋ ଆଉଟ୍ କ୍ୟାମ୍ପେନ୍ ଅନ୍ତର୍ଭୁକ୍ତ। ପ୍ରଯୁକ୍ତିଗତ ବିକାଶର ବ୍ୟାପକତା ଏବଂ ତତ୍ପରତା ସମସ୍ତ ଅଭିଯାନର ସଫଳତାକୁ ଆଗେଇ ନେଉଛି ଯାହା ହ୍ୟାସ୍‌ଟ୍ୟାଗ୍ ସଂସ୍କୃତି ସହିତ ଆରମ୍ଭ ହୋଇଥିଲା। ସାମାଜିକ ମାଧ୍ୟମରେ ଯାହା କିଛି ଆଦାନ ପ୍ରଦାନ କରାଯାଉଛି, ଜନସାଧାରଣଙ୍କ ପାଇଁ ଏକ ସମ୍ପ୍ରଦାୟକୁ ସୃଷ୍ଟି ଏବଂ ଏକଜୁଟ କରିଥାଏ। ଏହିପରି ଭାବେ ସାମାଜିକ ମାଧ୍ୟମ ମଞ୍ଚକୁ ନିର୍ବାକ୍‌ମାନଙ୍କୁ ବାକ୍‌ଶକ୍ତି ପ୍ରଦାନ କରୁଥିବା ମାଧ୍ୟମ ବୋଲି ବିବେଚନା କରା ଯାଇପାରେ।

ନାରୀବାଦ ଆନ୍ଦୋଳନ ଉପରେ ସାମାଜିକ ମାଧ୍ୟମର ବହୁତ ପ୍ରଭାବ ରହିଛି। ସାମାଜିକ ମାଧ୍ୟମ ମହିଳାମାନଙ୍କୁ ସେମାନଙ୍କର ହୃଦୟର କଥା କହିବା ପାଇଁ ସାହସ ଏବଂ ଆତ୍ମବିଶ୍ୱାସର ସହିତ ସେମାନଙ୍କର ମତାମତ ଦେବା ପାଇଁ ପ୍ଲାଟ୍‌ଫର୍ମ୍ ସୃଷ୍ଟି କରିଥାଏ। ଏହିସବୁ ମଞ୍ଚ ମାଧ୍ୟମରେ ବ୍ୟବହାରକାରୀ ମହିଳାମାନଙ୍କ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଯଥା କାର୍ଯ୍ୟକ୍ଷେତ୍ରରେ ଉତ୍ପୀଡ଼ନ, ହିଂସା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ସାଇବର ବିଶ୍ୱ ମାଧ୍ୟମରେ ସେମାନଙ୍କର ମତ ପ୍ରଦାନ କରୁଛନ୍ତି। ଏହା ଲିଙ୍ଗଗତ ସମାନତା ପାଇଁ ଲଢ଼େଇରେ ଏକ ପ୍ରଭାବଶାଳୀ ଉପକରଣ ପାଲଟିଛି। କିଛି ଦଶନ୍ଧି ତଳେ ମହିଳାମାନଙ୍କର ଲିଙ୍ଗବାଦ ସାଧାରଣରେ ଇଭ୍ ଟିଜିଂ ଭଳି ପ୍ରସଙ୍ଗ ଉପରେ ସେମାନଙ୍କର ସ୍ୱର ଉତ୍ତୋଳନ କରିବା ପାଇଁ କୌଣସି ମଞ୍ଚ ନଥିଲା। ଏହି ପ୍ରଯୁକ୍ତିଗତ ଯୁଗରେ ପ୍ରଭାବିତ ମହିଳା ସାମାଜିକ ମାଧ୍ୟମରେ ଯୁକ୍ତିଯୁକ୍ତ ହ୍ୟାସ୍‌ଟ୍ୟାଗ୍ ସହିତ ତାଙ୍କର ସମସ୍ୟାକୁ ପୋଷ୍ଟ କରିବାର କିଛି ମୁହୂର୍ତ୍ତ ଭିତରେ ସେମାନେ ମାର୍ଗଦର୍ଶନ ପାଇ ପାରିବେ, ଯାହା ସେମାନଙ୍କୁ ସେମାନଙ୍କର ସମସ୍ୟା ସହିତ ଆଗକୁ ବଢ଼ିବାରେ ସହାନୁଭୂତିପୂର୍ଣ୍ଣ ଭାବେ ନିର୍ଦ୍ଦେଶ ଦେବ।

## ୧.୩.୪: ନାରୀବାଦୀ ଆନ୍ଦୋଳନର ପ୍ରକାର

ନାରୀବାଦୀ ସିଦ୍ଧାନ୍ତ ଏହି ନାରୀବାଦୀ ଆନ୍ଦୋଳନଗୁଡ଼ିକରୁ ହିଁ ମୁଣ୍ଡ ଟେକିଛି। ଏହା ବିଭିନ୍ନ ବିଷୟ ଯଥା- ନାରୀବାଦୀ ଭୂଗୋଳ, ନାରୀବାଦୀ ଇତିହାସ ଏବଂ ନାରୀବାଦୀ ସାହିତ୍ୟ ସମାଲୋଚନା ମାଧ୍ୟମରେ ମହିଳାମାନଙ୍କ ସମାନତା ଓ ସ୍ୱାଧୀନତା ପାଇଁ ବ୍ୟକ୍ତ କରାଯାଇଥାଏ। ନାରୀବାଦୀ ଆନ୍ଦୋଳନ ମହିଳା କର୍ମକର୍ତ୍ତା କିମ୍ବା ନାରୀବାଦୀ ନେତ୍ରୀମାନଙ୍କ ଦ୍ୱାରା ଆୟୋଜିତ କରା ଯାଇଥାଏ। ପୂର୍ବରୁ ଉଲ୍ଲେଖ କରାଯାଇଛି

ଯେ ନାରୀବାଦୀ ଆନ୍ଦୋଳନ ଉତ୍ପୀଡ଼ନ ବିରୋଧରେ ଲଢ଼େଇର ବିଚାରଧାରା ଏବଂ ମହିଳା ବିରୋଧୀ ହିଂସା ପାଇଁ କରା ଯାଇଥାଏ। ଗେଲ୍ ଓମ୍‌ଭେଟେନ୍ ଚାରି ପ୍ରକାର ନାରୀବାଦୀ ଆନ୍ଦୋଳନର ତାଲିକା କରିଛନ୍ତି। ସେଗୁଡ଼ିକ ହେଉଛି-

୧) ମହିଳାମାନଙ୍କ ପାଇଁ ଆନ୍ଦୋଳନ - ଏହିସବୁ ଆନ୍ଦୋଳନରେ ମହିଳାମାନଙ୍କ ବିରୋଧରେ ହେଉଥିବା ବିଭିନ୍ନ ପ୍ରକାରର ଉତ୍ପୀଡ଼ନ ବିରୋଧରେ ମହିଳା ଏବଂ ପୁରୁଷମାନେ ଏକାଠି ଲଢ଼ିଥାନ୍ତି।

୨) ମହିଳାମାନଙ୍କର ଆନ୍ଦୋଳନ - ଏଧରଣର ଆନ୍ଦୋଳନରେ ସାଧାରଣ ଚିନ୍ତାଜନକ ପ୍ରସଙ୍ଗଗୁଡ଼ିକ ଅନ୍ତର୍ଭୁକ୍ତ ହୋଇଥାଏ। ଉଦାହରଣ ସ୍ୱରୂପ, ବସ୍ତିର ବିକାଶ, ଅର୍ଥନୈତିକ ସ୍ଥିତି ଇତ୍ୟାଦି ଯେଉଁଠାରେ କେବଳ ମହିଳାମାନେ ହିଁ ଅଂଶଗ୍ରହଣକାରୀ ହୋଇଥାନ୍ତି।

୩) ମହିଳା ସୁଧାର ଆନ୍ଦୋଳନ - ଏହି ଆନ୍ଦୋଳନ ଭିତରେ ମହିଳାମାନଙ୍କ ପାଇଁ ଶିକ୍ଷା, ସତୀଦାହ ପ୍ରଥାର ଉଚ୍ଛେଦ ଇତ୍ୟାଦି ଯାହା ସ୍ୱାଧୀନତା ପୂର୍ବରୁ ଭାରତରେ ଘଟୁଥିଲା, ତାହା ଅନ୍ତର୍ଭୁକ୍ତ ହୋଇଥାଏ।

୪) ମହିଳା ମୁକ୍ତି ଆନ୍ଦୋଳନ - ଶ୍ରମିକମାନଙ୍କର ଲିଙ୍ଗଗତ ବିଭାଜନ ଏବଂ ପୈତୃକ ସମ୍ପତ୍ତିରେ ଭାଗ ନିମନ୍ତେ ଲଢ଼େଇର ବିଚାରଧାରା ଦ୍ୱାରା ଏହା ମାର୍ଗଦର୍ଶିତ ହୋଇଥାଏ। ଆନ୍ଦୋଳନକାରୀମାନେ ମଧ୍ୟ ମହିଳାମାନଙ୍କ ଉତ୍ପୀଡ଼ନ ଭଳି ବିଶେଷ ପ୍ରସଙ୍ଗ ବିରୋଧରେ କାର୍ଯ୍ୟ କରିଥାନ୍ତି ଏବଂ ଲିଙ୍ଗଗତ ସମାନତା ଆଡ଼କୁ ଗତି କରିଥାନ୍ତି।

ଉପରେ ତାଲିକାଭୁକ୍ତ ହୋଇଥିବା ସମସ୍ତ ଆନ୍ଦୋଳନ ଭିତରୁ ଓମ୍‌ଭେଟ୍‌ଙ୍କ ଅନୁସାରେ ଚତୁର୍ଥ ବର୍ଗଟିକୁ ମହିଳାମାନଙ୍କ ଆନ୍ଦୋଳନ କିମ୍ବା ନାରୀବାଦୀ ଆନ୍ଦୋଳନ ବୋଲି କୁହାଯାଇପାରେ।

ଯେ କୌଣସି ଆନ୍ଦୋଳନ ଯାହା ମହିଳାମାନଙ୍କ ପ୍ରସଙ୍ଗକୁ ସାମାଜିକ ଲକ୍ଷ୍ୟର ଅଧୀନସ୍ଥ ଭାବେ କେବଳ ଦେଖି ନଥାଏ, ବରଂ ସେମାନଙ୍କୁ ଅନ୍ୟ ସାମାଜିକ ଲକ୍ଷ୍ୟ ସହିତ ସମ୍ପର୍କିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ, ତାହାକୁ ନାରୀବାଦୀ ଆନ୍ଦୋଳନ କୁହାଯାଏ।



ଉତ୍ସ- କ୍ରିଏଟିଭ୍ କମନ୍

ସମଗ୍ର ବିଶ୍ୱରେ ମାର୍ଚ୍ଚ ୮ ତାରିଖକୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ପାଳନ କରାଯାଏ। ସମସ୍ତ ମହିଳାଙ୍କ ଜୀବନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେମାନଙ୍କର ସମାନତାର ଅନ୍ୱେଷଣ ନିମନ୍ତେ ସେମାନଙ୍କର ସଂଘର୍ଷକୁ ଏହି ଦିବସ ମାଧ୍ୟମରେ ମନେ ପକାଯାଏ।

ଭାରତରେ ନାରୀବାଦୀ ଆନ୍ଦୋଳନର ଏକ ଦୀର୍ଘ ଇତିହାସ ରହିଛି। ପ୍ରାଥମିକ ଭାବେ ମହିଳାମାନଙ୍କୁ ଶକ୍ତି ବୋଲି କୁହାଯାଏ ଏବଂ ମହିଳାମାନଙ୍କ କ୍ଷମତା ସିଦ୍ଧାନ୍ତ ଶହ ଶହ ବର୍ଷ

ପୁରୁଣା। ମହିଳାମାନେ କ୍ରୋଧର ବିପରୀତ ଶକ୍ତି ତଥା ରାଜନୈତିକ, ଜାତୀୟ ଏବଂ ଆନ୍ତର୍ଜାତିକ ଅଧିକାର ପାଇବା ପାଇଁ ସହୁଥିବା ଉତ୍ପୀଡ଼ନ ବିରୋଧରେ ନକାରାତ୍ମକ ପ୍ରତିକ୍ରିୟା ନିମନ୍ତେ କ୍ରୋଧ ଦ୍ୱାରା କ୍ଷମତାପ୍ରାପ୍ତ ବିପରୀତ କ୍ଷମତା ଭାବେ 'ଶକ୍ତି' ରୂପରେ ଅବତୀର୍ଣ୍ଣ ହୋଇଥାନ୍ତି।

ନାରୀବାଦୀ ଆନ୍ଦୋଳନ ଅଧିକ ପରିମାଣରେ ମଧ୍ୟବିତ୍ତ ଶ୍ରେଣୀର ମହିଳାମାନଙ୍କର ଲକ୍ଷ୍ୟ, କିଛି କରିବାର ଆକାଂକ୍ଷା, ଉଦ୍ଦେଶ୍ୟ, ଆଗ୍ରହ ଏବଂ ସୁଯୋଗ ସହିତ ସମ୍ପର୍କିତ। ସେମାନେ ନିୟମାନୁସାରେ ଶିକ୍ଷା, ବୃତ୍ତି ଏବଂ ରାଜନୈତିକ କ୍ଷମତା ପାଇବାର ସୁଯୋଗ କ୍ଷେତ୍ରରେ ସମାନ ଅଧିକାର ଉପରେ ଧ୍ୟାନ କେନ୍ଦ୍ରିତ କରିଥାନ୍ତି। ଏହି ମହିଳା ମୁକ୍ତି ଆନ୍ଦୋଳନ ପୁରୁଷପ୍ରଧାନ ସାଂସ୍କୃତିକ ବ୍ୟବସ୍ଥାକୁ ଆହ୍ୱାନ ଦେଇଥାଏ, ଯାହା ସବୁବେଳେ କେବଳ ମହିଳାମାନଙ୍କୁ ନିଜର ପରାଧୀନତା ସମ୍ପର୍କରେ ସଚେତନ କରିଥାଏ। ସାରା ଦେଶରେ ଅଧିକାଂଶ ଆନ୍ଦୋଳନ, ଜାତିବାଦ ଏବଂ ଲିଙ୍ଗବାଦ ପ୍ରସଙ୍ଗ ଉପରେ ଆଧାରିତ ଯାହା ମହିଳା ସଶକ୍ତିକରଣରେ ସରକାର, ଶ୍ରମିକ ଏବଂ ନାଗରିକ ସଂଗଠନର ଭୂମିକା ସହିତ ଜଡ଼ିତ। ନାରୀବାଦୀମାନେ ହେଉଛନ୍ତି ଶ୍ରମିକ ଶ୍ରେଣୀର ମହିଳା ଯେଉଁମାନେ ଦାରିଦ୍ର୍ୟ ଏବଂ ଲିଙ୍ଗଗତ ପ୍ରଭେଦ ଏବଂ ତାହାର ସ୍ୱାସ୍ଥ୍ୟ ଏବଂ ସେମାନଙ୍କ ପରିବାରର ମଙ୍ଗଳ ଉପରେ ଅଧିକ ପ୍ରଭାବ ସମ୍ପର୍କିତ ସମସ୍ୟା ଉପରେ ଏକାଠି ବିରୋଧ କରୁଥିଲେ। 'ଓ୍ୱିମ୍ୟାନିଷ୍ଟ୍' ବା 'ନାରୀବାଦୀ' ଏକ ଶବ୍ଦ ଯାହାକୁ ଲେଖକ ଆଲିସ୍ ଓ୍ୱାକର ଉଦ୍ଭାବନ କରିଛନ୍ତି। ଏହା ଆଫ୍ରିକୀୟ-ଆମେରିକୀୟ ମହିଳାମାନଙ୍କର  ସଂସ୍କୃତି ଏବଂ ସେମାନଙ୍କ ସନ୍ତାନ ସନ୍ତତି ଏବଂ ସମ୍ପ୍ରଦାୟକୁ ସମର୍ଥନ କରିବା ପାଇଁ ଜାତିବାଦ ଏବଂ ସବୁ ପ୍ରକାର ପୂର୍ବ ଧାରଣାର ଅନ୍ତ ଘଟାଇବା ପାଇଁ ସଂଘର୍ଷ ନିମନ୍ତେ ବିଶ୍ୱାସ, ଦୃଢ଼ତା ଏବଂ ଜ୍ଞାନକୁ ବୁଝାଏ।

### ୧.୩.୫: ନାରୀବାଦ ସୁଧାର ସଂଗଠନ

ଊନବିଂଶ ଶତାବ୍ଦୀର ଉତ୍ତର ଭାଗରେ ମହିଳାମାନଙ୍କ କ୍ଷେତ୍ରରେ ସଂସ୍କାର ଏକ ଉତ୍‌ଥାନ ଯୁଗ ଭାବରେ ଆରମ୍ଭ ହୋଇଥିଲା। ପ୍ରଥମେ ଏହା ଧନୀକ ହିନ୍ଦୁ ପୁରୁଷ ଏବଂ ମହିଳା ଏବଂ ପରେ ମୁସଲମାନମାନଙ୍କଠାରୁ ଆରମ୍ଭ ହୋଇଥିଲା। ଶିକ୍ଷା ବ୍ୟତୀତ ବିଧବା ବିବାହ ପ୍ରଥା, ବହୁ ବିବାହ, ପରଦା (ମୁହଁକୁ ଢାଙ୍କିବା ଏବଂ ଏକାନ୍ତରେ ରହିବା), ସମ୍ପତ୍ତି ଅଧିକାର ଏବଂ ସତୀପ୍ରଥା (ବିଧବା ମହିଳାମାନଙ୍କର ଆନୁଷ୍ଠାନିକ ଆତ୍ମହତ୍ୟା) ଇତ୍ୟାଦି ଉପରେ ମଧ୍ୟ ଗୁରୁତ୍ୱ ଦିଆଗଲା। ଏହି କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବା ସହିତ ଏସବୁ ସମସ୍ୟାରେ ସୁଧାର ଆଣିବା ପାଇଁ ମହିଳା ସଂଗଠନମାନ ଗଠନ ହେବା ଆରମ୍ଭ ହେଲା। ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ୧୯୨୭ରେ ସର୍ବଭାରତୀୟ ମହିଳା ସମ୍ମେଳନ ଆରମ୍ଭ ହେବା। ୧୯୩୪ରେ ଯେତେବେଳେ ଏଆଇଡବ୍ଲ୍ୟୁସି ବିବାହ ବିଚ୍ଛେଦ ଏବଂ ସମ୍ପତ୍ତିରେ ସମାନ ଅଧିକାର ପାଇଁ ଏକ ବିଲ୍ ଆଗତ କଲା, ତାହା ଜାତୀୟ ସ୍ତରରେ ଅଧିକାର ସମ୍ପର୍କିତ ଆଲୋଚନାକୁ ଆକର୍ଷିତ କଲା ଏବଂ ୧୯୪୭ରେ ସ୍ୱାଧୀନତା ପରେ ମହିଳାମାନେ ସାମ୍ବିଧାନିକ ସମାନତା ନିମନ୍ତେ ସ୍ୱୀକୃତି ପାଇଲେ। ନାରୀବାଦକୁ ମୁକାବିଲା କରିବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନ ହେଉଛି–

- ଦଳିତ ମହିଳା ଆନ୍ଦୋଳନ
- ଯୁଗ୍ମ ମହିଳା କାର୍ଯ୍ୟକ୍ରମ

- ଭାରତୀୟ ଜାତୀୟ ମହିଳା ପରିଷଦ
- ଗଣମାଧ୍ୟମରେ ମହିଳାମାନଙ୍କ ନିରୂପଣ କମିଟି
- ରାଷ୍ଟ୍ରୀୟ ମହିଳା ଆୟୋଗ
- ଭାରତୀୟ ମହିଳା ଜାତୀୟ ସଂଘ
- ଡାଇଭର୍ସ୍ ୱିମେନ୍ ଫର୍ ଡାଇଭର୍ସିଟି (ବିବିଧତା ପାଇଁ ବିବିଧ ମହିଳା)
- କାଳୀ ଫର ୱିମେନ୍
- ସହେଲୀ
- ଏକକ ମହିଳା ସଂଗଠନ
- ସେବା
- ମୈତ୍ରେୟୀ
- ନବ ଜାଗରଣ ମହିଳା ସଂଗଠନ
- ମାଡ୍ରାସ ମହିଳା ସଂଗଠନ
- ଏପି ମହିଳା ସମାକାୟ
- ତାମିଲନାଡୁ ଦଳିତ ପେଙ୍ଗାଲ୍ଲିୟାକ୍କମ୍ (ତାମିଲନାଡୁ ଦଳିତ ମହିଳା ଆନ୍ଦୋଳନ)

ସର୍ବଭାରତୀୟ ମହିଳା ସମ୍ମେଳନ (ଏଆଇଡବ୍ଲ୍ୟୁସି): ମହିଳା ଏବଂ ଶିଶୁମାନଙ୍କର ଉତ୍ଥାନ ଏବଂ ଉନ୍ନତି ପାଇଁ ଏବଂ ମହିଳାମାନଙ୍କ ମଧ୍ୟରେ ଶିକ୍ଷାକୁ ବ୍ୟାପକ କରିବା ପାଇଁ ସର୍ବଭାରତୀୟ ମହିଳା ସମ୍ମେଳନ (ଏଆଇଡବ୍ଲ୍ୟୁସି) ୧୯୨୦ରେ ଗଠିତ ହୋଇଥିଲା। ଏହି ସଂଗଠନ ସରକାରଙ୍କ ନିକଟରେ ମହିଳାଙ୍କ କଲ୍ୟାଣ ନିମନ୍ତେ ପ୍ରସଙ୍ଗ ଉତ୍ଥାପନ କରୁଥିଲା ଏବଂ ମହିଳାମାନଙ୍କ ହିତ ପାଇଁ ବିଲ୍‌ରେ ସଂଶୋଧନ ନିମନ୍ତେ ସାହାଯ୍ୟ କରୁଥିଲା।

ଏଆଇଡବ୍ଲ୍ୟୁସି ବ୍ୟତୀତ ଅନେକ ଜାତୀୟ ସଂଗଠନ ନାରୀବାଦ ଆନ୍ଦୋଳନକୁ ସମର୍ଥନ କରିଥାନ୍ତି। ସେଗୁଡ଼ିକ ହେଉଛନ୍ତି:

- ଭାରତ ମହିଳା ପରିଷଦ (୧୯୦୪)
- ଭାରତ ସ୍ତ୍ରୀ ମହାମଣ୍ଡଳ (୧୯୦୯)
- ମହିଳାମାନଙ୍କର ଭାରତୀୟ ସଂଘ (୧୯୧୭)
- ଭାରତରେ ମହିଳାମାନଙ୍କର ଜାତୀୟ ପରିଷଦ (୧୯୨୫)
- ସର୍ବଭାରତୀୟ ମହିଳା ସମ୍ମେଳନ (୧୯୨୭)
- କସ୍ତୁରବା ଗାନ୍ଧୀ ନ୍ୟାସନାଲ ମେମୋରିଆଲ ଟ୍ରଷ୍ଟ୍

ଏହିସବୁ ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି :

୧) ସାମାଜିକ ନ୍ୟାୟ, ବ୍ୟକ୍ତିଗତ ଅଖଣ୍ଡତା ଏବଂ ସମାନ ଅଧିକାର ଏବଂ ସମସ୍ତଙ୍କ ପାଇଁ ସମାନ ସୁଯୋଗ ନୀତି ଉପରେ ପର୍ଯ୍ୟବସିତ ସମାଜ ପାଇଁ କାର୍ଯ୍ୟ କରିବା।

୨) ପ୍ରତ୍ୟେକ ମନୁଷ୍ୟ ନିମନ୍ତେ କାର୍ଯ୍ୟ କରିବା ତା'ର ଜନ୍ମଗତ ଅଧିକାର ଏବଂ ଜୀବନର ଆବଶ୍ୟକତାକୁ ହାସଲ କରିବା ନିମନ୍ତେ ସୁରକ୍ଷିତ ମାନ୍ୟତା ପାଇବାକୁ ଏହା ନିର୍ଦ୍ଦିଷ୍ଟ କରିଥାଏ ଯାହା ଜନ୍ମ କିମ୍ବା ଲିଙ୍ଗ ଆଧାରରେ ନିର୍ଦ୍ଦିଷ୍ଟ ହେବା ଉଚିତ ନୁହେଁ, ବରଂ ଯୋଜନାବଦ୍ଧ ସାମାଜିକ ବିତରଣ ଅନୁସାରେ ସ୍ଥିର ହୋଇଥାଏ।

୩) ମୌଳିକ ନାଗରିକ ସ୍ୱାଧୀନତାକୁ ଉପଭୋଗ କରିବାର ଅଧିକାର ନିମନ୍ତେ ପ୍ରତ୍ୟେକ ନାଗରିକର ଦାବିକୁ ସମର୍ଥନ କରିବା।

୪) ସମସ୍ତ ବିଚ୍ଛିନ୍ନତାବାଦୀ ମନୋଭାବ ବିରୋଧରେ ଠିଆ ହେବା ଏବଂ ବୃହତ୍ତର ଜାତୀୟ ସଂହତି ଏବଂ ଏକତାକୁ ପ୍ରୋତ୍ସାହିତ କରିବା।

୫) ମହିଳା ଏବଂ ଶିଶୁମାନଙ୍କର ସାଧାରଣ ପ୍ରଗତି ଏବଂ ହିତ ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବା ଏବଂ ଭାରତୀୟ ସମ୍ବିଧାନ ଦ୍ୱାରା ମହିଳାମାନଙ୍କୁ ପ୍ରଦାନ କରାଯାଇଥିବା ମୌଳିକ ଅଧିକାରକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ନିମନ୍ତେ ସେମାନଙ୍କୁ ସହାୟତା ପ୍ରଦାନ କରିବା।

୬) ସ୍ଥାୟୀ ଆନ୍ତର୍ଜାତିକ ମିତ୍ରତା ଏବଂ ବିଶ୍ୱ ଶାନ୍ତି ପାଇଁ କାର୍ଯ୍ୟ କରିବା।

୭) କାଳୀ ଫର ଓ୍ୱିମେନ୍- ୧୯୮୪ରେ ଉର୍ବଶୀ ବୁଟାଲିଆ ଏବଂ ରିତୁ ମେନନ୍ ଭାରତର ପ୍ରଥମ ନାରୀକୈନ୍ଦ୍ରିକ ପ୍ରକାଶନୀ ସଂସ୍ଥା କାଳୀ ଫର ଓ୍ୱିମେନ୍ ସ୍ଥାପନ କରିଥିଲେ। ସେମାନଙ୍କର ଉଦ୍ଦେଶ୍ୟ ଥିଲା, ଗଣମାଧ୍ୟମରେ ମହିଳାମାନଙ୍କ ପ୍ରତିନିଧିତ୍ୱକୁ ହିନ୍ଦୁ ଏବଂ ଇସଲାମ୍ ଧର୍ମ ମଧ୍ୟରେ ଉଚିତ୍ ପକ୍ଷ ରଖିବାର ସାମାଜିକ ଭୂମିକା, କୃଷି କ୍ଷେତ୍ରରେ କାର୍ଯ୍ୟବଳ ଏବଂ ପରିବେଶ ହାନିରେ ପୀଡ଼ିତ ଏବଂ ଲକ୍ଷ୍ୟ ଇତ୍ୟାଦି ପ୍ରସଙ୍ଗ ଉପରେ ଛାପିବା କିମ୍ବା ପ୍ରକାଶନ କରିବା।

ମହିଳା ଉନ୍ନୟନ ଅଧ୍ୟୟନ କେନ୍ଦ୍ର - ମହିଳା ଉନ୍ନୟନ ଅଧ୍ୟୟନ କେନ୍ଦ୍ର (ସିଡବ୍ଲୁସିଏସ୍) ୧୯୮୦ ମସିହା ଏପ୍ରିଲ୍ ୧୯ ତାରିଖରେ ସ୍ଥାପିତ ହୋଇଥିଲା।

ଏଥିରେ ମହିଳାମାନଙ୍କୁ ଭାରତରେ ମର୍ଯ୍ୟାଦା ପ୍ରଦାନ କରିବାର ଲକ୍ଷ୍ୟ ରଖି ଯାହାର ଶୀର୍ଷକ ଥିଲା 'ସମାନତା ଆଡ଼କୁ' (ଟୁଆର୍ଡସ୍ ଇକ୍ୟୁଆଲିଟି) ଦେବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ମହିଳା ଉନ୍ନୟନ ଅଧ୍ୟୟନ କେନ୍ଦ୍ରର ଆକ୍ରମଣ ଅନୁସରଣରେ ୧୯୮୭ରେ ଏକ ସଂଗଠନ ମହିଳା ଅଧ୍ୟୟନ ଏବଂ ଉନ୍ନୟନ କେନ୍ଦ୍ର (ଡବ୍ଲ୍ୟୁଏସ୍‌ଡିସି) ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୀନରେ ମହିଳାମାନଙ୍କ ଉନ୍ନୟନ ଲକ୍ଷ୍ୟର ସେବା ନେଇ ଆରମ୍ଭ କରାଗଲା।

ରାଷ୍ଟ୍ରୀୟ ମହିଳା ଆୟୋଗ- ମହିଳାମାନଙ୍କ ନିମନ୍ତେ ଆୟୋଗ (ଜାତୀୟ ମହିଳା କମିଶନ)

ଏକ ଷ୍ଟାଚ୍ୟୁଟୋରୀ ବଡି (ବୈଧାନିକ ସଂସ୍ଥା) ଜାନୁଆରୀ ୧୯୯୨ରେ ମହିଳାମାନଙ୍କ ନିମନ୍ତେ କମିଶନ ନିୟମ, ୧୯୯୦ (ନିୟମ ନଂ ୨୦,୧୯୯୦) ଅଧୀନରେ ଭାରତ ସରକାରଙ୍କ ଦ୍ୱାରା ଗଠିତ ହୋଇଥିଲା।

ମହିଳାମାନଙ୍କର ସାମ୍ବିଧାନିକ ଏବଂ ନ୍ୟାୟିକ ସୁରକ୍ଷାର ସମୀକ୍ଷା, ଉପଚାରାତ୍ମକ ବିଧାନ ସମ୍ବନ୍ଧୀୟ ଉପାୟର ଅନୁମୋଦନ, ଅଭିଯୋଗ ନିବାରଣର ସୁବିଧା ଏବଂ ମହିଳା ଆୟୋଗ (କମିଶନ)ଙ୍କୁ ପ୍ରଭାବିତ କରୁଥିବା ନିୟମ ଉପରେ ସରକାରଙ୍କୁ ପରାମର୍ଶ ଇତ୍ୟାଦି ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଏହି ସଂଗଠନ ଗଠନର ଉଦ୍ଦେଶ୍ୟ ଥିଲା। ଏହା ମଧ୍ୟ ଗଣମାଧ୍ୟମ, ସାମାଜିକ କର୍ମକର୍ତ୍ତା ଏବଂ ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିଥାଏ।

ରାଷ୍ଟ୍ରୀୟ ମହିଳା ଆୟୋଗର ପ୍ରମୁଖ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ:

୧) ସାମ୍ବିଧାନିକ ନିୟମ ଅନୁସାରେ ମହିଳାମାନଙ୍କର ସମସ୍ତ ସୁରକ୍ଷା ଏବଂ ରକ୍ଷା ସମ୍ବନ୍ଧୀୟ ବ୍ୟାପାର ସମ୍ପର୍କିତ ଯାଞ୍ଚ ଏବଂ ପରୀକ୍ଷା କରିବା ଏବଂ ଦେଶ ଭିତରେ ଯେ କୌଣସି ରାଜ୍ୟର ମହିଳାମାନଙ୍କର ସ୍ଥିତି ବୃଦ୍ଧି କରିବା ପାଇଁ ନିୟମକୁ ପ୍ରଭାବଶାଳୀ ଉପାୟରେ ଲାଗୁ କରିବା।

୨) ମହିଳାମାନଙ୍କ ଅଧିକାରର ହାନି/କ୍ଷତି ଏବଂ ମହିଳାମାନଙ୍କ ସମ୍ପର୍କିତ ନିୟମକୁ ଲାଗୁ ନକରିବା ଭଳି ପ୍ରସଙ୍ଗ ଉପରେ ନିୟମିତ ଭାବରେ ଯାଞ୍ଚ କରିବା।

୩) ମହିଳାମାନଙ୍କ କଲ୍ୟାଣକୁ ନିଶ୍ଚିତ କରିବା ଏବଂ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବା।

### ୧.୩.୬: ନାରୀବାଦୀ ଆନ୍ଦୋଳନର ଉଦ୍ଦେଶ୍ୟ ସମୂହ

ନାରୀବାଦୀ ଆନ୍ଦୋଳନରେ ମହିଳାମାନଙ୍କର ଭାଗିଦାରୀତା ଚାରୋଟି କାରଣରୁ ହୋଇଥାଏ। ସେଗୁଡ଼ିକ ହେଉଛି:

୧) ସମସ୍ତ ବର୍ଗର ମହିଳା, ଯେଉଁମାନଙ୍କ ମଧ୍ୟରେ ଆଦିବାସୀ, କୃଷକ ଏବଂ ଶିଳ୍ପୋଦ୍ୟୋଗ କର୍ମଚାରୀ ସାମିଲ ହୋଇଥାନ୍ତି, ସେ ସମସ୍ତେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଅଧିକାର ପାଇବା।

୨) ମହିଳାମାନଙ୍କ ପାଇଁ ଏକ ସ୍ଥିର କାର୍ଯ୍ୟକ୍ଷେତ୍ର ପରିବେଶ ଏବଂ ସ୍ୱୟଂଚାଳିତ ହେବାର ଗ୍ୟାରେଣ୍ଟି ପ୍ରଦାନ।

୩) ସମାନ କାର୍ଯ୍ୟ ପାଇଁ ସମାନ ପ୍ରାପ୍ୟ।

୪) ବିଭିନ୍ନ ପ୍ରସଙ୍ଗ ଯାହାଦ୍ୱାରା ପୁରୁଷ ଓ ଶିଶୁ ମଧ୍ୟ ପ୍ରଭାବିତ ହୋଇଥାନ୍ତି, ଯେମିତିକି ଗର୍ଭପାତ, ପୋଷ୍ୟ ସନ୍ତାନ ଗ୍ରହଣ, ଯୌନ ଉତ୍ପୀଡ଼ନ ଓ ତାହାର ସମାଧାନ।

୫) ପୈତୃକ ଧାର୍ମିକ ପ୍ରଥାକୁ ଆହ୍ୱାନ ଦେବା।

୬) ଧାର୍ମିକ ଭିନ୍ନତାକୁ ସମ୍ମାନ ପ୍ରଦାନ।

୭) ପରିବାର ଭିତରେ ମହିଳାମାନଙ୍କର ଦାରିଦ୍ର୍ୟ ଏବଂ ସୁରକ୍ଷାହୀନତା ଭୟକୁ କମ୍ କରିବା।

## ୧.୪: ଭାରତୀୟ ଆନ୍ଦୋଳନର ଏକ ସମାଲୋଚନା

ଭାରତରେ ନାରୀବାଦୀ ଆନ୍ଦୋଳନ ଅଲଗା ଭାବରେ କରାଯାଇ ନଥିଲା। ତେବେ, ଏହା ଅନ୍ୟ ସାମାଜିକ ଆନ୍ଦୋଳନ ସହିତ ସମ୍ମିଳିତ ଭାବରେ କରାଯାଇଥିଲା। ଏଣୁ ଭାରତରେ ନାରୀବାଦୀ ଆନ୍ଦୋଳନକୁ ବ୍ୟାପକ ଭାବେ ଏହିଭଳି ବର୍ଗୀକୃତ କରାଯାଇପାରେ:

### ୧.୪.୧: ସାମାଜିକ ସଂସ୍କାର ପର୍ଯ୍ୟାୟ

ବୈଦିକ ଯୁଗରେ ମହିଳାମାନଙ୍କର ସାମାଜିକ ସ୍ଥିତି ସମାନ ଥିଲା। ମହିଳାମାନଙ୍କ ପ୍ରତି ଉତ୍ପୀଡ଼ନ ଊନବିଂଶ ଶତାବ୍ଦୀ ବେଳକୁ ବାଲ୍ୟ ବିବାହ, ସତୀ, ବାଧ୍ୟତାମୂଳକ ବିଧବା, ଦେବଦାସୀ ବ୍ୟବସ୍ଥା ଏବଂ ଯୌତୁକ ପ୍ରଥା ଆକାରରେ ଆରମ୍ଭ ହେଲା। ଅନେକ ସମାଜ ସଂସ୍କାରକ ଯଥା ରାଜା ରାମମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର, ମହାଦେବ ଗୋବିନ୍ଦ ରାନାଡେ, ବେହରାମଜୀ ମାଲବାରୀ ପ୍ରମୁଖ ଧାର୍ମିକ ଏବଂ ସାମାଜିକ ପ୍ରଥା ବିରୋଧରେ ସେମାନଙ୍କର ସ୍ୱର ଉତ୍ତୋଳନ କରିଥିଲେ। ସଂସ୍କାରକମାନେ ସତୀ, ବାଲ୍ୟ ବିବାହ ବିରୋଧରେ ଏବଂ ବିଧବା ପୁନର୍ବିବାହ ଏବଂ ଝିଅମାନଙ୍କ ଭିତରେ ଶିକ୍ଷାକୁ ବ୍ୟାପକ କରିବା ନିମନ୍ତେ ନିୟମ ପ୍ରବର୍ତ୍ତନ କରିବାକୁ ବ୍ରିଟିଶ ସରକାରଙ୍କୁ ପ୍ରଭାବିତ କରିଥିଲେ। ରାଜା ରାମମୋହନ ରାୟ ମହିଳାମାନଙ୍କ ଶିକ୍ଷା, ବିଧବା ପୁନର୍ବିବାହ ଏବଂ ଅନ୍ୟ ଜାତିରେ ବିବାହକୁ ସମର୍ଥନ କରୁଥିଲେ। ଅଧିକାଂଶ ମହିଳା ସଂସ୍କାରକ ଏହି ନାରୀବାଦୀ ଆନ୍ଦୋଳନର ଅଂଶବିଶେଷ ଥିଲେ। ସେମାନଙ୍କ ଭିତରେ ଥିଲେ ମହର୍ଷି କାର୍ଭେ (ପୁନେ), ପଣ୍ଡିତ ରମାବାଇ (ମୁମ୍ବାଇ), ସୁବୁଲକ୍ଷ୍ମୀ (ଚେନ୍ନାଇ) ଏବଂ ଜ୍ୟୋତିବା ଫୁଲେ ଏବଂ ସାବିତ୍ରୀ ଫୁଲେ (ପୁନେ)। ଆନି ବେଶାନ୍ତ ବ୍ରାହ୍ମବିଦ୍ୟା ଆନ୍ଦୋଳନ (ଥିଓସୋଫିକାଲ ମୁଭ୍‌ମେଣ୍ଟ୍)ର ମୂଳଦୁଆ ପକାଇବାରେ ସହାୟିକା ରୂପେ କାର୍ଯ୍ୟ କରିଥିଲେ, ଯାହା ବାଲ୍ୟ ବିବାହ ଏବଂ ଶିଶୁମାନଙ୍କର ପୁନର୍ବିବାହ ଏବଂ ନାରୀ ଶିକ୍ଷା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ। ସେ ମଧ୍ୟ ୧୯୧୭ରେ ଭାରତୀୟ ମହିଳା ସଂଗଠନ (ଡବ୍ଲ୍ୟୁଆଇଏ) ସ୍ଥାପନ କରିଥିଲେ ଯାହା ବିଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କର ପ୍ରତିନିଧିତ୍ୱ ପାଇଁ କାମ କରୁଥିଲା।

### ୧.୪.୨: ସ୍ୱାଧୀନତା ଆନ୍ଦୋଳନ ପର୍ଯ୍ୟାୟ

ଊନବିଂଶ ଶତାବ୍ଦୀ ପରେ ସାମାଜିକ ସୁଧାର କ୍ଷେତ୍ରରେ ଶିକ୍ଷାର ବ୍ୟାପକତା ମହିଳାମାନଙ୍କ ମଧ୍ୟରେ ଅଧିକ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ସ୍ୱଦେଶୀ ଆନ୍ଦୋଳନ ଭାରତ ଛାଡ଼ ଆନ୍ଦୋଳନରେ ମହିଳାମାନେ ସମ୍ପୃକ୍ତ ହେବା ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନରେ ମହିଳାମାନଙ୍କ ଭାଗିଦାରୀ ବୃଦ୍ଧି ପାଇବାରେ ଲାଗିଲା। ସୁଭାଷ ଚନ୍ଦ୍ର ବୋଷଙ୍କ ଭାରତୀୟ ଜାତୀୟ ସମର ବାହିନୀ ମହିଳାମାନଙ୍କ ନିମନ୍ତେ ଝାନ୍‌ସୀ ରାଣୀ ନାମରେ ଏକ ରେଜିମେଣ୍ଟ୍ ଗଠନ କରାଯାଇଥିଲା।

ମହିଳାମାନଙ୍କୁ ସେବିକା କାର୍ଯ୍ୟ, ସମାଜ ସେବା ଏବଂ ରାଇଫଲ, ରିଭଲଭର, ମେସିନ୍ ଗନ୍, ଖଣ୍ଡା ଏବଂ ଡାଗର ଚଳେଇବା ନିମନ୍ତେ ତାଲିମ୍ ପ୍ରଦାନ କରାଗଲା। ମହିଳାମାନଙ୍କ ସ୍ୱତନ୍ତ୍ର ରେଜିମେଣ୍ଟ୍ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଥିଲା।

ସ୍ୱାଧୀନତା ପାଇଁ ସଂଘର୍ଷ ମହିଳା ଏବଂ ପୁରୁଷଙ୍କ ଭିତରେ ସମାନତା ସୃଷ୍ଟି କରିବ ବୋଲି ଯେଉଁ ଅନୁମାନ କରା ଯାଇଥିଲା ଗୋବିନ୍ଦ କେଲକର (୧୯୮୪), ତାହାକୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ ମହିଳାମାନେ ସ୍ୱାଧୀନତା ପାଇଁ ସଂଗ୍ରାମ ନିମନ୍ତେ ଏକାଠି ହୋଇଛନ୍ତି କାରଣ ସେମାନଙ୍କୁ ଅହିଂସା ସଂଗ୍ରାମରେ ଭାଗ ନେଇ ତାହାକୁ କାର୍ଯ୍ୟରେ ପରିଣତ କରିବା ସୁବିଧାଜନକ ଥିଲା। ସ୍ୱାଧୀନତା ଆନ୍ଦୋଳନ ମହିଳାମାନେ କମ୍ରେଡ୍ ଅପେକ୍ଷା ବେଶୀ ସହାୟିକାର ଭୂମିକା ନିର୍ବାହ କରୁଥିଲେ।

ମହାତ୍ମା ଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ନେତାମାନେ କିନ୍ତୁ ଘରୋଇ ମହିଳାମାନଙ୍କର ସାମାଜିକ ସ୍ଥିତି ପ୍ରତି କ୍ଷତିନକରି ସ୍ୱାଧୀନତା ସଂଗ୍ରାମରେ ମହିଳାମାନଙ୍କ ଭାଗୀଦାରିତାକୁ ପ୍ରୋତ୍ସାହିତ କରୁଥିଲେ।

**୧.୪.୩: ଭାରତୀୟ ସଂସ୍କାରକମାନଙ୍କ ଦ୍ୱାରା ସମାଜ ସଂସ୍କାର**

ଭାରତ ଏକ ପାରମ୍ପରିକ ଦେଶ। ସ୍ଥିର ଭାବେ ରହିଥିବା ପାରମ୍ପରିକ ସଂସ୍କୃତି ଯୋଗୁଁ ଯନ୍ତ୍ରଣା ଭୋଗିବାର କାରଣ ହେଉଛି ବ୍ରିଟିଶ୍‌ମାନଙ୍କ ଆକ୍ରମଣ। ଅନ୍ୟ ପକ୍ଷରେ, ଭାରତ ଏବେ ବି ପାରମ୍ପରିକ ସମାଜରୁ ମୂଳୋତ୍ପାଟନ ନିମନ୍ତେ ଏବଂ ଏକ ନୂଆ ରାଷ୍ଟ୍ର ରୂପରେ ମୁଣ୍ଡ ଟେକିବା ପାଇଁ ପ୍ରୟାସ ଜାରି ରଖିଛି। ଭାରତର ପ୍ରଶାସନ ବିଧି ବ୍ୟବସ୍ଥା, ବାଣିଜ୍ୟ, ଯୋଗାଯୋଗର ନେଟ୍‌ୱର୍କ୍, ଉଦ୍ୟୋଗୀକରଣ ଏବଂ ସହରୀକରଣ ସମ୍ପୂର୍ଣ୍ଣ ଭାବେ ବ୍ରିଟିଶ୍‌ମାନଙ୍କ ଦ୍ୱାରା ପ୍ରଭାବିତ ହୋଇଛି। ବ୍ରିଟିଶ୍ କେବଳ ପାରମ୍ପରିକ ସମାଜକୁ ପ୍ରଭାବିତ କରି ନାହାନ୍ତି, ସେମାନେ ଭାରତର ଜନ୍ମଜାତ ପାରମ୍ପରିକ ସଂସ୍କୃତିକୁ ମଧ୍ୟ ପ୍ରଭାବିତ କରିଛନ୍ତି। ସଂସ୍କୃତିରେ ଏହି ନବୋଦିତ ପରିବର୍ତ୍ତନ କାରଣରୁ ସଂସ୍କାରକ ମାନେ ଜାଣିଶୁଣି ନୂତନ ପରିସ୍ଥିତି ଆଡ଼କୁ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ ଏବଂ ପକ୍ଷ ରଖିଥିଲେ ଯେ ବିଚାରପୂର୍ଣ୍ଣ ପରିବର୍ତ୍ତନ ଭାରତର ପାରମ୍ପରିକ ସାଂସ୍କୃତିକ ଐତିହ୍ୟକୁ ବଜାୟ ରଖିବ। ଏହି ସାମାଜିକ ଏବଂ ଧାର୍ମିକ ସଂସ୍କାର ଆନ୍ଦୋଳନ ଭାରତୀୟମାନଙ୍କର ସମସ୍ତ ସମ୍ପ୍ରଦାୟ ମଧ୍ୟରେ ଦେଖିବାକୁ ମିଳିଥିଲା। ସମାଜ ସଂସ୍କାରକମାନେ ଜାତି ଏବଂ ଛୁଆଁ ଅଛୁଆଁ ଭେଦଭାବ, ପରଦା ପ୍ରଥା, ସତୀ, ବାଲ୍ୟ ବିବାହକୁ ଉଚ୍ଛେଦ କରିବା ଏବଂ ନାରୀ ଶିକ୍ଷା ଏବଂ ସାମାଜିକ ସମାନତାକୁ ପ୍ରବର୍ତ୍ତନ କରିବା ପାଇଁ କାର୍ଯ୍ୟ କରୁଥିଲେ। ୧୯୨୯ ମସିହାରେ ସତୀ ପ୍ରଥାକୁ ଉଚ୍ଛେଦ କରିବା ପାଇଁ ରାଜା ରାମମୋହନ ରାୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ।

**୧.୪.୪: ଭାରତୀୟ ନାରୀଙ୍କ ଶିକ୍ଷା ପାଇଁ ମହିଳା ଆନ୍ଦୋଳନ**

ଊନବିଂଶ ଶତାବ୍ଦୀର ପ୍ରାରମ୍ଭିକ ସମୟରେ ମହିଳାମାନଙ୍କ ପାଇଁ ଶିକ୍ଷା ଗ୍ରହଣ କରିବା ମନା ଥିଲା। ଅଧିକାଂଶ ଲୋକ ବିଶ୍ୱାସ କରୁଥିଲେ ଯେ ଯଦି ମହିଳାମାନେ ଉତ୍ତମ ରୂପେ ଶିକ୍ଷିତ ହୋଇଯିବେ, ସେମାନେ ସେମାନଙ୍କର ବୈବାହିକ ଜୀବନକୁ ନଷ୍ଟ କରିଦେବେ ଏବଂ ସେମାନଙ୍କ ସ୍ୱାମୀମାନଙ୍କ କଥା ମାନିବେ ନାହିଁ କିମ୍ବା ସେମାନଙ୍କ ପ୍ରତି ବିଶ୍ୱସ୍ତ ହୋଇ ରହିବେ ନାହିଁ। ମହିଳାମାନେ କିପରି ସେମାନଙ୍କର ପାରିବାରିକ ଦାୟିତ୍ୱକୁ ଭଲଭାବେ ତୁଲାଇବେ ତଥା ଗୃହସ୍ଥି ଚଲେଇବେ, ତାହା ଉପରେ ବେଶୀ ଗୁରୁତ୍ୱ ଦିଆଯାଉଥିଲା। ଊନବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଯେତେବେଳେ ଭାରତୀୟ ସଂସ୍କାରକଙ୍କ ସମେତ ଔପନିବେଶ ସରକାର ମହିଳାମାନେ ଶିକ୍ଷିତ ହେବା ଉଚିତ୍ ଏବଂ ସାଧାରଣରେ ତାଙ୍କର କିଛି ଭୂମିକା ରହିବା ପ୍ରସଙ୍ଗ ଉପରେ ରାଜି ହେଲେ ସେତେବେଳେ ଭାରତୀୟ ମହିଳାମାନଙ୍କ ଜୀବନରେ ଉତ୍‌ଥାନ ପରିଦୃଶ୍ୟ ହେଲା। ପଣ୍ଡିତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଭାରତୀୟ ନାରୀତ୍ୱ ଉପରେ ରହିଥିବା ଗଭୀର ସଂକଟ ଉପରେ ସହାନୁଭୂତିଶୀଳ ହୋଇ ଦୁଃଖ ପ୍ରକାଶ କରିଥିଲେ ଏବଂ ମହିଳା ଶିକ୍ଷା ଉପରେ ତତ୍କାଳ ଆଲୋକପାତ କରିବର ବହ୍ନି ପ୍ରଜ୍ୱଳିତ କରିଥିଲେ। ବ୍ରିଟିଶ୍ ସରକାର ଭାରତୀୟ ମହିଳା ମାନଙ୍କର ପ୍ରଗତିର ଉତ୍‌ଥାନ ନିମନ୍ତେ କିଛି ମହିଳାଭିତ୍ତିକ କଲ୍ୟାଣମୂଳକ କାର୍ଯ୍ୟ କରିଥିଲେ।

ପଣ୍ଡିତା ରମାବାଈ ଏବଂ ରାସ ସୁନ୍ଦରୀ ଦେବୀ ମହିଳାମାନଙ୍କ ଶିକ୍ଷା ଏବଂ ବାଲ୍ୟ ବିବାହ ସମ୍ପର୍କିତ ପ୍ରସଙ୍ଗକୁ ଉଠେଇ ଥିଲେ। ମହିଳାମାନଙ୍କ ମଧ୍ୟରେ ଶିକ୍ଷାର ସ୍ଥିତିକୁ ଉନ୍ନତ କରିବା ପାଇଁ ୧୮୧୬ରେ କାଲକାଟା ସ୍କୁଲ ସୋସାଇଟି ସ୍ଥାପନ କରାଯାଇଥିଲା। ଅଧିକାଂଶ ଚର୍ଚ୍ଚର ମିଶନାରୀମାନେ ସାରା ଭାରତବର୍ଷରେ ସ୍କୁଲ ଏବଂ ଶିକ୍ଷାନୁଷ୍ଠାନ ଖୋଲିଥିଲେ ଏବଂ ଦକ୍ଷିଣ ଭାରତରେ ଏହା ଅଭୂତପୂର୍ବ ସଫଳତା ପାଇଥିଲା। ମହିଳା ଶିକ୍ଷା ଏହାର ପକ୍ଷ ବିସ୍ତାର କରିବା ଆରମ୍ଭ କରିଥିଲା। ଏହି ଶତାବ୍ଦୀର ବିଳମ୍ବିତ ଅର୍ଦ୍ଧଭାଗରେ ମହିଳାମାନେ ସ୍ୱାଧୀନତା ଏବଂ ନିଜର ଅଧିକାର ସାବ୍ୟସ୍ତ କରିବାର ଆଦର୍ଶ ପ୍ରତୀକ ପାଲଟିବାର ସାକ୍ଷୀ ପାଲଟି ଥିଲା। କାମିନୀ ରାୟ, ପଣ୍ଡିତା ରମାବାଈ, ରାସ ସୁନ୍ଦରୀ ଦେବୀ ସେହି ସମୟର ନୂତନ ମହିଳାମାନଙ୍କ କ୍ଷେତ୍ରରେ ପ୍ରମୁଖ ଉଦାହରଣ ଥିଲେ।

### **୧.୪.୫ ଭାରତରେ ସାମାଜିକ ସଂସ୍କାର**

ଭାରତରେ ସାମାଜିକ ସଂସ୍କାରକୁ ବ୍ୟାପକ ଭାବେ ବର୍ଗୀକୃତ କରାଯାଇଛି-

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟ-

ଭାରତରେ ନାରୀ ଆନ୍ଦୋଳନ ଏକ ସାମାଜିକ ସଂସ୍କାର ଭାବେ ଆରମ୍ଭ ହୋଇଥିଲା। ଧନୀକ ଗୋଷ୍ଠୀ ସେମାନଙ୍କର ପାଶ୍ଚାତ୍ୟ ବିଚାରଧାରାର ସ୍ୱାଧୀନତା ଏବଂ ସମାନତା ସମ୍ପର୍କରେ ଭଲ ଭାବେ ଅବଗତ ଥିଲେ। ପାଶ୍ଚାତ୍ୟ ସମାଜ ତୁଳନାରେ ଭାରତୀୟ ମହିଳାମାନେ ଲିଙ୍ଗଗତ ଅନ୍ୟାୟ ବିରୋଧରେ ଲଢ଼ିବାର କ୍ଷମତା ଗଠନରେ ଦୁର୍ବଳ ଥିଲେ। ସେମାନଙ୍କର ପ୍ରଚାର କରିବା ପାଇଁ ଏକମାତ୍ର ଉପାୟ ଛାପା ମାଧ୍ୟମ ଥିଲା। ଅଷ୍ଟାଦଶ ଶତକର ଲେଖକମାନେ ସେମାନଙ୍କ ଲେଖା ମାଧ୍ୟମରେ, କବିତା, କ୍ଷୁଦ୍ରଗଳ୍ପ ଇତ୍ୟାଦି ରୂପରେ ମହିଳା ମାନଙ୍କର ଉତ୍ଥାନ ଏବଂ ସଜାଡ଼ିବା ଉପରେ ଧ୍ୟାନ ଦେଇଥିଲେ। ଏହିସବୁ ଲେଖା ମହିଳାମାନଙ୍କ ସ୍ଥିତିରେ ଅଳ୍ପ କିଛି ପରିବର୍ତ୍ତନ ଆଣିଲା, ଯଦିଓ ଏହା ବହୁତ କମ୍ ଥିଲା, ତଥାପି ସେମାନେ ଆଗକୁ ଆସିଲେ ଏବଂ ନିଜ ପାଇଁ ଠିଆ ହେଲେ। ମହିଳାମାନେ ଏହି ସଂସ୍କାର ପ୍ରକ୍ରିୟା ପାଇଁ ଅବଦାନ ଦେବା ଆରମ୍ଭ କଲେ। ଭାରତରେ ନାରୀ ଆନ୍ଦୋଳନ ତିନିଟି ସ୍ତର ସୃଷ୍ଟି କରୁଥିବା ଦେଖିବାକୁ ମିଳିଲା। ପ୍ରଥମତଃ ଜାତୀୟ ଆନ୍ଦୋଳନ ସମୟରେ ଯେତେବେଳେ ମହିଳାମାନେ ଜାତୀୟ ଆନ୍ଦୋଳନରେ ଭାଗ ନେବା ପାଇଁ ଏକତ୍ରିତ ହେଲେ। ୧୯୬୦ପରବର୍ତ୍ତୀ କାଳରେ ମହିଳାମାନଙ୍କ ରାଜନୈତିକ କାର୍ଯ୍ୟକଳାପରେ ପୁନରୁତ୍ଥାନ ଦେଖିବାକୁ ମିଳିଲା ଏବଂ ତାହାକୁ ଦ୍ୱିତୀୟ ସ୍ତର ବୋଲି କୁହାଗଲା।

ବିଳମ୍ବିତ ୧୯୭୦ରେ ନାରୀ ଆନ୍ଦୋଳନରେ ତୃତୀୟ ସ୍ତର ମୁଣ୍ଡ ଟେକିଥିଲା ଯାହା ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରିଥିଲା। ଯେତେବେଳେ ମହିଳାମାନେ ନିଜ ଭିତରେ ସଂସ୍କାର ଆଣିବାକୁ ଆରମ୍ଭ କଲେ, ସେମାନେ ସେମାନଙ୍କର ନିଜସ୍ୱ ସ୍ଥିତି ପାଇଁ ଲଢ଼ିବାକୁ ଚେଷ୍ଟା କଲେ। ସେମାନେ ବିକାଶର ସମସ୍ତ କ୍ଷେତ୍ରଉପରେ ସେମାନଙ୍କର ଚେଷ୍ଟାକୁ ଜାରିରଖିଲେ। ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିବା ପ୍ରସଙ୍ଗ ହେଉଛି:

୧) ଜାତୀୟ ଆନ୍ଦୋଳନରେ ଭାଗୀଦାରିତା

୨) ମହିଳାମାନଙ୍କର ରାଜନୈତିକ କାର୍ଯ୍ୟକଳାପର ପୁନରୁଦ୍ଧାର

୩) ମହିଳା ସଶକ୍ତିକରଣ

୪) ସ୍ୱାଧୀନତା ସଂଗ୍ରାମରେ ଭୂମିକା

ସ୍ୱାଧୀନୋତ୍ତର ସମୟ-

କିଛି ବିଦ୍ୱାନ୍ ବ୍ୟକ୍ତିଙ୍କ ମତରେ, ସ୍ୱାଧୀନତା ପରେ ଯେଉଁ ନାରୀ ଆନ୍ଦୋଳନ ୧୯୪୭ରୁ ଆରମ୍ଭ ହୋଇ ୧୯୮୫ ପର୍ଯ୍ୟନ୍ତ ଚାଲିଥିଲା, ତାହାକୁ ତୃତୀୟ ପର୍ଯ୍ୟାୟ ବୋଲି କୁହାଯାଏ। ଏହାକୁ ଜରୁରୀକାଳୀନ ପୂର୍ବ ଏବଂ ଜରୁରୀକାଳୀନ ପର ସମୟ ଭାବେ ବିଭାଜିତ କରାଯାଇଥିଲା। ୧୯୮୫ ପରେ ଏହାକୁ ସମସାମୟିକ ନାରୀବାଦ ବୋଲି କୁହାଯାଏ। ଏହି ତୃତୀୟ ପର୍ଯ୍ୟାୟ ସମୟ ଭାରତୀୟ ସମ୍ବିଧାନ ଗଠନ କରିବାର ସମୟ ଥିଲା, ଯେଉଁଥିରେ ଜୀବନର ସମସ୍ତ ଦୃଷ୍ଟିକୋଣରୁ ପୁରୁଷ ଏବଂ ମହିଳାମାନଙ୍କ ସମାନତା ପାଇଁ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା। ଗଠିତ ସମ୍ବିଧାନରେ, ଭାରତୀୟ ସମ୍ବିଧାନରେ ଧାରା ୧୪ରେ ଉଲ୍ଲେଖ କରାଯାଇଛି ଯେ, ଯେ କୌଣସି ଲିଙ୍ଗ ନିର୍ବିଶେଷରେ ସମସ୍ତ ନାଗରିକ ସମାନ। ଭାରତୀୟ ସମ୍ବିଧାନର ଧାରା ୧୪ ଅନୁସାରେ, ଯିଏ 'ରାଷ୍ଟ୍ର ନିୟମ ଅନୁସାରେ କୌଣସି ବ୍ୟକ୍ତିର ସମାନତାକୁ ମନା କରି ପାରିବ ନାହିଁ କିମ୍ବା ଭାରତର ସୀମା ଭିତରେ ସମସ୍ତଙ୍କୁ ସମାନ ସୁରକ୍ଷା ମିଳିବ। ମହିଳାମାନେ ଏହା ବୁଝିବାକୁ ଆରମ୍ଭ କଲେ ଯେ 'ସମାନତା ପାଇଁ ସମ୍ବିଧାନର ପ୍ରତିଜ୍ଞା' ଯେ କୌଣସି ପ୍ରସଙ୍ଗର ସମାଧାନ ଆପେ ଆପେ କରି ପାରିବ ନାହିଁ, ବିଶେଷତଃ ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ରାଷ୍ଟ୍ରରେ।

ସ୍ୱାଧୀନତା ପରେ ନାରୀବାଦୀ ଆନ୍ଦୋଳନକୁ ନେଇ ସାପେକ୍ଷିକ ଭାବେ ଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା, କାରଣ ମହିଳାମାନଙ୍କୁ ସ୍ଥାନ ଦେବା ପାଇଁ ନୂଆ ଉଦ୍ୟମ ଆରମ୍ଭ ହୋଇଥିଲା। ଏଆଇଡବ୍ଲ୍ୟୁସି ଶିକ୍ଷାନୁଷ୍ଠାନ ଏବଂ ଆବାସିକ ସ୍ଥଳୀ (ହଷ୍ଟେଲ)ରେ ମହିଳାମାନଙ୍କ ସୁରକ୍ଷା ଏବଂ ରକ୍ଷା ପାଇଁ କାର୍ଯ୍ୟ ଆରମ୍ଭ କରିଦେଲା। କିଛି ମହିଳା ଏଆଇଡବ୍ଲ୍ୟୁସିରୁ ଅଲଗା ହୋଇଗଲେ ଏବଂ ୧୯୫୪ରେ ଜାତୀୟ ଭାରତୀୟ ମହିଳା ସଂଘ (ଏନ୍ଏଫ୍ଆଇଡବ୍ଲ୍ୟୁ) ଗଠନ କରିଥିଲେ ଯାହା ଏକ ଦଳ ଭିତରେ ଏବଂ ଦଳ ଦ୍ୱାରା ପରିଚାଳିତ ଟ୍ରେଡ୍ ୟୁନିଅନ୍ ପାଇଁ ଏକ ମଞ୍ଚ ହେଲା। ଅଧିକାଂଶ ରାଜନୈତିକ ଦଳ ମହିଳାମାନଙ୍କ ମୁକ୍ତ ମୋର୍ଚ୍ଚାକୁ ବଜାୟ ରଖିଲେ। କଂଗ୍ରେସର ମହିଳା କଂଗ୍ରେସ ପ୍ରାଥମିକ ଭାବେ ଦଳର ଶୋଭାଯାତ୍ରା ପାଇଁ ମହିଳାମାନଙ୍କୁ ଏକତ୍ରିତ କରିବା କାର୍ଯ୍ୟରେ ଲିପ୍ତ ରହିଲା।

## ୧.୫: ଆସ ପ୍ରଗତି ମାପିବା

୧. ଜାତିଗତ ବିଭେଦ କ'ଣ ? ସମାଜରେ କିପରି ଅସମାନତା ଏବଂ ଅଧୀନତା ସୃଷ୍ଟି ହୋଇପାରେ ?

-------------------------------------------------------------------------
-------------------------------------------------------------------------
-------------------------------------------------------------------------
----------------------------------

୨. ନାରୀବାଦକୁ ବ୍ୟାଖ୍ୟା କର। ନାରୀବାଦୀ ଆନ୍ଦୋଳନଗୁଡ଼ିକ କାହିଁକି ଆବଶ୍ୟକ ହୋଇଥାଏ ?

-------------------------------------------------------------------------
-------------------------------------------------------------------------
-------------------------------------------------------------------------
----------------------------------

୩. ବିଭିନ୍ନ ସାମାଜିକ ଆନ୍ଦୋଳନରେ ଗଣମାଧ୍ୟମର ବିଭିନ୍ନ ପ୍ରକାର ବ୍ୟବହାର ସମ୍ପର୍କରେ ବର୍ଣ୍ଣନା କର।

-------------------------------------------------------------------------
-------------------------------------------------------------------------
-------------------------------------------------------------------------
----------------------------------

୪. ସାମାଜିକ ଆନ୍ଦୋଳନର ଆବଶ୍ୟକତା କାହିଁକି ରହିଛି ? ଭାରତ ଭଳି ଏକ ଦେଶ ଯେଉଁଠାରେ ଏକତା ଏବଂ ଭିନ୍ନତା ରହିଛି, ସେଠାରେ ଏହା କାହିଁକି ଆବଶ୍ୟକ ?

-------------------------------------------------------------------------
-------------------------------------------------------------------------
-------------------------------------------------------------------------
----------------------------------

୫. କାହିଁକି ସାମାଜିକ ମାଧ୍ୟମ ବର୍ତ୍ତମାନ ଏତେ ଲୋକପ୍ରିୟ ହୋଇପାରିଛି ? କେଉଁ ସାମାଜିକ ଗଣମାଧ୍ୟମକୁ ତୁମେ ପସନ୍ଦ କର ଏବଂ କାହିଁକି ?

----------------------------------------------------------------

----------------------------------------------------------------

------------------------------

୬. ରାଜନୈତିକ ଏବଂ ସାମାଜିକ ପରିବର୍ତ୍ତନ ଗତିଶୀଳତାକୁ କିପରି ଗତିଶୀଳ କରିଥାଏ ? ସାମାଜିକ ପରିବର୍ତ୍ତନର କାରଣ ହୋଇଥିବା ଯେ କୌଣସି ନାରୀବାଦ ଆନ୍ଦୋଳନର ନାମ ଉଲ୍ଲେଖ କର।

----------------------------------------------------------------

----------------------------------------------------------------

----------------------------------------------------------------

------------------------------

# ୟୁନିଟ୍ – ୨:  ଗଣମାଧ୍ୟମ ଏକ ବୈଚାରିକ ସରଞ୍ଜାମ

୨.୦: ବିଷୟର ଗଠନ

୨.୧: ପଠନର ଉଦ୍ଦେଶ୍ୟ

୨.୨: ଗଣମାଧ୍ୟମ ଏବଂ ଯୁବଗୋଷ୍ଠୀର ପ୍ରଭାବ

୨.୨.୧: ଗଣମାଧ୍ୟମ ଏବଂ ସାମାଜିକ ମାଧ୍ୟମ

୨.୨.୨: ଗଣମାଧ୍ୟମର ପ୍ରଭାବ

୨.୨.୩: ଯୁବ ଗୋଷ୍ଠୀଙ୍କ ଉପରେ ଗଣମାଧ୍ୟମର ପ୍ରଭାବ

୨.୩: ବ୍ୟବହାର, ସମବର୍ଗୀ ଗୋଷ୍ଠୀର ପ୍ରଭାବ

୨.୩.୧: ସମବର୍ଗୀ ଗୋଷ୍ଠୀ

୨.୩.୨: ସମବର୍ଗୀ ଗୋଷ୍ଠୀ ଏବଂ କିଶୋରାବସ୍ଥା

୨.୩.୩: ସମବର୍ଗୀ ଗୋଷ୍ଠୀର ପ୍ରଭାବ ଏବଂ ସାମାଜିକ ପରିବର୍ତ୍ତନ

୨.୪: ପରାମର୍ଶର ଆବଶ୍ୟକତା

୨.୪.୧: ପରାମର୍ଶ କ'ଣ ?

୨.୪.୨: ପରାମର୍ଶର ଆବଶ୍ୟକତା

୨.୪.୩: କିଏ ପରାମର୍ଶ ଆବଶ୍ୟକ କରିଥାନ୍ତି ?

୨.୪.୪: ପରାମର୍ଶର ଫଳାଫଳ

୨.୫: ସମସ୍ୟା ଏବଂ କେସ୍ ଷ୍ଟଡିଜ୍‌ର ଅଧ୍ୟୟନ

୨.୬: ଗଣମାଧ୍ୟମ ଏବଂ ବାଳ ଅପରାଧ

୨.୬.୧: ବାଳ ଅପରାଧ କ'ଣ ?

୨.୬.୨: ବାଳ ଅପରାଧ ବ୍ୟବସ୍ଥା

୨.୬.୩: ଅପରାଧର କାରଣ

୨.୬.୪: ଅପରାଧର କାରଣ ସମୂହ

୨.୬.୫: ଗଣମାଧ୍ୟମ ଏବଂ ବାଳ ହିଂସା: ସଂଯୋଗର ସୂତ୍ର

୨.୬.୬: ବାଳ ଅପରାଧ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ

୨.୬.୭: ସାମାଜିକ ଗଣମାଧ୍ୟମର ହିଂସାକୁ ନିୟନ୍ତ୍ରିତ କରିବା ପାଇଁ ଉପାୟ

୨.୬.୮: ବାଳ ଅପରାଧକୁ ଟାଳିବା ପାଇଁ ସମାଧାନର ବାଟ

୨.୭: ଆସ ପ୍ରଗତି ମାପିବା

## ୨.୧: ପଠନର ଉଦ୍ଦେଶ୍ୟ

ଏହି ବିଷୟ ବର୍ଣ୍ଣନା କରିଛି

(୧) ଯୁବ ଗୋଷ୍ଠୀଙ୍କ ଉପରେ ଗଣମାଧ୍ୟମର ପ୍ରଭାବ; ଗଣମାଧ୍ୟମର ଉଭୟ ସକାରାତ୍ମକ ଏବଂ ନକାରାତ୍ମକ ପ୍ରଭାବକୁ ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି, ଏହାର ପରବର୍ତ୍ତୀ ଭାଗରେ ସମବର୍ଗୀ ଗୋଷ୍ଠୀ ଯେଉଁମାନେ କି କିଶୋର ଏବଂ ଯୁବକମାନଙ୍କ ମଧ୍ୟରେ ସାମାଜିକ ପରିବର୍ତ୍ତନ ସୃଷ୍ଟି କରିବାକୁ ପ୍ରଭାବିତ କରିଥାନ୍ତି, ତାହା ଉପରେ ଗୁରୁତ୍ୱାରୋପ କରାଯାଇଛି।

(୨) ପୁନଶ୍ଚ, ବାଳ ଅପରାଧ ଏବଂ ସେଗୁଡ଼ିକର କାରଣ ସମ୍ପର୍କରେ ମଧ୍ୟ ଅଧ୍ୟୟନ କରାଯାଇଛି। ଏହାର ସମାଧାନର ଆବଶ୍ୟକତା ଏବଂ ସେମାନଙ୍କୁ ସମ୍ଭାଳିବାର ଉପାୟ ସମ୍ପର୍କରେ ଆଲୋଚନା କରାଯାଇଛି।

## ୨.୨: ଗଣମାଧ୍ୟମ ଏବଂ ଯୁବ ଗୋଷ୍ଠୀର ପ୍ରଭାବ

ଗଣମାଧ୍ୟମ ହେଉଛି ଯୋଗାଯୋଗର ମୁଖ୍ୟ ମାଧ୍ୟମ ଯାହା ମହିଳା, କିଶୋର ଏବଂ ଯୁବକମାନଙ୍କର ଜୀବନ ଉପରେ ଅତ୍ୟଧିକ ପ୍ରଭାବ ପକାଇଥାଏ ଏବଂ ସେମାନଙ୍କୁ ଆଦର୍ଶଗତ ଭାବେ ପ୍ରଭାବିତ କରିଥାଏ। ଗଣମାଧ୍ୟମଗୁଡ଼ିକ କେବଳ ସେମାନଙ୍କର ଚିନ୍ତାଧାରାର ସ୍ତରକୁ ପ୍ରଭାବିତ କରିନଥାଏ, ଏହା ମଧ୍ୟ ସେମାନଙ୍କ ପୋଷାକ ପିନ୍ଧିବାର ଶୈଳୀ, ବ୍ୟବହାରର ଶୈଳୀ, ବଞ୍ଚିବାର ଶୈଳୀ ଏବଂ ଉପଲବ୍ଧିର ସ୍ତରକୁ ପ୍ରଭାବିତ କରିଥାଏ। ଟେଲିଭିଜନ୍, ରେଡିଓ, ସିନେମା ଏବଂ ଛାପା ସାମଗ୍ରୀ ଆକାରରେ ଗଣମାଧ୍ୟମ ତଥା ନୂତନ ଉଦ୍ଭାବନ ଯାହାକୁ ସାମାଜିକ ମାଧ୍ୟମ, ୱାର୍ଲ୍ଡ ୱାଇଡ୍ ୱେବ୍ କିମ୍ବା ଇଣ୍ଟରନେଟ୍ ବୋଲି କୁହାଯାଏ, ତାହା ବ୍ୟକ୍ତିମାନଙ୍କୁ ପରସ୍ପର ସହିତ ଏବଂ ବିଶ୍ୱ ସହିତ ଯୋଡ଼ିବାରେ ସାହାଯ୍ୟ କରେ। ଗଣମାଧ୍ୟମର ଏହି ପ୍ରଭାବ ଦର୍ଶକ ଏବଂ ଅଂଶଗ୍ରହଣକାରୀମାନଙ୍କ ଉପଲବ୍ଧିକୁ ବଦଳେଇ ଦେଇଥାଏ।

### ୨.୨.୧: ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ

ଗଣମାଧ୍ୟମରେ ସାଧାରଣ ଜନତାଙ୍କ ସହିତ ଯୋଗାଯୋଗ ନିମନ୍ତେ ବ୍ୟବହୃତ ହେଉଥିବା ସମସ୍ତ ଗଣମାଧ୍ୟମ ପ୍ରଯୁକ୍ତିକୁ ଅନ୍ତର୍ଭୁକ୍ତ କରାଯାଇଥାଏ। ୧୯୫୦ରେ ଉଦ୍ୟୋଗୀକରଣ ପରେ ଏହା ମୁଖ୍ୟତଃ ନିଜର ଲାଭ କଲା। ବିଭିନ୍ନ ପ୍ରସଙ୍ଗ ଏବଂ ଚିନ୍ତା ଉପରେ ଜନସାଧାରଣଙ୍କ ଉପଲବ୍ଧିକୁ ଆକାର ଦେବାରେ, ସୂଚନାକୁ ପ୍ରସାରଣ କରିବାରେ ଏବଂ ତାହାର ତର୍ଜମା କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ସାମ୍ପ୍ରତିକ ନବ ଉଦ୍ଭାବନ ଫଳରେ ସାମାଜିକ ମାଧ୍ୟମ ଅନ୍ୟାନ୍ୟ ମାଧ୍ୟମ ତୁଳନାରେ ଅଧିକ ପ୍ରଭାବଶାଳୀ ହୋଇ ପାରିଛି। ସାମାଜିକ ଗଣମାଧ୍ୟମ ସୂଚନାର ସ୍ଥାନାନ୍ତରଣରେ ସାହାଯ୍ୟ କରିଥାଏ ଏବଂ ଟେଲିଭିଜନ୍ ଓ ପାରମ୍ପରିକ ଛାପା ମାଧ୍ୟମ ତୁଳନାରେ ଏହା ବେଶ୍ ପ୍ରଭାବଶାଳୀ ଢଙ୍ଗରେ ଯୋଗାଯୋଗରେ ସାହାଯ୍ୟ କରିଥାଏ। ଉଭୟ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ସାମାଜିକୀକରଣରେ ସାହାଯ୍ୟ କରିଥାନ୍ତି।

ସାମାଜିକ ଗଣମାଧ୍ୟମ ସମାଜ ସହିତ ଏମିତି ସଂଶ୍ଳିଷ୍ଟ ହୋଇ ଯାଇଛି ଯେ, ପ୍ରକୃତ ପକ୍ଷେ ଯୁବ ଗୋଷ୍ଠୀ ଏବଂ କିଶୋରମାନେ ଏହା ବ୍ୟତୀତ ବଞ୍ଚିବା ଅସମ୍ଭବ ହୋଇ ପଡ଼ିଛି।

ଗୋଟିଏ ମାତ୍ର ସ୍ୱିଚ୍‌କୁ ଚିପି ଏହା ଯୋଗାଯୋଗ କ୍ଷେତ୍ରରେ ମାଧ୍ୟମ ସୃଷ୍ଟି କରିପାରିଥାଏ। ସାମାଜିକ ଗଣମାଧ୍ୟମ ଭାବ ବିନିମୟର ଆବଣ୍ଟନ ଏବଂ ସୂଚନା ହାସଲ କରିବା ନିମନ୍ତେ ଏକ ପରିସର ସୃଷ୍ଟି କରିଥାଏ।

**୨.୨.୨: ଗଣମାଧ୍ୟମର ପ୍ରଭାବ**

କିଶୋର ଏବଂ ଯୁବ ଗୋଷ୍ଠୀ ସେମାନଙ୍କର ଅଧିକାଂଶ ଫୁରସତ ସମୟକୁ ଗଣମାଧ୍ୟମ କିମ୍ବା ସାମାଜିକ ମାଧ୍ୟମ ବ୍ୟବହାର କରିବାରେ ବିତେଇ ଥାଆନ୍ତି। କିଶୋର ଏବଂ ଯୁବଗୋଷ୍ଠୀଙ୍କ ଉପରେ ଗଣମାଧ୍ୟମର ସକାରାତ୍ମକ ତଥା ନକରାତ୍ମକ ପ୍ରଭାବ ପଡ଼ିପାରେ। ଗଣମାଧ୍ୟମର ସକାରାତ୍ମକ ଦିଗ ହେଉଛି ପ୍ରଯୁକ୍ତିକୁ ଗ୍ରହଣ କରି ସଚେତନତା ସୃଷ୍ଟି କରିବା, ଜ୍ଞାନ ବୃଦ୍ଧି କରିବା ଏକ ବିଶେଷ ସମସ୍ୟା କିମ୍ବା ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ରୂପେ ବୁଝିବା, ସୂଚନାର ପ୍ରସାରଣ କରିବା ଏବଂ ଜନସାଧାରଣଙ୍କୁ ଶିକ୍ଷିତ କରିବା। ଗଣମାଧ୍ୟମ ଚ୍ୟାନେଲ୍‌ରେ କିଶୋର/କିଶୋରୀ ଯାହା ଦେଖନ୍ତି, ସେଥିରୁ ସେମାନେ ଲୋକମାନଙ୍କର ମତାମତକୁ ଗ୍ରହଣ କରନ୍ତି।

ସାମାଜିକ ମାଧ୍ୟମର ଆବିର୍ଭାବ ଘଟିବାରୁ, ଜିନିଷ, ମନୋବୃତ୍ତି, ଏବଂ ମତାମତକୁ ନେଇ ଯୁବ ଗୋଷ୍ଠୀଙ୍କର ଉପଲବ୍ଧି ବହୁ ପରିମାଣରେ ପରିବର୍ତ୍ତିତ ହୋଇଛି। ସେମାନେ ସେମାନଙ୍କର ପ୍ରିୟ ପ୍ରସିଦ୍ଧ ବ୍ୟକ୍ତିମାନଙ୍କର ଅଧୁନାତନ ଧାରାର ଷ୍ଟାଇଲ୍, ଫ୍ୟାସନ୍, ବ୍ୟବହାର ଏବଂ ମନୋବୃତ୍ତିକୁ ଅନୁସରଣ କରୁଛନ୍ତି। ଏଣୁ, କିଶୋର ଏବଂ ଯୁବ ଗୋଷ୍ଠୀଙ୍କ ଉପରେ ଗଣମାଧ୍ୟମର ପର୍ଯ୍ୟାପ୍ତ ପ୍ରଭାବ ରହିଛି।

**୨.୨.୩: ଯୁବ ଗୋଷ୍ଠୀଙ୍କ ଉପରେ ଗଣମାଧ୍ୟମର ପ୍ରଭାବ**

ଯୁବ ଗୋଷ୍ଠୀଙ୍କ ଉପରେ ଗଣମାଧ୍ୟମର ପ୍ରଭାବକୁ ତିନିଟି ପର୍ଯ୍ୟାୟରେ ବିଭକ୍ତ କରାଯାଇପାରେ:

୧. ଗଣମାଧ୍ୟମର ବ୍ୟବହାରିକ ପ୍ରଭାବ, ବ୍ୟକ୍ତିତ୍ୱ ବିକାର ଏବଂ ଶାରୀରିକ ବିକାର ଯଥା- ଆକ୍ରମଣ, ମୁହାଁମୁହିଁ କଥାବାର୍ତ୍ତା ହ୍ରାସ ପାଇବା ଏବଂ ଶିକ୍ଷାର ପ୍ରଭାବ ଇତ୍ୟାଦି ଏହା ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାଏ।

୨. ଗଣମାଧ୍ୟମର ମନୋଭାବଜନିତ ପ୍ରଭାବ, ଯାହା ମଧ୍ୟରେ ଅହଂକାରପୂର୍ଣ୍ଣ ବ୍ୟବହାର ଏବଂ ପ୍ରତିଶୋଧ ପରାୟଣ ପ୍ରବୃତ୍ତି, ନୀଚ କିମ୍ବା ଉଚ୍ଚ ଆତ୍ମସମ୍ମାନ ଅନ୍ତର୍ଭୁକ୍ତ ହୋଇଥାଏ।

୩. ଗଣମାଧ୍ୟମର ଭାବପ୍ରବଣତାପୂର୍ଣ୍ଣ ପ୍ରଭାବ ମଧ୍ୟରେ ମାନବର ଭାବପ୍ରବଣତାକୁ ଗୁରୁତ୍ୱ ଦେବା ସାମିଲ୍ ହୋଇଥାଏ।

ପ୍ରସିଦ୍ଧ ବ୍ୟକ୍ତିଙ୍କ ସହିତ ବିଜ୍ଞାପନର ଦୃଶ୍ୟର ଅତ୍ୟଧିକ ପ୍ରଭାବ ଶିଶୁ ଏବଂ ଯୁବ ଗୋଷ୍ଠୀଙ୍କ ଉପରେ ପଡ଼ିଥାଏ, ଯାହା ଡିଜାଇନର୍ ପୋଷାକ, ଆସବାବପତ୍ର ଏବଂ ସେଲିବ୍ରିଟିମାନଙ୍କ ଜୀବନର ବିଭିନ୍ନ ଦିଗର ପ୍ରଭାବ ଯୁବ ଗୋଷ୍ଠୀଙ୍କ ଭିତରେ ଅଯଥା ଚାହିଦା ସୃଷ୍ଟି କରିଥାଏ। ଯୁବ ଗୋଷ୍ଠୀ ବିଭିନ୍ନ ବଦଭ୍ୟାସ ଯଥା- ସିଗାରେଟ୍ ଟାଣିବା, ଡ୍ରଗ୍‌ସ୍ ସେବନ କରିବା ଏବଂ ମଦ୍ୟପାନ କରିବା, ଯାହାକି ସେମାନଙ୍କର ଜୀବନରେ ସ୍ଥାୟୀ ଦାଗ ସୃଷ୍ଟି କରିଥାଏ, ସେଭଳି ଅଭ୍ୟାସର ବଶବର୍ତ୍ତୀ ହୋଇଥାଆନ୍ତି।

ଯୁବ ଗୋଷ୍ଠୀ ଉପରେ ଗଣମାଧ୍ୟମର ସକାରାତ୍ମକ ପ୍ରଭାବ–

୧) ଶିକ୍ଷାଲାଭ କରିବା- ସାଧାରଣ ଜ୍ଞାନର ବୃଦ୍ଧି ପାଇଁ ସ୍ୱତନ୍ତ୍ର ଶିକ୍ଷାଭିତ୍ତିକ ବିଷୟବସ୍ତୁ ଚୟନ କରିବା।

୨) ଭାଷା – ବକ୍ତୃତା ଦେବା, ପଢ଼ିବାର ଦକ୍ଷତା ଏବଂ ଲିଖନ ଯୋଗାଯୋଗର ବିକାଶ କରିବା।

୩) ସଂଜ୍ଞାନାତ୍ମକ ଉନ୍ନତି - ସ୍ଥାନ ବିଷୟକ ଦକ୍ଷତା ସମ୍ପର୍କରେ ସଚେତନତା, ପରିକଳ୍ପନାର ପରୀକ୍ଷଣ ଏବଂ ରଣନୀତିପୂର୍ଣ୍ଣ ଚିନ୍ତାଧାରାର ବିକାଶ କରିବା।

୪) ବ୍ୟବହାରିକ କ୍ଷମତା ସମୂହ – ଉତ୍ତମ ସାମାଜିକ ବ୍ୟବହାର ଏବଂ ନୈତିକ ଆଦର୍ଶ ଯଥା- ସହନ ଶକ୍ତି, ସହଯୋଗ ଇତ୍ୟାଦିର ବିକାଶ କରିବା।

୫) ସମାଜ ସମ୍ପର୍କରେ ସଚେତନତା - ସାମାଜିକ ପ୍ରସଙ୍ଗ ଏବଂ ସମସ୍ୟା ସମ୍ପର୍କରେ ସଚେତନତାର ବିକାଶ କରିଥାଏ ଏବଂ ସାମ୍ପ୍ରତିକ ବିଷୟ ଉପରେ ଜ୍ଞାନ ବୃଦ୍ଧି କରାଇଥାଏ।

୬) ପରସ୍ପର ସହିତ ଭାବ ବିନିମୟର ଦକ୍ଷତା- ସମବର୍ଗୀ ଗୋଷ୍ଠୀ କିମ୍ବା ପରିବାର ଭିତରେ ଭାବ ବିନିମୟ ଦକ୍ଷତାର ବିକାଶ କରିବା।

୭) ସାମାଜିକ ଭାଗିଦାରୀତା- ସାମାଜିକ ସଚେତନତା, ସ୍ୱେଚ୍ଛାସେବୀ କାର୍ଯ୍ୟକଳାପ ଏବଂ ରାଜନୈତିକ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା।

୮) ସୃଜନଶୀଳତା ଏବଂ ଆତ୍ମଅଭିବ୍ୟକ୍ତି- ଜଣଙ୍କର ନିଜସ୍ୱ ଉତ୍ପାଦ ସୃଷ୍ଟି କରିବା ଏବଂ ବିତରଣ କରିବା ନିମନ୍ତେ ନୂତନ ଉପାୟ।

୯) ସାଂସ୍କୃତିକ ମୂଲ୍ୟବୋଧ- ଗଣମାଧ୍ମମ ସ୍ୱଷ୍ଟ ଚିତ୍ର ମାଧ୍ୟମରେ ଏବଂ ବିଶ୍ୱର ବାସ୍ତବ ଚିତ୍ରରେ ଅର୍ଥପୂର୍ଣ୍ଣ ଉପସ୍ଥାପନା ମାଧ୍ୟମରେ ସାଂସ୍କୃତିକ ପ୍ରସଙ୍ଗକୁ ଚିତ୍ରଣ କରିଥାଏ।

୧୦) ପରିଚୟ ବିକାଶ- ଗଣମାଧ୍ୟମ କଳ୍ପନା ଏବଂ ସମ୍ବେଦନାର ବିକାଶ ଏବଂ ବୃଦ୍ଧି କରିପାରେ ଏବଂ ଜଣଙ୍କର ବ୍ୟକ୍ତିଗତ ପସନ୍ଦ ଏବଂ ଗୁରୁତ୍ୱକୁ ଅନୁଭବ କରିପାରେ।

୧୧) ଚାପରୁ ମୁକ୍ତ ଏବଂ କଠିନ ପରିଶ୍ରମରୁ ହାଲକା କରିବାକୁ ମନୋରଞ୍ଜନ ଏବଂ ବିଶ୍ରାମ ପ୍ରଦାନ କରିଥାଏ।

୧୨) ଧ୍ୟାନ ଏବଂ ଏକାଗ୍ରତା- ବିକାଶ ଏବଂ ଧ୍ୟାନକୁ ବଜାୟ ରଖିବା

ଗଣମାଧ୍ୟମର ନକାରାତ୍ମକ ଭୂମିକା ମଧ୍ୟରେ ଅଧିକ ହିଂସା ପ୍ରବଣତାକୁ ଟେଲିଭିଜନ, ସିନେମା କିମ୍ବା ଭିଡିଓ ଗେମ୍ ମାଧ୍ୟମରେ ପ୍ରୋତ୍ସାହିତ କରିବା ଅନ୍ତର୍ଭୁକ୍ତ, ଯେପରି କିଛି ହିଂସା ପ୍ରଣୋଦିତ ଦୃଶ୍ୟ କିଶୋର/ କିଶୋରୀଙ୍କ ମଧ୍ୟରେ ଆକ୍ରମକ ପ୍ରବୃତ୍ତିକୁ ଅଧିକ ବୃଦ୍ଧି କରିଥାଏ।

ଯୁବ ଗୋଷ୍ଠୀଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇବାର କାରଣଗତ କାରକ ଭିତରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ-

୧) ହିଂସାତ୍ମକ ବିଷୟବସ୍ତୁ- ପ୍ରସିଦ୍ଧ ବ୍ୟକ୍ତି (ସେଲିବ୍ରିଟି)ମାନଙ୍କୁ ବାସ୍ତବ ଜୀବନରେ ନକଲ କରିବା, ବାସ୍ତବ ପ୍ରସଙ୍ଗ ପ୍ରତି ଅସମ୍ବେଦନଶୀଳ ହେବା

୨) ଯୌନତା ସମ୍ବନ୍ଧୀୟ ବିଷୟବସ୍ତୁ - ଅନେକ ପ୍ରକାର ଯୌନ ସମ୍ପର୍କ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ

୩) ବିଜ୍ଞାପନ - ମହିଳାମାନଙ୍କ ଉପରେ ଆପତ୍ତିଜନକ ଦୃଶ୍ୟ, ଭୁଲ୍ ବାଟରେ ନେଉଥିବା ଦାବି (ଭ୍ରମାତ୍ମକ ବିଜ୍ଞାପନ)

୪) ସ୍ୱାସ୍ଥ୍ୟ - ଅସ୍ୱାସ୍ଥ୍ୟକର ଅଭ୍ୟାସ/ବଦଭ୍ୟାସ ଯଥା- ସିଗାରେଟ୍ ଟାଣିବା, ମଦ୍ୟପାନ କରିବା ଏବଂ ଡ୍ରଗ୍ସ୍ ସେବନ କରିବା

୫) ଖାଦ୍ୟ ଶୈଳୀ - ଅତ୍ୟଧିକ ଖାଇବା ଫଳରେ ମୋଟାପଣର ଶିକାର ହେବା

୬) ବ୍ୟକ୍ତିତ୍ୱ ବିକାର- ଯେପରି ନିମ୍ନ ଆତ୍ମସମ୍ମାନର ଭ୍ରମାତ୍ମକ ସ୍ଥିତି, ନିମ୍ନ ସ୍ତରର ବିଶ୍ୱାସ

୭) ଶାରୀରିକ ବିକାର - ଆଖିରେ ସମସ୍ୟା, ଶିଶୁମାନଙ୍କର କଳ୍ପନା ଏବଂ ମୁକ୍ତ ଭାବେ ଖେଳାବୁଲାକୁ ହ୍ରାସ କରିବା, ମସ୍ତିଷ୍କର ଶାରୀରିକ ବିକାଶ ବ୍ୟାହତ ହେବା ଏବଂ ଧ୍ୟାନ କମ୍ ରହିବା ଏବଂ ସକ୍ରିୟତାରେ ବିକାର, ନିଦ୍ରାହୀନତା

୮) ପାରିବାରିକ ସମୟ ଏବଂ ପାରସ୍ପରିକ ଭାବ ବିନିମୟ - ପରିବାର ସହିତ ଭାବ ବିନିମୟ କରିବା ନିମନ୍ତେ ସମୟ ହ୍ରାସ ପାଇବା କିମ୍ବା ସମବର୍ଗୀମାନଙ୍କ ସହିତ ସମ୍ପର୍କ ହ୍ରାସ ହେବା।

## ୨.୩: ବ୍ୟବହାର, ସମବର୍ଗୀ ଗୋଷ୍ଠୀର ପ୍ରଭାବ

### ୨.୩.୧: ସମବର୍ଗୀ ଗୋଷ୍ଠୀ

ସମବର୍ଗୀ ସାଙ୍ଗସାଥୀ ଗୋଷ୍ଠୀ ହେଉଛନ୍ତି ଲୋକମାନଙ୍କର ଏକ ଗୋଷ୍ଠୀ, ଯେଉଁମାନେ ସମାନ ବୟସର ଏବଂ ସମାନ ସ୍ଥିତିର ହୋଇଥାନ୍ତି ଏବଂ ବିଭିନ୍ନ ସାଧାରଣ ଆଗ୍ରହ, ଲକ୍ଷ୍ୟ, ପସନ୍ଦର ଆଦାନ ପ୍ରଦାନ କରିଥାନ୍ତି। ସମବର୍ଗୀଙ୍କ ସାମାଜିକୀକରଣ ପିଲାଦିନରୁ ଆରମ୍ଭ ହୋଇଥାଏ। କିଶୋର ଏବଂ ଯୁବକମାନଙ୍କ ଜୀବନରେ ସମବୟସ୍କ ଗୋଷ୍ଠୀ ଗୋଷ୍ଠୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି, ଏହା ସେମାନଙ୍କୁ ଆତ୍ମସମ୍ମାନ ବୃଦ୍ଧିକରିବା ପାଇଁ ଏବଂ ନିର୍ଣ୍ଣୟ ନେବାର କ୍ଷମତା ବୃଦ୍ଧି କରିବାରେ ସୁବିଧାଜନକ ହୋଇଥାଏ। ସମବର୍ଗୀ ଗୋଷ୍ଠୀର ପ୍ରଭାବରେ ବର୍ତ୍ତମାନର ଯୁବ ଗୋଷ୍ଠୀ ସେମାନଙ୍କ ପିତାମାତାଙ୍କର ସମ୍ପୃକ୍ତି ସତ୍ତ୍ୱେ ସେମାନେ ନିଜେ ନିଜ ପାଇଁ ଏକ ସ୍ୱାଧୀନ ରାସ୍ତା ଖୋଜିବା ପାଇଁ ଚେଷ୍ଟା କରିଥାନ୍ତି। ଏହା ସାମାଜିକୀକରଣରେ ନୂତନ କ୍ଷେତ୍ର ପ୍ରଦାନ କରିଥାଏ ସମବୟସ୍କ ଗୋଷ୍ଠୀଙ୍କୁ ପରାମର୍ଶ ଗୋଷ୍ଠୀ ବୋଲି ବିବେଚନା କରାଯାଏ ଯାହାକୁ କିଶୋର ଏବଂ ଯୁବ ଗୋଷ୍ଠୀ ଅନୁସରଣ କରିଥାନ୍ତି ଏବଂ ସେମାନଙ୍କର ଆଦର୍ଶକୁ ଗ୍ରହଣ କରିଥାନ୍ତି ଏବଂ ସେଥିରୁ କିଛି ନିଜ ପାଇଁ କାର୍ଯ୍ୟରେ ଲଗାଇବାକୁ ଧାରଣା ନେଇଥାନ୍ତି। ଏହା ଏକ ମାନକ ପ୍ରଦାନ କରିଥାଏ। ଅଧିକାଂଶ ସମାଜରେ, ଶିଶୁ ଏବଂ କିଶୋରମାନେ ସେମାନଙ୍କ ସାଙ୍ଗସାଥୀର ପୋଷାକ ପିନ୍ଧିବାର ଶୈଳୀ, ଖାଇବାର ପଦ୍ଧତି, ଖେଳିବାର ପ୍ରକ୍ରିୟା, ସେମାନଙ୍କର କେଶ ବିନ୍ୟାସ, ବାଇକ୍, କାର ଏବଂ ଅବକାଶ ସମୟର କାର୍ଯ୍ୟକଳାପ ଉପରେ ନିକଟରୁ ଧ୍ୟାନ କେନ୍ଦ୍ରିତ କରିଥାନ୍ତି। କିଛି ଶିଶୁ ନିଜର ବୃଦ୍ଧି ପାଇଁ ଦୁଇ କିମ୍ବା ତିନୋଟି ପରାମର୍ଶକାରୀ ଗୋଷ୍ଠୀକୁ ମଧ୍ୟ ଅନୁସରଣ କରିଥାନ୍ତି।

### ୨.୩.୨: ସମବର୍ଗୀ ଏବଂ କିଶୋରାବସ୍ଥା

କିଶୋରାବସ୍ଥା ମନୁଷ୍ୟର ବିକାଶରେ ପରିବର୍ତ୍ତନର ସମୟ ହୋଇଥାଏ। ଯୁବକତ୍ୱ ଏବଂ କିଶୋରାବସ୍ଥା ମୁଖ୍ୟ ପରିବର୍ତ୍ତନର ସମୟ ହୋଇଥାଏ, ଯେଉଁ ସମୟରେ ସମବର୍ଗୀଙ୍କ ସହିତ ସମ୍ପର୍କ କେବଳ ବନ୍ଧୁତା ପାଇଁ ଏବଂ ସାମାଜିକୀକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ନଥାଏ, ଏହା ମଧ୍ୟ ସାମାଜିକକୌଶଳ, ସମସ୍ୟା ସମାଧାନର କୌଶଳ ଏବଂ ସମ୍ବେଦନଶୀଳତାର ବିକାଶ କରିଥାଏ। ସମବର୍ଗୀର ନକାରାତ୍ମକ

ଫଳାଫଳ ପାଇଁ ମଧ୍ୟ ଅବଦାନ ରହିଥାଏ, ଯଥା- ଶିକ୍ଷା ସମ୍ବନ୍ଧୀୟ ଖରାପ ପ୍ରଦର୍ଶନ। କିଶୋରାବସ୍ଥା ଜୈବିକ, ସଂଜ୍ଞାନାତ୍ମକ ଏବଂ ସାମାଜିକ ପରିବର୍ତ୍ତନର ଜଟିଳ ସଂଯୋଜନ ହୋଇଥାଏ।

### ୨.୩.୩: ସମବର୍ଗୀର ପ୍ରଭାବ ଏବଂ ସାମାଜିକ ପରିବର୍ତ୍ତନ

ଅଧିକାଂଶ କିଶୋର ସେମାନଙ୍କ ସାଙ୍ଗସାଥୀଙ୍କ ସହିତ ବେଶୀ ସମୟ ବିତେଇଥାନ୍ତି। କିଶୋରମାନଙ୍କର ହାବଭାବ, କଥାବାର୍ତ୍ତା, ଚେହେରା ଏବଂ ବ୍ୟବହାର ଉପରେ କେବଳ ବାହ୍ୟ ଦୃଷ୍ଟିରୁ ଅର୍ଥାତ୍ ଶାରୀରିକ ଭାବେ ଏହାର ପ୍ରଭାବ ପଡ଼ିନଥାଏ, ଏହା ମଧ୍ୟ ସେମାନଙ୍କର ଭାବପ୍ରବଣତାକୁ ପ୍ରଭାବିତ କରିପାରେ। ସାଙ୍ଗସାଥୀଙ୍କର ପ୍ରଭାବ କେବଳ ନକରାତ୍ମକ କିମ୍ବା ସକାରାତ୍ମକ ହୁଏନାହିଁ। ଏହା ଅନୁକୂଳ ବ୍ୟବହାରକୁ ଗ୍ରହଣ କରିବାକୁ ବୁଝିବା କ୍ଷେତ୍ରରେ ଏକ ଯୁକ୍ତିଯୁକ୍ତ ପ୍ରକ୍ରିୟା ହୋଇଥାଏ। ସାଙ୍ଗସାଥୀ ମାନଙ୍କର ସାମାଜିକୀକରଣ ପ୍ରକ୍ରିୟା ମଧ୍ୟରେ ସାମାଜିକ ମାନଦଣ୍ଡ ପ୍ରତି କିଶୋର ମାନଙ୍କର ଧ୍ୟାନ, ସାଙ୍ଗସାଥୀଙ୍କର ସୁଦୃଢ଼ୀକରଣ ଏବଂ ସାଙ୍ଗସାଥୀ ମାନଙ୍କର ମୂଲ୍ୟବାନ ବ୍ୟବହାରକୁ ଗ୍ରହଣ କରିବା ଜଡ଼ିତ ହୋଇ ରହିଥାଏ। କିଶୋରାବସ୍ଥା ଅତିକ୍ରମ ହେବା ସହିତ ସାଙ୍ଗସାଥୀ ଗୋଷ୍ଠୀଙ୍କର ପ୍ରଭାବ ମଧ୍ୟ ଧୀରେ ଧୀରେ ମଳିନ ପଡ଼ିବା ଆରମ୍ଭ ହୋଇଯାଏ ଏବଂ ଏହାର ଦୁଇଗୋଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ, ଅଧିକାଂଶ କିଶୋର ନିଜ ପସନ୍ଦର ଏକ ଭିନ୍ନ ପରିଚୟରେ ପରିଚିତି ପାଇବାକୁ ଚାହିଁଥାନ୍ତି। ଦ୍ୱିତୀୟତଃ, ଯେତେବେଳେ ସେମାନେ ପ୍ରାପ୍ତବୟସ୍କ ହେବାର ଅବସ୍ଥାରେ ପହଞ୍ଚିବା ପରେ, ସେମାନେ ଗୋଷ୍ଠୀ କାର୍ଯ୍ୟକଳାପକୁ ନେଇ ବେଶୀ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ବୟଃପ୍ରାପ୍ତିର ଏହି ଅବସ୍ଥାରେ ସାମାଜିକୀକରଣ ବନ୍ଧୁତ୍ୱକୁ ସଙ୍କୁଚିତ କରି କ୍ଷୁଦ୍ର ସଂଖ୍ୟାରେ ପରିଣତ କରିଥାଏ।

ବୟଃପ୍ରାପ୍ତିର ବିକାଶରେ ସାମାଜିକ ପରିବର୍ତ୍ତନର ପ୍ରମୁଖ ଉଦ୍ଦେଶ୍ୟ ନିହିତ ରହିପାରେ। ଏହା ପ୍ରମୁଖ ଔଦ୍ୟୋଗିକ ସମାଜର ଏକ ବିଶେଷତା। ଅଧିକାଂଶ ସାମାଜିକ ପରିବର୍ତ୍ତନ ଯୁବ ଗୋଷ୍ଠୀଙ୍କ ଭାବପ୍ରବଣତାର କ୍ଷମତାକୁ ଆହ୍ୱାନ ଦେଇପାରେ।

## ୨.୪: ପରାମର୍ଶର ଆବଶ୍ୟକତା

### ୨.୪.୧: ପରାମର୍ଶ କ'ଣ ?

ଆମେ ଯେଉଁ ବିଶ୍ୱରେ ବସବାସ କରୁଛେ, ତାହା ଅତି ଜଟିଳ, ବ୍ୟସ୍ତବହୁଳ ଏବଂ ପରିବର୍ତ୍ତନଶୀଳ। ବ୍ୟକ୍ତିବିଶେଷ ସେମାନଙ୍କର ସମସ୍ୟା ସମ୍ପର୍କରେ ପରିବାର, ବନ୍ଧୁ, ପଡ଼ୋଶୀ କିମ୍ବା ଧର୍ମଯାଜକଙ୍କ ସହିତ କଥାବାର୍ତ୍ତା କରି ତାହାର ସମାଧାନ କରିବାକୁ ଚେଷ୍ଟା କରିଥାନ୍ତି। ଏକ ନିର୍ଦ୍ଦିଷ୍ଟ ସମୟରେ ସେମାନେ ପରାମର୍ଶଦାତା ବିଶେଷଜ୍ଞ ବା ମନୋବିଜ୍ଞାନୀମାନଙ୍କର ପରାମର୍ଶ ଆବଶ୍ୟକ କରିଥାନ୍ତି। ଦୁଇଜଣ ବ୍ୟକ୍ତିଙ୍କ ଭିତରେ ପରାମର୍ଶ କେବଳ ଏକ ବ୍ୟକ୍ତିଗତ କଥାବାର୍ତ୍ତା କିମ୍ବା ଆଲୋଚନା ହୋଇ ନଥାଏ, ଏହା ବ୍ୟକ୍ତିର ଅନ୍ୟ ବ୍ୟକ୍ତି ସହିତ କଥାବାର୍ତ୍ତା ହୋଇଥାଏ, ଯାହା ମୁଖ୍ୟତଃ କିଛି ପ୍ରସଙ୍ଗ ଉପରେ ସେମାନଙ୍କର ସଂଶୟକୁ ସ୍ପଷ୍ଟ କରିବା ହୋଇଥାଏ, ଯାହା ଜଣେ ବ୍ୟକ୍ତିଙ୍କୁ ଚିନ୍ତାରେ ପକାଇ ଥାଏ।

ପରାମର୍ଶକୁ 'ବାର୍ତ୍ତାଳାପ ଚିକିତ୍ସା' ବୋଲି ମଧ୍ୟ ବିବେଚନା କରାଯାଇପାରେ, ଯେଉଁଠାରେ ଗୋପନୀୟତା ଭିତ୍ତିରେ ଜଣେ ଚିକିତ୍ସକ ଏବଂ ତାଙ୍କର ରୋଗୀଙ୍କ ଭିତରେ ଏକାନ୍ତରେ ଦେଖାସାକ୍ଷାତ କରିବାର ଆବଶ୍ୟକତା ରହିଥାଏ। ପରାମର୍ଶ ଦେବା କେବଳ ଏକ ବୃତ୍ତି କିମ୍ବା ଶୃଙ୍ଖଳା ନୁହେଁ, ବରଂ ଏହା ଏକ ସାମାଜିକ ଅନୁଷ୍ଠାନ। ପରାମର୍ଶ ଦେବା ଏକ ବିକାଶାତ୍ମକ ପ୍ରକ୍ରିୟା, ଯାହା ଲୋକମାନଙ୍କୁ ମାନସିକ ଭାବେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପରାମର୍ଶର ବିଭିନ୍ନ ଲକ୍ଷ୍ୟଗୁଡ଼ିକ ନିମ୍ନୋକ୍ତ ମତେ:

- ବ୍ୟବହାରିକ ପରିବର୍ତ୍ତନର ବିକାଶ
- ଜଣେ ବ୍ୟକ୍ତିଙ୍କର ମେଳାପି ହେବାର ଦକ୍ଷତାକୁ ବୃଦ୍ଧି କରିବା
- ସ୍ୱଷ୍ଟ ନିର୍ଣ୍ଣୟ ନେବାର ଦକ୍ଷତାରେ ବିକାଶ
- ସମ୍ପର୍କକୁ ଦୃଢ଼ କରିବା ଏବଂ ଉନ୍ନତ କରିବା
- ଆତ୍ମବିଶ୍ୱାସ ନିର୍ମାଣ
- ବ୍ୟକ୍ତିଙ୍କର ସାମର୍ଥ୍ୟକୁ ସୁଗମ କରିବା

## ୨.୪.୨: ପରାମର୍ଶର ଆବଶ୍ୟକତା

ବର୍ତ୍ତମାନ ସମୟରେ ଲୋକମାନେ ସେମାନଙ୍କ ଚାରିପାଖରେ ଘଟୁଥିବା ନକାରାତ୍ମକ ଶାରୀରିକ ଏବଂ ମାନସିକ ଘଟଣା କାରଣରୁ ଅତ୍ୟଧିକ ପରିମାଣର ଚାପଗ୍ରସ୍ତ ଅନୁଭବ କରୁଛନ୍ତି। ଏହି ଭାବପ୍ରବଣତା ସଂଗୃହୀତ ଜମାଟ ବାନ୍ଧି ରହୁଛି ଯାହାର ଫଳାଫଳ ସ୍ୱରୂପ ଭ୍ରମ କିମ୍ବା ଅବସାଦ ସୃଷ୍ଟି ହେଉଛି। ଏହି କାରଣଯୁକ୍ତ କାରକ ଭିତରେ ମୃତ୍ୟୁ, କ୍ଷତ, ବିବାହ ବିଚ୍ଛେଦ, ଚାପ ଏବଂ ବେକାରୀ, ଚାକିରି ପରିବର୍ତ୍ତନ, ଯୁଦ୍ଧ ଏବଂ ଦୁର୍ବିପାକ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ। ବର୍ତ୍ତମାନର ସୂଚନା ପ୍ରଯୁକ୍ତି ଯୁଗରେ ଜଣେ ପଡ଼ୋଶୀର ସାମାଜିକ ମାଧ୍ୟମରେ ପୋଷ୍ଟ ମଧ୍ୟ ଜଣେ ବ୍ୟକ୍ତିଙ୍କ ଭିତରେ ଅବସାଦର କାରଣ ହୋଇପାରେ। କିଛି ବ୍ୟକ୍ତି ସେମାନଙ୍କର ଭାବପ୍ରବଣତା ସହିତ ଖାପ ଖୁଆଇ ପାରିଥାନ୍ତି ଏବଂ ଜୀବନରେ ଆଗକୁ ବଢ଼ିଚାଲନ୍ତି, ଯେତେବେଳେ କି ଅନ୍ୟମାନେ ତାହା କରିପାରନ୍ତି ନାହିଁ। ଏହା ହେଉଛି ସେହି ପର୍ଯ୍ୟାୟ, ଯେଉଁଠାରେ ବ୍ୟକ୍ତିବିଶେଷ ପରାମର୍ଶର ଆବଶ୍ୟକ କରିଥାନ୍ତି। ଏସବୁ ବ୍ୟତୀତ, ବ୍ୟକ୍ତିବିଶେଷ ଅନ୍ୟାନ୍ୟ କାରଣ ଯୋଗୁଁ ମଧ୍ୟ ପ୍ରଭାବିତ ହୋଇ ପାରନ୍ତି।

ସେଗୁଡ଼ିକ ହେଉଛି:

୧. ଶାରୀରିକ ହିଂସା
୨. ଯୌନ ହିଂସା
୩. ଲିଙ୍ଗଗତ ବିଭେଦ

୪. ଯୌନ ଶୋଷଣ
୫. ଅଶାଳୀନ ଭାଷା
୬. ଅସହିଷ୍ଣୁତା
୭. ଅବହେଳା
୮. ସମବର୍ଗୀଙ୍କ ଚାପ
୯. କର୍ମକ୍ଷେତ୍ରରେ ଉତ୍ପୀଡ଼ନ

**୨.୪.୩: ପରାମର୍ଶ କିଏ ଆବଶ୍ୟକ କରିଥାନ୍ତି ?**

ଯେଉଁ ବ୍ୟକ୍ତି ତାଙ୍କର ଭାବପ୍ରବଣତା ସହିତ ଖାପ ଖୁଆଇ ପାରି ନଥାନ୍ତି, ସେ ପରାମର୍ଶ ଆବଶ୍ୟକ କରିଥାନ୍ତି। ଯେଉଁ ବ୍ୟକ୍ତି ଭାବପ୍ରବଣତା ଦୃଷ୍ଟିରୁ ଭାଙ୍ଗି ପଡ଼ିଛନ୍ତି ବୋଲି ଅନୁଭବ କରିଥାନ୍ତି, ସେ ପରାମର୍ଶ ଆବଶ୍ୟକ କରିଥାନ୍ତି। ପରାମର୍ଶର କିଛି ମନସ୍ତାତ୍ତ୍ୱିକ ସୂଚକଗୁଡ଼ିକ ହେଉଛି:

୧. ଜଣେ ବ୍ୟକ୍ତି ସର୍ବଦା କ୍ରୋଧିତ ହୋଇଥାନ୍ତି
୨. ସବୁବେଳେ କ୍ରୋଧ ପ୍ରକାଶ କରୁଥିବେ
୩. ଲୋକମାନଙ୍କ ଉପରେ ଅବିଶ୍ୱାସ କରୁଥିବେ
୪. ସବୁବେଳେ ସନ୍ଦେହ କରୁଥିବେ
୫. ତାଙ୍କ ଭିତରେ ଆତ୍ମବିଶ୍ୱାସ କମ୍ ଥିବ
୬. ସବୁବେଳେ ସଂଶୟ ଭିତରେ ରହୁଥିବେ
୭. ଜୀବନ ପ୍ରତି ଉଦାସୀନତା
୮. ଭବିଷ୍ୟତକୁ ନେଇ ଉତ୍କଣ୍ଠିତ ଭାବ ପ୍ରକାଶ କରୁଥିବେ
୯. ଜୀବନ ଏବଂ ପରିବାର ପ୍ରତି ବିରକ୍ତି ଭାବ ପ୍ରକାଶ କରୁଥିବେ
୧୦. ଅଲଗା ରହୁଥିବେ
୧୧. କୌଣସି କାର୍ଯ୍ୟ କରିବା ପାଇଁ କମ୍ ଆଗ୍ରହ ପ୍ରଦର୍ଶନ କରିବା
୧୨. ସୀମାଭିତ୍ତିକ ବ୍ୟବହାର ପ୍ରଦର୍ଶନ କରିବ

**୨.୪.୪: ପରାମର୍ଶର ଫଳାଫଳ**

ପରାମର୍ଶର ସମ୍ଭାବ୍ୟ ପରିଣାମକୁ ନିମ୍ନମତେ ବର୍ଗୀକୃତ କରାଯାଇପାରେ-

୧. ମୂଳ ସମସ୍ୟାର ସଙ୍କଳ୍ପ - ଏଠାରେ ସଙ୍କଳ୍ପର ଅର୍ଥ ସମସ୍ୟାକୁ ବୁଝିବାର ଲକ୍ଷ୍ୟ ହାସଲ କରିବା, ଯାହା ସମସ୍ୟାକୁ ସ୍ୱୀକାର କରିବା ପାଇଁ ପ୍ରାଥମିକ ସ୍ଥାନ ହୋଇଥାଏ ଏବଂ ଯେଉଁଠି ପରିସ୍ଥିତିକୁ ପରିବର୍ତ୍ତନ କରିବା ପାଇଁ ଆବଶ୍ୟକୀୟ କାର୍ଯ୍ୟ କରା ଯାଇଥାଏ।

୨. ଶିକ୍ଷା ଦେବା – ପରାମର୍ଶ ଦେବା ରଣନୀତିକୁ ଏକ୍ସପୋଜ୍ କରିବା (ପ୍ରଘଟ କରିବା) ଏକ ବ୍ୟକ୍ତିକୁ ନୂତନ ବୁଝାମଣା, କୌଶଳ ଏବଂ ରଣନୀତିକୁ ଗ୍ରହଣ କରିବାକୁ ସକ୍ଷମ କରିଥାଏ, ଯାହା ଭବିଷ୍ୟତରେ ସମାନ ସମସ୍ୟାକୁ ସମ୍ଭାଳିବା ପାଇଁ ଉତ୍ତମ ରୂପେ ପ୍ରସ୍ତୁତ କରିଥାଏ।

୩. ସାମାଜିକ ସମାବେଶୀକରଣ – ଜଣେ ବ୍ୟକ୍ତିଙ୍କର ଭାବନାତ୍ମକ ରୂପରେ ହିତକୁ ପ୍ରୋତ୍ସାହିତ କରିବା ପାଇଁ, କେବଳ ନିଜର ଲାଭ ପାଇଁ ନୁହେଁ, ବରଂ ଅନ୍ୟମାନଙ୍କର ଭଲ ପାଇଁ ମଧ୍ୟ ପରାମର୍ଶକୁ ବ୍ୟବହାର କରାଯାଏ।

## ୨.୫: ସମସ୍ୟା ଏବଂ କେସ୍ ଷ୍ଟଡିଜ୍‌ର ଅଧ୍ୟୟନ

**ଜେସିକା ଲାଲ୍ ହତ୍ୟାକାଣ୍ଡ:** ଜେସିକା ଲାଲ୍‌କୁ ୨୯ ଏପ୍ରିଲ୍ ୧୯୯୯ରେ ହତ୍ୟା କରାଯାଇଥିଲା। ଜେସିକା ଲାଲ୍ ନୂଆଦିଲ୍ଲୀରେ ରହୁଥିବା ଜଣେ ମଡେଲ୍, ଯିଏ ଆଭିଜାତ୍ୟସମ୍ପନ୍ନ ସେଲିବ୍ରିଟିମାନଙ୍କୁ ବାର୍‌ରେ ମଦ୍ୟ ପରଷିବାକୁ ମନା କରି ଦେଇଥିଲେ, ଯେହେତୁ ସେ କାମ କରୁଥିବା ବାର୍ ସେତେବେଳକୁ ବନ୍ଦ ହୋଇ ଯାଇଥିଲା। ସେଥି ପାଇଁ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଭାରତୀୟ ନ୍ୟାୟିକ ବ୍ୟବସ୍ଥାର ଦୁର୍ବଳତା କାରଣରୁ ବର୍ଷ ବର୍ଷ ଧରି ଏହି ମାମଲାରେ କାହାକୁ ଦୋଷୀ ସାବ୍ୟସ୍ତ ନକରାଯାଇ ଏହାକୁ ବନ୍ଦ କରି ଦିଆଯାଇଥିଲା। କୌଣସି ଉଲ୍ଲେଖନୀୟ ଉନ୍ନତି ବିନା ଏହି ମାମଲାକୁ ବର୍ଷ ବର୍ଷ ଧରି କୋର୍ଟରେ ଗଡ଼େଇ ନିଆଯାଉଥିଲା। ସେହି ସମୟରେ ଗଣମାଧମ ନ୍ୟାୟିକ ବ୍ୟବସ୍ଥାକୁ ଏହି ମାମଲାର ପୁନଃଶୁଣାଣି କରିବା ନିମନ୍ତେ ବାଧ କରିଥିଲା। ପରିଶେଷରେ, ଏହାର ଶେଷ ଶୁଣାଣିରେ ଜେସିକା ଲାଲ୍‌ଙ୍କୁ ହତ୍ୟା କରିଥିବା ଅପରାଧରେ ଅଭିଯୁକ୍ତ ମନୁ ଶର୍ମାଙ୍କୁ ଦଣ୍ଡାଦେଶ ଦିଆଯାଇଥିଲା, ତାଙ୍କୁ ୨୦ ଡିସେମ୍ବର ୨୦୦୬ରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଜେସିକା ଲାଲ୍‌ଙ୍କ ଭଉଣୀ ସାବ୍ରିନା ଲାଲ୍ ଏକ ସାକ୍ଷାତ୍‌କାରରେ ଏହା ପ୍ରକାଶ କରିଥିଲେ ଯେ ଏହି ମାମଲାରେ ଗଣମାଧମ ଯଥେଷ୍ଟ ସାହାଯ୍ୟ କରିଥିଲା ଏବଂ ସେମାନଙ୍କୁ ଠିକ୍ ସମୟରେ ସହାୟତା କରିବା ପାଇଁ ଆଗେଇ ଆସିଥିଲା।

**ନିର୍ଭୟା ମାମଲା:** ଡିସେମ୍ବର ୧୬,୨୦୧୨ରେ ରାତି ୮.୩୦ବେଳକୁ ଜଣେ ୨୩ ବର୍ଷୀୟା ପାରାମେଡିକାଲ୍ ଛାତ୍ରୀ ତା'ର ପୁରୁଷ ବନ୍ଧୁ ସହିତ ଦିଲ୍ଲୀର ଏକ ମଲ୍‌ରେ ସିନେମା ଦେଖି ଫେରୁଥିଲା। ସେମାନେ ଘରକୁ ଫେରିବା ପାଇଁ ଏକ ଘରୋଇ ବସ୍‌ରେ ଚଢ଼ିଥିଲେ। ବସ୍ ତା'ର ସବୁଦିନିଆ ରାସ୍ତାରୁ ଅନ୍ୟ ଆଡ଼କୁ ଯାଇଥିଲା ଏବଂ କିଛି ବ୍ୟକ୍ତି ତା' ଉପରେ ବାରମ୍ବାର ପାଶବିକ ଅତ୍ୟାଚାର କରି ଚାଲିଥିଲେ। ଏହି ବର୍ବର ଆକ୍ରମଣ ଭାରତରେ ହଇଚଇ ସୃଷ୍ଟି କରିଥିଲା। ସାରା ଦେଶରେ ମହିଳାମାନେ ନ୍ୟାୟ ପାଇଁ ଲଢ଼େଇ କରିଥିଲେ।

ଗଣମାଧମ ଚ୍ୟାନେଲ୍ ଏହି ପ୍ରସଙ୍ଗ ଉପରେ ଖବର ପ୍ରସାରଣ କରିବାରେ ଲାଗିଲେ ଏବଂ ଏହା ନାଗରିକମାନଙ୍କୁ ସାରା ଦେଶରେ ଏକଜୁଟ୍ କରିବାରେ ଲାଗିଲା। ସମସ୍ତ ସାମାଜିକ ମାଧମ ପ୍ଲାଟ୍‌ଫର୍ମ୍‌ରେ ଖବର ହାସ୍‌ଟ୍ୟାଗ୍ ସହିତ ପ୍ରସାରିତ ହେବାରେ ଲାଗିଲା।



**ଦିଲ୍ଲୀର ଇଣ୍ଡିଆ ଗେଟ୍ ସାମ୍ନାରେ ନିର୍ଭୟା ଗଣଦୁଷ୍କର୍ମକୁ ନେଇ ପ୍ରତିବାଦକାରୀଙ୍କ ପ୍ରତିବାଦ, ଉତ୍ସ- ୱିକିପିଡିଆ**

ମାସ ମାସ ଧରି ଲମ୍ବା ଶୁଣାଣି ପରେ ପରିଶେଷରେ କୋର୍ଟ ନିର୍ଣ୍ଣୟ ଶୁଣେଇ ଥିଲେ ଏବଂ ଏହି ମାମଲାର ଦୁଷ୍କର୍ମକାରୀ ଏବଂ ନିର୍ଭୟାର ହତ୍ୟାକାରୀମାନଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦିଆଯାଇଥିଲା। ଏହି ମାମଲା ଦେଶର କିଶୋର ନ୍ୟାୟ ଆଇନ୍ ୨୦୦୦ରେ ଦୋଷୀର ବୟସ ସୀମାକୁ ବୃଦ୍ଧି କରି ଏହାର ପ୍ରତିସ୍ଥାପନ କରିବା ପାଇଁ ବାଟ ଦେଖାଇ ଥିଲା।

**ମଥୁରା ବଳାତ୍କାର ମାମଲା:** ମହାରାଷ୍ଟ୍ରର ଗଡଚିରୋଲି ଜିଲ୍ଲାରେ, ନୁସି ନାମକ ଜଣେ ବ୍ୟକ୍ତିର ଘରେ ମଥୁରା ଘରୋଇ ପରିଚାରିକା ଭାବେ କାର୍ଯ୍ୟ କରୁଥିଲା। ନୁସିର ପୁତୁରା ଅଶୋକ ମଥୁରାକୁ ବିବାହ କରିବାକୁ ଚାହୁଁଥିଲା, କିନ୍ତୁ ମଥୁରାର ଭାଇ ଏହି ବିବାହ ପାଇଁ ରାଜି ନଥିଲା ଏବଂ ସ୍ଥାନୀୟ ପୁଲିସ୍ ଷ୍ଟେସନ୍‌ରେ ଏକ ଅଭିଯୋଗ ଦାଖଲ କରିଥିଲା। ଏହି ମାମଲାର ତଦନ୍ତ ଚାଲିଥିବା ସମୟରେ ମଥୁରାକୁ ପୁଲିସ୍‌ମାନେ ବଳାତ୍କାର କରିଥିଲେ ଏବଂ କୋର୍ଟ ପୁଲିସ୍‌ମାନଙ୍କ ସପକ୍ଷରେ ରାୟ ଦେଇଥିଲେ। ଏହି ମାମଲାକୁ ଗଣମାଧମ ଏବଂ ନାରୀବାଦୀ ସଙ୍ଗଠନଗୁଡ଼ିକ ଅଧିକ ବ୍ୟାପକ କରିଥିଲେ। ଏହି ମାମଲା ଉପରେ ପୁନଃବିଚାର କରା ଯାଇଥିଲା ଏବଂ ଏହାର ଫଳ ସ୍ୱରୂପ ସରକାର ବଳାତ୍କାର ଆଇନ୍‌ରେ ସଂଶୋଧନ କରିଥିଲେ।

**ବିଶାଳ ଦଦଲାନୀ ବନାମ ହରିୟାନା (୨୯ ଏପ୍ରିଲ୍ ୨୦୧୯):**ଏହି ମାମଲା ଅନୁଚ୍ଛେଦ ଧାରା ୧୫୩ କ (ଶ୍ରେଣୀମାନଙ୍କ ମଧ୍ୟରେ ଶତ୍ରୁତାକୁ ପ୍ରୋତ୍ସାହିତ କରିବା), ୨୯୫ କ (ଧାର୍ମିକ ଭାବନାକୁ ଆଘାତ ଏବଂ ୫୦୯ (ମହିଳାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ ପ୍ରଦର୍ଶନ କରିବା) ଆଇପିସି ଏବଂ ସୂଚନା ପ୍ରଯୁକ୍ତି ନିୟମର *୬୬ଙ* (ଗୁପ୍ତ ଅଙ୍ଗର ଛବି ପ୍ରକାଶନ) ଇତ୍ୟାଦି ଉପରେ ଆଧାରିତ ଥିଲା। ହରିୟାନାର ବିଧାନସଭା, ଜୈନ ସନ୍ନ୍ୟାସୀ ତରୁଣ ସାଗରଙ୍କୁ ଧାର୍ମିକ ଅନୁଷ୍ଠାନ ଏବଂ ପରମ୍ପରା ଉପରେ ବକ୍ତୃତା ଦେବା ପାଇଁ ଆମନ୍ତ୍ରିତ କରିଥିଲା। ଏହି ଘଟଣାକୁ ବିଶାଳ ଦଦଲାନୀ ଦୃଢ଼ ଭାବେ ସମାଲୋଚନା କରି ଟ୍ୱିଟରରେ ଲେଖିଥିଲେ ଯେ ରାଜନୀତିକୁ ଧର୍ମ ସହିତ ମିଶ୍ରଣ କରାଯାଇଛି।

ତାଙ୍କ ଟ୍ୱିଟ୍‌କୁ ନେଇ ବିବାଦ ସୃଷ୍ଟି ହେଲା ପରେ ବିଶାଳ ଦଦଲାନୀ ତରୁଣଙ୍କ ଅନୁଗାମୀମାନଙ୍କୁ ନିଜର ଆଚରଣ ପାଇଁ କ୍ଷମା ମାଗିଥିଲେ। କୋର୍ଟର ନିର୍ଣ୍ଣୟ ଜଣେ ବ୍ୟକ୍ତିଙ୍କ ଧାର୍ମିକ ବିଶ୍ୱାସ ସମ୍ପର୍କିତ ସାମ୍ବିଧାନିକ ନିୟମକୁ ସୁରକ୍ଷା ଦେଇଥିଲା।

## ୨.୬: ଗଣମାଧ୍ୟମ ଏବଂ ବାଳ ଅପରାଧ

କିଶୋର (ବାଳକମାନଙ୍କ ପାଇଁ ୧୬ ବର୍ଷରୁ କମ୍ ବୟସ ଏବଂ ବାଳିକାମାନଙ୍କ ପାଇଁ ୧୮ ବର୍ଷରୁ କମ୍ ବୟସ)ମାନଙ୍କ ଦ୍ୱାରା ସଂଘଟିତ ସମାଜ ବିରୋଧୀ କିମ୍ବା ଅପରାଧିକ କାର୍ଯ୍ୟକଳାପକୁ ବାଳ ଅପରାଧ ବୋଲି କୁହାଯାଏ। ଯଦି ସେହି ସମାନ ମାମଲା ଜଣେ ବୟସ୍କଙ୍କ ଦ୍ୱାରା ସଂଘଟିତ ହୁଏ, ତାହାକୁ ନିୟମ ଆଧାରରେ ଏକ ଅପରାଧ ବୋଲି ଧରାଯାଏ। ବାଳ ଅପରାଧ, ବୟସ୍କ ଅପରାଧ ନିମନ୍ତେ ଏକ ଦ୍ୱାର କିମ୍ବା ପ୍ରଥମ ପାହାଚ ହୋଇଥାଏ, କାରଣ ଅନେକ ଅପରାଧୀଙ୍କର ମୂଳ ପିଲାଦିନରୁ ଗଭୀର ହୋଇଥାଏ। ବିକଶିତ ରାଷ୍ଟ୍ରରେ ଅପରାଧର ସଂଖ୍ୟା ବିକାଶଶୀଳ ରାଷ୍ଟ୍ରମାନଙ୍କ ତୁଳନାରେ ଅଧିକ ପ୍ରତିଶତ ବୋଲି ଜଣାପଡ଼ିଛି। ବାଳ ଅଦାଲତର ଅଧିକ ପ୍ରତିଶତ ଅପରାଧ ଭିତରେ, ଚୋରି ଲୁଟପାଟ୍ ତଥା ହତ୍ୟା, ବଳାତ୍କାର, ଡକାୟତି, ସିନ୍ଧିଚୋରି, ଅପହରଣ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ। ବାଳ ଅପରାଧ ଊର୍ଦ୍ଧ୍ୱଗାମୀ ଗ୍ରାଫ୍‌ରେ ଦର୍ଶା ଯାଇଥାଏ।

କିଶୋର ନ୍ୟାୟ ଆଇନ୍ ୧୯୮୬ର ଖଣ୍ଡ (ଜ)ର ଧାରା୨ରେ 'କିଶୋର' କାହାକୁ କୁହାଯାଏ, ସେ ସମ୍ପର୍କରେ ବ୍ୟାଖ୍ୟା କରାଯାଇଛି। କିଶୋର ହେଉଛି ଏକ ବାଳକ ଯିଏ ୧୬ ବର୍ଷର ହୋଇନାହିଁ କିମ୍ବା ଏକ ବାଳିକା ଯିଏ ୧୮ବର୍ଷର ହୋଇନାହିଁ। କିଶୋର ନ୍ୟାୟ, ଆଇନ୍ ୧୯୮୬ର କ୍ଲଜ୍ (ଙ)ର ଧାରା ୨ରେ ବ୍ୟାଖ୍ୟା କରାଯାଇଛି ଯେ 'ଅପରାଧ' ହେଉଛି ଅସ୍ୱୀକୃତ ଏବଂ ଅଣ ମନୋରଞ୍ଜନକାରୀ କାର୍ଯ୍ୟ, କିମ୍ବା ଏକ ଅପରାଧୀର ନୈତିକ ବ୍ୟବହାରରେ ନକାରାତ୍ମକ ପରିବର୍ତ୍ତନ ଯାହା ଆଇନତଃ ଦଣ୍ଡନୀୟ। ଯେ କୌଣସି କାର୍ଯ୍ୟ ଯାହାକୁ ସମାଜ ଗ୍ରହଣ କରେନାହିଁ, ତାହାକୁ ଅପରାଧମୂଳକ କାର୍ଯ୍ୟ କୁହାଯାଏ।

### ୨.୬.୨: ବାଳ ଅପରାଧ ବ୍ୟବସ୍ଥା

ବାଳ ଅଦାଲତ ବୟସ୍କ ଅପରାଧ ବ୍ୟବସ୍ଥା ଭଳି ଦଣ୍ଡ ଉପରେ ଗୁରୁତ୍ୱ ନଦେଇ ତାହା ତୁଳନାରେ କିଶୋରମାନଙ୍କର ଥଇଥାନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିଥାଏ। ରାଜ୍ୟମାନେ ଏହି ବ୍ୟବସ୍ଥାକୁ ଭିନ୍ନ ଭିନ୍ନ ଭାବେ ଅନୁସରଣ କରିଥାନ୍ତି, କିନ୍ତୁ କିଛି ସମାନ ପ୍ରସଙ୍ଗ ଏଥିରେ ଅନ୍ତର୍ଭୁକ୍ତ ହୋଇଥାଏ।

୧) କିଶୋରମାନେ କେବଳ ସେମାନଙ୍କର ଅପରାଧ ଅପେକ୍ଷା ସେମାନଙ୍କର ଦୋଷାବହ କାର୍ଯ୍ୟ ପାଇଁ ଦଣ୍ଡ ପାଇଥାନ୍ତି।

୨) ବିଚାରକମଣ୍ଡଳୀଙ୍କ ଦ୍ୱାରା ସେମାନଙ୍କର ସାର୍ବଜନୀନ ଶୁଣାଣି କରା ଯାଇନଥାଏ। ପରନ୍ତୁ ଜଣେ ବିଚାରକ ସାକ୍ଷ୍ୟ ପ୍ରମାଣକୁ ଶୁଣି ନ୍ୟାୟିକ ନିର୍ଣ୍ଣୟ କରିପାରିବେ।

୩) ଯଦି ଜଣେ କିଶୋର ଦୋଷୀ ଅପରାଧୀ ହୋଇଥାଏ, ତେବେ ତା'ର ଅପରାଧକୁ ଥଇଥାନ ଆକାରରେ ଦଣ୍ଡାଦେଶ ଦିଆଯିବ।

୪) ବାଳ ଅଦାଲତଗୁଡ଼ିକ ଉଦାର ନିୟମ ସହିତ ଅଧିକ ଅନୌପଚାରିକ ହୋଇଥାନ୍ତି।

### ୨.୬.୩: ଅପରାଧର କାରଣ

ବାଳ ଅପରାଧର ହାର ବୃଦ୍ଧି ହେବା ଗଣମାଧ୍ୟମ ସହିତ ସମ୍ପର୍କିତ। ଗଣମାଧ୍ୟମ ଯେଉଁ ଖବର ପ୍ରସାରଣ କରିଥାଏ, ସେଥିରେ ବେଶି ପରିମାଣରେ ହିଂସାତ୍ମକ ଏବଂ ସମ୍ବେଦନଶୀଳ ଅପରାଧ ଉପରେ ଗୁରୁତ୍ୱାରୋପ କରିଥାଏ। ଏହା ବିଭିନ୍ନ କାରଣରୁ କିଶୋରମାନଙ୍କ ମଧ୍ୟରେ ଏକ ମୁଖ୍ୟ ଭୂମିକା ନିର୍ବାହ କରିଥାଏ:

- କିଶୋରମାନେ ସିନେ କଳାକାର, ବ୍ରାଣ୍ଡ ଆମ୍ବାସାଡର, ସେଲିବ୍ରିଟିମାନଙ୍କୁ ସେମାନଙ୍କର ଆଦର୍ଶ ମାନି ନେଇ ଅନୁସରଣ କରିଥାନ୍ତି। ଯଦି ସେମାନଙ୍କର ଏହି ଆଦର୍ଶମାନେ ଏକ ନକାରାତ୍ମକ ଦୃଶ୍ୟରେ ଅଭିନୟ କରିଥାନ୍ତି, ତାହା ନକାରାତ୍ମକ ଭାବରେ କିଶୋରମାନଙ୍କୁ ପ୍ରଭାବିତ କରିଥାଏ।
- ଗଣମାଧ୍ୟମକୁ ମନୋରଞ୍ଜନର ଏକ ଉତ୍ସ ଭାବେ ବ୍ୟବହାର କରାଯାଏ, ଯେତେବେଳେ କିଛି ଦୃଶ୍ୟରେ ସେହି ମନୋରଞ୍ଜନ ହିଂସା ସହିତ ଯୋଡ଼ି ହୋଇ ରହିଥାଏ, କିଶୋରମାନେ ତାହାକୁ ନକଲ କରିବା ଆରମ୍ଭ କରି ଦିଅନ୍ତି, ସେମାନେ ତାହାକୁ ନକଲି ବୋଲି ଜାଣିପାରି ନଥାନ୍ତି ଏବଂ ଶେଷରେ ସେମାନେ ଅପରାଧୀ ପାଲଟି ଯାଆନ୍ତି।
- ଗଣମାଧ୍ୟମ ସର୍ବଦା କ୍ଷତିକାରକ ନୁହେଁ, କିନ୍ତୁ କିଶୋର ଏବଂ ଯୁବ ଗୋଷ୍ଠୀ କୌଣସି ଜିନିଷକୁ ଅନ୍ଧ ଭାବେ ନକଲ କରିବା ପୂର୍ବରୁ ତାହାକୁ ଅନୁଧ୍ୟାନ କରିବା ଉଚିତ୍ ଏବଂ ତାହା ଉପରେ ଦ୍ୱିତୀୟ ଥର ଭାବିବା ଉଚିତ୍।
- ବର୍ତ୍ତମାନ ପିଢ଼ିର ଯୁବ ଗୋଷ୍ଠୀ ସ୍ୱାଧୀନଚେତା ଏବଂ ବିଦ୍ରୋହୀ ହେବାରେ ପ୍ରବୃତ୍ତ।
- ବାଳ ଅପରାଧ ହାର ବୃଦ୍ଧି ପାଇବାର କାରଣ ମଧ୍ୟ ଏକକ ପିତାମାତା ପରିବାର। ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ ଏକକ ପିତାମାତା ପରିବାରର କିଶୋରମାନେ ପାରମ୍ପରିକ ପରିବାରର କିଶୋରମାନଙ୍କ ତୁଳନାରେ ଦୁଇଗୁଣା ଅଧିକ ହିଂସାତ୍ମକ ହୋଇଥାନ୍ତି। ଏହାର କାରଣ ନ୍ୟୂନତମ ପାଳନ ପୋଷଣ, ଏକାକୀତ୍ୱ ଏବଂ ଅବସାଦ।

### ୨.୬.୪: ଅପରାଧର କାରକ ସମୂହ

୧. ଯୁକ୍ତିଯୁକ୍ତ ପସନ୍ଦ - ବାଳ ଅପରାଧୀମାନଙ୍କ ଉପରେ କରା ଯାଇଥିବା ବ୍ୟବହାରିକ ସର୍ବେକ୍ଷଣ ଅନୁସାରେ, ଅଧିକାଂଶ ପିଲା ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହିବାର କାରଣ ହେଉଛି, ସେମାନେ ସେଭଳି କାର୍ଯ୍ୟ କରିବା ସମୟରେ ତାଙ୍କୁ ଅଧିକ ଦୋଷୀ ହେବାକୁ ପଡ଼ି ନଥାଏ/ ସାବ୍ୟସ୍ତ କରା ଯାଇ ନଥାଏ।

୨. ସାମାଜିକ ଅସଙ୍ଗଠନ - ପରିବାର ଦ୍ୱାରା ଶିଶୁକୁ ଉପେକ୍ଷା କରାଯିବା। ଅଲଗା ରହିବା ଏବଂ ଏକୁଟିଆ ରହିବା ସେମାନଙ୍କୁ ଏଭଳି ଭୁଲ କାର୍ଯରେ ଲିପ୍ତ ରହିବା ପାଇଁ ପ୍ରବର୍ତ୍ତାଇଥାଏ।

୩. ସମବର୍ଗୀଙ୍କ ଚାପ - ଅପରାଧ କ୍ଷେତ୍ରରେ ବାଳକମାନଙ୍କର ପ୍ରବେଶର କାରଣ ହେଉଛି ସାଙ୍ଗସାଥୀ, ଯେଉଁମାନେକି ଜାଣତରେ କିମ୍ୱା ଅଜାଣତରେ ଅପରାଧ ସହିତ ଜଡ଼ିତ ହୋଇ ରହିଥାନ୍ତି। ତାହା ସେମାନଙ୍କୁ ସମାନ ଅପରାଧ କରିବା ପାଇଁ ପ୍ରବର୍ତ୍ତାଇ ଥାଏ।

୪. ସମାଜ ଦ୍ୱାରା ଚିହ୍ନିତ କରାଯିବା – ମାର୍କା ମାରିବା କିମ୍ବା ନିର୍ଦ୍ଦିଷ୍ଟ ଭାବେ ଚିହ୍ନିତ କରିବା ଆମ ସମାଜର ଏକ ସାଧାରଣ ସିଦ୍ଧାନ୍ତ। ଯେଉଁ ବ୍ୟକ୍ତି ଭୁଲ୍ କାର୍ଯ୍ୟ କରିଥାଏ, ଆମେ ସେହି ବ୍ୟକ୍ତିକୁ ଅପରାଧୀ ବୋଲି ଚିହ୍ନିତ କରିଥାଉ ଏବଂ ପିଢ଼ି ପରେ ପିଢ଼ି ଅନେକ ପିଢ଼ି ପର୍ଯ୍ୟନ୍ତ ଏହା ସେହି ବ୍ୟକ୍ତି ସହିତ ଯୋଡ଼ି ହୋଇ ରହିଯାଏ।

୫. ଘର ଏବଂ ସମାଜ – ସାବତ ମାଆର ବ୍ୟବହାର, ଦାରିଦ୍ର୍ୟତା, ଟିଭି କିମ୍ବା ଇଣ୍ଟରନେଟ୍ କିମ୍ବା ଅନ୍ୟାନ୍ୟ ମାଧ୍ୟମର ପ୍ରଭାବ, ବାସ୍ତବ ଜୀବନର ଘଟଣାବଳୀ ଏବଂ ଅତ୍ୟଧିକ ଶୃଙ୍ଖଳା ସହିତ ଅନ୍ୟାନ୍ୟ କାରଣ ମଧ୍ୟ ହୋଇପାରେ ଯାହା ଅପରାଧର କାରଣ ହୋଇଥାଏ।

୬. ପଡ଼ୋଶୀଙ୍କ ପ୍ରଭାବ - ଯଦି ପଡ଼ୋଶୀ ଭାବେ ଜୁଆଡ଼ି, ଝଗଡ଼ା କରୁଥିବା ସ୍ୱାମୀ-ସ୍ତ୍ରୀ, ମଦ୍ୟପ ରହିଥାନ୍ତି, ତେବେ ଜଣଙ୍କର ଅପରାଧ ଘଟେଇବା ପାଇଁ ଆଗ୍ରହ ସୃଷ୍ଟି ହୋଇଥାଏ।

### ୨.୬.୫ ଗଣମାଧ୍ୟମ ଏବଂ କିଶୋର ହିଂସା: ସଂଯୋଗର ସୂତ୍ର

୧. ଟେଲିଭିଜନ୍ ଖବରରେ ଅପରାଧଭିତ୍ତିକ ଖବରକୁ ନାଟକୀୟ ଢଙ୍ଗରେ ପ୍ରସାରିତ କରାଯାଏ, ଯେତେବେଳେ କି ପ୍ରକୃତ ଅପରାଧ ଆପେକ୍ଷିକ ଭାବେ ସ୍ଥିର ରହିଥାଏ। ଏହିଭଳି ଖବର ଦେଖିବା ଫଳରେ କିଶୋରମାନଙ୍କ ମଧ୍ୟରେ ଅପରାଧ ଘଟାଇବା ନିମନ୍ତେ ଆଗ୍ରହ ସୃଷ୍ଟି ହୋଇଥାଏ।

୨. ସିନେମା, ଟେଲିଭିଜନ୍, ଧାରାବାହିକ, ବ୍ୟଙ୍ଗଚିତ୍ର ଇତ୍ୟାଦି ଅପରାଧ ଏବଂ ହିଂସାର ଅବିଚ୍ଛେଦ୍ୟ ଅଂଶ ହୋଇଥାଏ। ଏହିସବୁ ଦୃଶ୍ୟର ବର୍ଣ୍ଣନା ଉତ୍ତେଜନା ଏବଂ ଆଗ୍ରହ ସୃଷ୍ଟି କରିଥାଏ।

୩. ଅପରାଧ ସଂଘଟିତ ହେବାର ସ୍ଥାନ ଏବଂ ହିଂସାର ଦୃଶ୍ୟ ମଧ୍ୟ ଆଗ୍ରହ ସୃଷ୍ଟି କରିଥାଏ।

୪. ଗଣମାଧ୍ୟମରେ ଯୁବ ଗୋଷ୍ଠୀଙ୍କ ପ୍ରତି ହିଂସାକୁ ଉପସ୍ଥାପନ କରାଯିବା ବୟଃପ୍ରାପ୍ତିକୁ ଉଦ୍ରେକ କରାଇ ଥାଏ।

୫. ଆଞ୍ଚଳିକ ଟେଲିଭିଜନ ଚ୍ୟାନେଲରେ ବର୍ଣ୍ଣନା କରା ଯାଉଥିବା ଟେଲି ସିରିଏଲ୍ ଏବଂ କ୍ଷୁଦ୍ରଗଳ୍ପର ଦୁଇ ତୃତୀୟାଂଶରୁ ଅଧିକ ହିଂସାତ୍ମକ ଅପରାଧ ସମ୍ପର୍କିତ କାର୍ଯ୍ୟକ୍ରମ କିଶୋର ଏବଂ ଯୁବ ଗୋଷ୍ଠୀମାନଙ୍କୁ ନେଇ କରାଯାଇଥାଏ।

୬. ଖବରକାଗଜରେ ହିଂସା ସମ୍ପର୍କିତ ବିଷୟବସ୍ତୁ ପ୍ରକାଶିତ ହେଉଛି।

୭. ଟେଲିଭିଜନ୍ ଏବଂ ସିନେମାର ଦୃଶ୍ୟ ବୟଃପ୍ରାପ୍ତମାନଙ୍କୁ ହିଂସା, ଘୃଣା ଏବଂ ଚରମବାଦର ଦୃଶ୍ୟ ପ୍ରତି ଉନ୍ମୁଖ କରିଥାଏ।

୮. ଗଣମାଧ୍ୟମ ବ୍ୟବହାରିକ ପ୍ରବୃତ୍ତିକୁ ସୁଦୃଢ଼ କରିଥାଏ।

୯. ଗଣମାଧ୍ୟମ ସମ୍ପର୍କିତ ଅପରାଧର ଆକସ୍ମିକ କାରକଗୁଡ଼ିକ ସ୍ୱଚ୍ଛ ହୋଇଥାଏ।

୧୦. ଗଣମାଧ୍ୟମରେ ଯେଉଁ ହିଂସାକୁ ଉପସ୍ଥାପନ କରାଯାଏ, ତାହା ଅପରାଧ ସୃଷ୍ଟିର ମୁଖ୍ୟ କାରକ ହୋଇଥାଏ, ଯେତେବେଳେ ଏହା ନିମ୍ନରେ ଉଲ୍ଲିଖିତ କାରଣ ଅନୁସାରେ ଘଟିଥାଏ।

(କ) ଗଣମାଧ୍ୟମରେ ବର୍ଣ୍ଣିତ ଅପରାଧ ଏବଂ ହିଂସାକୁ ବାଳକମାନେ ବାସ୍ତବ ବୋଲି ଭାବି ନେଇଥାନ୍ତି।

(ଖ) ଶିଶୁମାନଙ୍କର ଅପରାଧ ଏବଂ ଅପରାଧ ପ୍ରତି ଅଧିକ ଆଗ୍ରହ ରହିଥାଏ।

ଗଣଯୋଗାଯୋଗର କାର୍ଯ୍ୟ ସାଂସ୍କୃତିକ ପ୍ରଥାର ସୁଦୃଢ଼ୀକରଣ ନିମନ୍ତେ ଶକ୍ତି ହୋଇ କାର୍ଯ୍ୟ କରିଥାଏ। ଗଣମାଧ୍ୟମ ବ୍ୟାପକ ସମ୍ପୃକ୍ତି ଏବଂ ଜନସାଧାରଣଙ୍କ ସ୍ୱୀକୃତି ଲାଭ କରିଥାଏ, କାରଣ ଗଣମାଧ୍ୟମରେ ପ୍ରସାରିତ ବିଷୟବସ୍ତୁଗୁଡ଼ିକର ଉଦାରୀକରଣ। ଗଣଯୋଗଯୋଗର ସାମାଜିକ ପ୍ରଭାବ ସମ୍ବନ୍ଧ ଅନୁସାରେ ଅପରାଧ ସଂସ୍କୃତିରୁ ଉପଲବ୍ଧି କରାଯାଇଥାଏ ଏବଂ ବ୍ୟକ୍ତିର ମନୋବୈଜ୍ଞାନିକ ସ୍ତରର ଗଠନରେ ବର୍ଦ୍ଧନଶୀଳ ପରିବେଶର ବହୁତ ପ୍ରଭାବ ରହିଥାଏ।

**୨.୬.୬: ବାଳ ଅପରାଧ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ**

ସୋସିଆଲ୍ ନେଟ୍‌ୱର୍କିଂ କିମ୍ବା ସାମାଜିକ ମାଧ୍ୟମ ମୁଖ୍ୟ ରୂପରେ ୱର୍ଲ୍ଡ ୱାଇଡ୍ ୱେବ୍ ଏବଂ ଇଣ୍ଟରନେଟ୍‌ର ବ୍ୟବହାରକୁ ବୁଝାଇଥାଏ। ଏହା ଅନ୍‌ଲାଇନ୍ ସେବା ମଞ୍ଚ କିମ୍ବା ଭର୍ଚୁଆଲ ସାଇଟ୍ ଯାହା ସମଗ୍ର ବିଶ୍ୱରେ ସାମାଜିକ ଅନୁବନ୍ଧ ଏବଂ ଲୋକମାନଙ୍କ ଭିତରେ ସମ୍ପର୍କ ଉପରେ ଗୁରୁତ୍ୱ ଦେଇଥାଏ, ତାହା ପ୍ରଦାନ କରିଥାଏ। ଏହା ସମାନ ଆଗ୍ରହ ଏବଂ ପସନ୍ଦ ରଖୁଥିବା ଲୋକମାନଙ୍କୁ ଏକଜୁଟ କରିଥାଏ। ଫେସ୍‌ବୁକ୍, ଟ୍ୱିଟର, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମ ମନୋରଞ୍ଜନ ଏବଂ ସୂଚନାର ପ୍ରସାରଣ ପାଇଁ ବ୍ୟବହୃତ ହୋଇଥାଏ। ଏହିସବୁ ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍‌ଗୁଡ଼ିକ କିଶୋରମାନଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ। କିଶୋର ଏବଂ ପ୍ରାପ୍ତବୟସ୍କମାନେ ସେଲିବ୍ରିଟିମାନଙ୍କର ପୃଷ୍ଠାକୁ ନିରୀକ୍ଷଣ କରିଥାନ୍ତି, ସେମାନଙ୍କ ପୋଷ୍ଟ୍‌କୁ ଲାଇକ୍ ଏବଂ ଫଲୋ କରିଥାନ୍ତି ଏବଂ ସେହି ସମୟରେ ସେସବୁକୁ ନକଲ କରିବାକୁ ଚେଷ୍ଟା କରିଥାନ୍ତି। ଏହା ଧୀରେ ଧୀରେ ସେମାନଙ୍କୁ ଅପରାଧ ଜଗତ ଆଡ଼କୁ ନେଇ ଯାଇଥାଏ। ସାମାଜିକ ମାଧ୍ୟମ ଏହିପରି ଏକ ହିଂସ୍ର ପଶୁ ଭଳି ହୋଇଥାଏ।

**୨.୬.୭: ସାମାଜିକ ଗଣମାଧ୍ୟମରେ ହେଉଥିବା ହିଂସାକୁ ନିୟନ୍ତ୍ରିତ କରିବାର ଉପାୟ**

ସାମାଜିକ ଗଣମାଧ୍ୟମର ପୃଷ୍ଠାରେ ପ୍ରଦର୍ଶିତ ପ୍ରୋଫାଇଲ୍ ଉପରେ ସକ୍ରିୟ ଭାବେ ଯାଞ୍ଚ କରିବା ଏବଂ କିଶୋରାବସ୍ଥାରେ ଭାବନାତ୍ମକ ଏବଂ ବ୍ୟବହାରିକ ପରିବର୍ତ୍ତନ ଉପରେ କ୍ରମାଗତ ନଜର ରଖାଯିବା, ଏହା ଉପରେ ପରାମର୍ଶ ଦେବା ହିଂସାକୁ ପ୍ରତିହତ କରିବାରେ ସାହାଯ୍ୟ କରିପାରେ।

ଭିଡିଓ ଗେମ୍‌ଗୁଡ଼ିକ ଏପରି ଢଙ୍ଗରେ ପ୍ରସ୍ତୁତ କରାଯାଇଥାଏ ଯେ କିଶୋର ଏବଂ ପ୍ରାପ୍ତବୟସ୍କମାନେ ସ୍ୱଭାବତଃ ସେଗୁଡ଼ିକ ପ୍ରତି ଆକର୍ଷିତ ହୋଇଥାନ୍ତି। ସେମାନେ ଏହି ଖେଳଗୁଡ଼ିକୁ ଖୁସି ଏବଂ ମନୋରଞ୍ଜନ ପାଇଁ ଖେଳିଥାନ୍ତି। ପ୍ରାପ୍ତବୟସ୍କମାନେ ସେମାନଙ୍କର ମୌଳିକ ମାନସିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଭଳି ଫାଶର ଶିକାର ହୋଇଯାଆନ୍ତି। ସେମାନେ ସଂଯୋଗ ରଖିବା ପାଇଁ ଖେଳକୁ କ୍ରମାଗତ ଭାବେ ଖେଳିଥାନ୍ତି। ଯଦି ପିତାମାତାଙ୍କ ନିୟନ୍ତ୍ରଣରେ ଏହାକୁ ବ୍ୟବହାର କରାଯାଆନ୍ତା, ତା'ହେଲେ ସାମାଜିକ ମାଧ୍ୟମ ବାଳ ଅପରାଧର କାରଣ ହୁଅନ୍ତା ନାହିଁ।

**୨.୬.୮: ବାଳ ଅପରାଧକୁ ରୋକିବା ପାଇଁ ସମାଧାନର ପନ୍ଥା ସମୂହ**

ବାଳ ଅପରାଧର ଜାଲରେ ଶିକାର ହେବାରୁ ଯୁବ ଗୋଷ୍ଠୀ ଏବଂ କିଶୋରମାନଙ୍କୁ ରକ୍ଷା କରିବାର ଅନେକ ଉପାୟ ରହିଛି। ସେଗୁଡ଼ିକ ମଧ୍ୟରୁ କିଛି ନିମ୍ନରେ ତାଲିକା କରାଗଲା।

୧. ପାରମ୍ପରିକ ବିଶ୍ୱାସ ଏବଂ ସଂସ୍କୃତି ଉପରେ ଶିକ୍ଷା।

୨. ଗଣମାଧ୍ୟମ ବିଷୟବସ୍ତୁ ଏବଂ ସାମାଜିକ ଗଣମାଧ୍ୟମକୁ ଦେଖିବା ସମୟରେ ପିତାମାତାଙ୍କର ନିୟନ୍ତ୍ରଣ ଏବଂ ପର୍ଯ୍ୟବେକ୍ଷଣ ।

୩. ଟେଲିଭିଜନ୍ ଦେଖିବା ବେଳେ ଏବଂ ବହି ପଢ଼ିବା ବେଳେ ପିତାମାତାଙ୍କର ଅଧିକ ଯତ୍ନ ଏବଂ ପର୍ଯ୍ୟବେକ୍ଷଣର ଆବଶ୍ୟକତା ।

ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଅଧିକ ଯୋଗାଯୋଗ କିଶୋରମାନଙ୍କ ମଧ୍ୟରେ ଏକତାର ଭାବନାକୁ ହ୍ରାସ କରିଥାଏ ।

## ୨.୭: ଆସ ପ୍ରଗତି ମାପିବା

୧) ତୁମ ଅନୁଯାୟୀ ନିର୍ଣ୍ଣୟ ନେବା ସମୟରେ କେଉଁ ମାଧ୍ୟମର କଥା ଶୁଣିବା ପାଇଁ କିଶୋରମାନେ ଆଗ୍ରହ ପ୍ରକାଶ କରିଥାନ୍ତି- ସେମାନଙ୍କର ପିତାମାତା କିମ୍ବା ସେମାନଙ୍କର ସମବର୍ଗୀ ?

----------------------------------------------------------------------

----------------------------------------------------------------------

-------------------------

୨) କିଶୋରାବସ୍ଥାରେ ସାମାଜିକ ପରିବର୍ତ୍ତନ ସହିତ ଖାପ ଖୁଆଇବା କଷ୍ଟକର ହୋଇଥାଏ । ସାଙ୍ଗସାଥୀ ଗୋଷ୍ଠୀର ପ୍ରଭାବ କମ୍ ହେବା ଯୋଗୁଁ ଏହା ହୋଇଥାଏ କି ? ବର୍ଣ୍ଣନା କର ।

----------------------------------------------------------------------

----------------------------------------------------------------------

-------------------------

୩) ତୁମ ମତରେ କିଶୋରାବସ୍ଥାର 'ସାମାଜିକୀକରଣ'ରେ ସମବର୍ଗୀ ଗୋଷ୍ଠୀର ପ୍ରଭାବ କ'ଣ ହୋଇଥାଏ ?

----------------------------------------------------------------------

----------------------------------------------------------------------

-------------------------

୪) ଯେତେବେଳେ କିଶୋରମାନେ ଅବସାଦର ଶିକାର ହୋଇଥାନ୍ତି, ପରାମର୍ଶ ସେମାନଙ୍କର ପଥକୁ ପରିବର୍ତ୍ତନ କରିଥାଏ କି ? ତୁମର ମତାମତକୁ ବର୍ଣ୍ଣନା କର ।

----------------------------------------------------------------------

----------------------------------------------------------------------

-------------------------

୫) ତୁମେ ଜାଣିଥିବା କୌଣସି ବାଳ ଅପରାଧ ଘଟଣା ସମ୍ପର୍କରେ ବର୍ଣ୍ଣନା କର। ଏହା ଗଣମାଧ୍ୟମ କାରଣରୁ ହୋଇଥିଲା କି ?

-------------------------------------------------------------------------------

-------------------------------------------------------------------------------

----------------------------

# ୟୁନିଟ୍- ୩: ଗଣମାଧ୍ୟମ ଏବଂ ଅସ୍ୱାଭାବିକ ବ୍ୟବହାର


୩.୦: ବିଷୟର ଗଠନ

୩.୧: ପଠନର ଉଦ୍ଦେଶ୍ୟ

୩.୨: ମଧ୍ୟସ୍ଥିଗତ ଅସ୍ୱାଭାବିକତା

୩.୨.୧: ସାମାଜିକ ବ୍ୟବସ୍ଥା

୩.୨.୩: ଅସ୍ୱାଭାବିକତାରେ ସମାଜ ତତ୍ତ୍ୱର ଦୃଷ୍ଟିକୋଣ

୩.୩: ଗଣମାଧ୍ୟମ ଏବଂ ହିଂସା

୩.୩.୧: ହିଂସା କ'ଣ ଏବଂ ଏହା କିପରି ଘଟିଥାଏ ?

୩.୩.୨: ହିଂସାର ପ୍ରକାର

୩.୩.୩: ସାମାଜିକ ଶିକ୍ଷଣ ସିଦ୍ଧାନ୍ତ

୩.୩.୪: କଲଟିଭେସନ୍ ସିଦ୍ଧାନ୍ତ

୩.୩.୫: ଗଣମାଧ୍ୟମ ହିଂସାର ପ୍ରଭାବ

୩.୩.୬: ହିଂସାକୁ ରୋକିବାର ଉପାୟ

୩.୩.୭: ହିଂସା ନିମନ୍ତେ ସାମାଜିକ ମାଧ୍ୟମ ଏକ ଉତ୍ପ୍ରେରକ

୩.୪: ମଧ୍ୟସ୍ଥତା କରୁଥିବା ଅପରାଧ

୩.୪.୧: ଅପରାଧର ଗଣମାଧ୍ୟମରେ ପ୍ରତିନିଧିତ୍ୱ

୩.୪.୨: ମୋର୍ଟନଙ୍କର ଷ୍ଟ୍ରେନ୍ ସିଦ୍ଧାନ୍ତ

୩.୪.୩: ଅପରାଧ ଏବଂ ଅସ୍ୱାଭାବିକତା ଉପରେ ଦୃଷ୍ଟିଭଙ୍ଗୀ

୩.୫: ଗଣମାଧ୍ୟମ ଦ୍ୱାରା ପରୀକ୍ଷଣ ଟ୍ରାଏଲ୍ସ

୩.୫.୧: ଗଣମାଧ୍ୟମ ପ୍ରଭାବର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ

୩.୫.୨: ଗଣମାଧ୍ୟମ ପ୍ରଭାବର ଅପରାଧିକ ଦୃଷ୍ଟିକୋଣ

୩.୬: ବହୁବାଦ ଉପେକ୍ଷାର ଅବଧାରଣା

୩.୭: ଆସ ପ୍ରଗତି ମାପିବା


## ୩.୧: ପଠନର ଉଦ୍ଦେଶ୍ୟ

ଏହି ୟୁନିଟ୍ ନିମ୍ନଲିଖିତ ବିଷୟକୁ ଉନ୍ମୁକ୍ତ କରିବ -

୧. ଅସ୍ୱାଭାବିକତା ସମ୍ପର୍କିତ ସାମାଜିକ ବ୍ୟବସ୍ଥାର ଗଠନ

୨. ଗଣମାଧ୍ୟମ ଏବଂ ଅପରାଧ ବା ହିଂସା ମଧ୍ୟରେ ସମ୍ପର୍କ

୩. ଅପରାଧ ଉପରେ ତାତ୍ତ୍ୱିକ ଦୃଷ୍ଟିକୋଣ ଏବଂ ଗଣମାଧ୍ୟମ

## ୩.୨ : ମଧ୍ୟସ୍ଥିଗତ ଅସ୍ୱାଭାବିକତା

### ୩.୨.୧ : ସାମାଜିକ ବ୍ୟବସ୍ଥା

ସାମାଜିକ ବ୍ୟବସ୍ଥା ହେଉଛି ଗୋଷ୍ଠୀ ମଧ୍ୟରେ ଏକ ନିବିଡ଼ ଭାବେ ଗୁନ୍ଥା ହୋଇଥିବା ପ୍ରଣାଳୀ ସହିତ ବ୍ୟବହାର ଏବଂ ଜୀବନଶୈଳୀର ଏକ ଉତ୍ତରାଧିକାର ଢାଞ୍ଚା। ଏକ ସାମାଜିକ ବ୍ୟବସ୍ଥା ଶିକ୍ଷାଗତ, ରାଜନୈତିକ ଏବଂ ଅର୍ଥନୈତିକ ବ୍ୟବସ୍ଥାକୁ ନେଇ ଗଠିତ ହୋଇଥାଏ। ଯେ କୌଣସି ପରିସ୍ଥିତି ଯାହା ସାମାଜିକ ବ୍ୟବସ୍ଥାକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରିବାରେ ଅଶାନ୍ତି ସୃଷ୍ଟି କରିଥାଏ, ତାହାକୁ ସାମାଜିକ ସମସ୍ୟା ଆକାରରେ ଚିହ୍ନଟ କରା ଯାଇଥାଏ। ଏହି ପ୍ରସଙ୍ଗ ସାମାଜିକ ସଂରଚନା ପ୍ରତି ବିପଦ ସୃଷ୍ଟି କରିବା ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧି ପାଇଥାଏ।

ଗଣାମଧ୍ୟମ ଲିଖନ, ପ୍ରସାରଣ କିମ୍ବା କଥିତ ମାଧ୍ୟମର ସମାବେଶ ହୋଇଥାଏ, ଯାହା ବୃହତ୍ ବିବିଧତାପୂର୍ଣ୍ଣ ପାଠକ/ଦର୍ଶକ/ଶ୍ରୋତାଙ୍କ ପାଖରେ ପହଞ୍ଚିପାରେ। ଏଥିରେ ଟେଲିଭିଜନ୍, ରେଡିଓ, ଇଣ୍ଟରନେଟ୍, ଖବରକାଗଜ ଏବଂ ପତ୍ରପତ୍ରିକା ଅନ୍ତର୍ଭୁକ୍ତ ହୋଇଥାଏ। ସାମାଜିକ ଆନ୍ଦୋଳନରେ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଗଣମାଧ୍ୟମ ଜରିଆରେ ପାଠକ/ଦର୍ଶକ ବସ୍ତୁବାଦୀ ସଂସ୍କୃତି (ପ୍ରଯୁକ୍ତିର ଫଳାଫଳ) ତଥା ଅଣ-ବସ୍ତୁବାଦୀ ସଂସ୍କୃତି ଯଥା- ବିଶ୍ୱାସ (ସତ୍ୟ କ'ଣ), ମୂଲ୍ୟବୋଧ (କ'ଣ ଗୁରୁତ୍ୱପୂର୍ଣ୍ଣ) ଏବଂ ଆଦର୍ଶ (କ'ଣ ଆଶା କରାଯାଇଥାଏ) ସମ୍ପର୍କରେ ଶିକ୍ଷାଲାଭ କରିଥାନ୍ତି। ଏହି ବିଷୟର ମୁଖ୍ୟ ଲକ୍ଷ୍ୟ ହେଉଛି, ଗଣମାଧ୍ୟମର ବିଚାରଧାରା ଏବଂ ସାମାଜିକ ସମସ୍ୟା ଏବଂ ସମାଜରେ ଘଟୁଥିବା ଆନ୍ଦୋଳନ ଭିତରେ ଥିବା ସମ୍ପର୍କକୁ ଆବିଷ୍କାର କରିବା।

### ୩.୨.୨ : ମଧ୍ୟସ୍ଥିଗତ ଅସ୍ୱାଭାବିକତା

ସବୁ ସାମାଜିକ ଗୋଷ୍ଠୀର ପୂର୍ବରୁ ପ୍ରସ୍ତୁତ ସାମାଜିକ ନିୟମର ଏକ ସାରଣୀ ରହିଥାଏ। ସାମାଜିକ ନିୟମଗୁଡ଼ିକ ହେଉଛି ବ୍ୟବହାରିକ ସ୍ୱରୂପର ସମାହାର ଏବଂ କାର୍ଯ୍ୟ ଯାହା ସେମାନଙ୍କ ସହିତ ସମ୍ବନ୍ଧିତ ହୋଇଥାଏ। ଯେଉଁମାନେ ସେହି ନିୟମକୁ ପାଳନ କରିଥାନ୍ତି, ସେମାନଙ୍କୁ ଠିକ୍ ବୋଲି ଚିହ୍ନଟ କରା ଯାଉଥିବା ବେଳେ, ଯେଉଁମାନେ ତାହାକୁ ମାନି ନଥାନ୍ତି, ସେମାନଙ୍କୁ 'ଭୁଲ୍' ବ୍ୟକ୍ତି ବୋଲି ବର୍ଗୀକୃତ କରା ଯାଇଥାଏ। ଜଣେ ବ୍ୟକ୍ତି ଯିଏ ସମାଜର ଲିଖିତ ନିୟମକୁ ଭାଙ୍ଗିଥାନ୍ତି, ତାଙ୍କୁ ସମାଜ ବାହାର ବ୍ୟକ୍ତି କିମ୍ବା ପଥଭ୍ରଷ୍ଟ ବୋଲି କୁହାଯାଏ। ସେମାନଙ୍କୁ ନିୟମ ଉଲ୍ଲଙ୍ଘନକାରୀ କିମ୍ବା ନିୟମ ଭଙ୍ଗକାରୀ ବୋଲି କୁହା ଯାଇଥାଏ।

ସମସ୍ତ ସମାଜର ନିୟମ ରହିଛି, ଯାହା ସଂହିତାକୃତ ନିୟମର ସାରଣୀ ଅନୁସାରେ, ଯାହା ଖରାପରୁ ଭଲ ଭିତରେ, ଅବାଞ୍ଛିତରୁ ବାଞ୍ଛିତ, ଭୁଲ୍‌ରୁ ଠିକ୍, ଅବୈଧ ବ୍ୟବହାରରୁ ବୈଧ ବ୍ୟବହାର ଇତ୍ୟାଦି ମଧ୍ୟରେ ସୀମାରେଖା ଟାଣିଥାଏ। ସେଠାରେ ସଂହିତାକୃତ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ସାମାଜିକ ନିୟନ୍ତ୍ରଣ

ନିମନ୍ତେ ଦଣ୍ଡ ତଥା ଉପଯୁକ୍ତ ପଦକ୍ଷେପ ନିଆଯାଇଥାଏ। ପଥଭ୍ରଷ୍ଟ ବ୍ୟବହାର ସ୍ୱୀକାର୍ଯ୍ୟ ସାମାଜିକ ବ୍ୟବହାରର ବିପକ୍ଷରେ ଯାଇଥାଏ। ଏହି ବ୍ୟବହାର ନକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଥାଏ, ଯାହା ସାମାଜିକ ନିୟନ୍ତ୍ରଣର କ୍ରିୟାବିଧି ଆବଶ୍ୟକ କରିଥାଏ।

ଗଣମାଧ୍ୟମ ସମାଜର ଚତୁର୍ଥ ସ୍ତମ୍ଭ ଭଳି କାର୍ଯ୍ୟ କରିଥାଏ। ଏହା କେବଳ ସମାଜର ଦର୍ପଣ ହୋଇ ନଥାଏ, ବରଂ ସାମାଜିକ ପରିବର୍ତ୍ତନର ଏକ ପ୍ରମୁଖ ଉପକରଣ ହୋଇଥାଏ। ଗଣମାଧ୍ୟମ ବ୍ୟକ୍ତିଗତ ସ୍ତରରେ ଆମର ଜୀବନକୁ ଧରି ରଖିବାରେ ସହାୟକ ହୋଇଥାଏ।

ଗଣମାଧ୍ୟମ ସର୍ବଦା ସୂଚନା ଏବଂ ମନୋରଞ୍ଜନର (ସୂଚନା-ମନୋରଞ୍ଜନ ମଧ୍ୟ) ପ୍ରସାରଣ ନିମନ୍ତେ ସାହାଯ୍ୟ କରିଥାଏ। ଏହା ଗଣତନ୍ତ୍ରକୁ ଆକାର ଦେବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ଭାରତୀୟ ଗଣତନ୍ତ୍ରରେ ଗଣମାଧ୍ୟମର ଗଠନର ଏଜେଣ୍ଡା (କାର୍ଯ୍ୟସାରଣୀ) ସ୍ଥିର କରିବାର କ୍ଷମତା ରହିଛି। ଗଣମାଧ୍ୟମ କାର୍ଯ୍ୟସାରଣୀକୁ ସ୍ଥିର କରିପାରେ ଏବଂ ମତାମତ ଗଠନ କରିପାରେ। ଦର୍ଶକ/ପାଠକମାନେ ବିଭିନ୍ନ ସ୍ୱରୂପ, ଯଥା ରେଡିଓ, ଟେଲିଭିଜନ୍, ଖବରକାଗଜ ଇତ୍ୟାଦି ବିଭିନ୍ନ ସ୍ୱରୂପରେ ଗଣମାଧ୍ୟମକୁ ବ୍ୟବହାର କରିଥାନ୍ତି। ପ୍ରତ୍ୟେକ ଗଣମାଧ୍ୟମ ସେମାନଙ୍କ ନିଜ ଅନୁସାରେ, ଅଦ୍ୱିତୀୟ ଢଙ୍ଗରେ ସୂଚନାକୁ ଉପସ୍ଥାପନ କରିଥାନ୍ତି। ଅପରାଧ ଏବଂ ଅସ୍ୱାଭାବିକ ସମ୍ପର୍କିତ ଖବର ସଂଗ୍ରହ କରିବାରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, ଲୋକମାନଙ୍କର ଅପରାଧକୁ ନେଇ ଉପଲବ୍ଧିକୁ ଆକାର ଦେବାରେ ସେମାନଙ୍କର ଭୂମିକା ଉଲ୍ଲେଖନୀୟ ହୋଇଥାଏ।

ଅସ୍ୱାଭାବିକତା ଗଣମାଧ୍ୟମ କ୍ଷେତ୍ରରେ ଏକ ଆଲୋଚନାର ବିଷୟ। ଗଣମାଧ୍ୟମରେ ପ୍ରଦର୍ଶିତ ହେଉଥିବା ହିଂସାତ୍ମକ ଦୃଶ୍ୟକୁ ଅଧିକ ପରିମାଣରେ ଦେଖୁଥିବା ଯୁବ ଗୋଷ୍ଠୀଙ୍କ ସହିତ ଅସ୍ୱାଭାବିକ ବ୍ୟବହାରର ସମ୍ପର୍କ ରହିଛି।

ଅପରାଧ ଏବଂ ହିଂସା ସବୁବେଳେ ଗଣମାଧ୍ୟମର ଆଗ୍ରହର ବିଷୟ ହୋଇ ରହି ଆସିଛି, କାରଣ ଏହା ଖବର ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଅପରାଧ ସମ୍ପର୍କିତ ଖବର ବହୁତ ସତର୍କତା ଏବଂ ଧ୍ୟାନର ସହିତ ଲେଖାଯାଏ, କାରଣ ଉପସ୍ଥାପିତ ପ୍ରକାଶିତ ଖବରରେ ଅଳ୍ପ କିଛି ଅସଙ୍ଗତି ଖବରର ମୂଲ୍ୟକୁ ନେଇ ଅସ୍ୱାଭାବିକତା ସୃଷ୍ଟି କରିଥାଏ। ଅପରାଧ ଏବଂ ହିଂସା ସମ୍ପର୍କିତ ଯେ କୌଣସି ଖବର ପାଠକ/ଦର୍ଶକମାନଙ୍କ ମଧ୍ୟରେ ନୈତିକ ବିଚଳନ ସୃଷ୍ଟି କରିଥାଏ।

### ୩.୨.୩: ସ୍ଖଳନର ସମାଜ ତାତ୍ତ୍ୱିକ ଦୃଷ୍ଟିକୋଣ

ଏକ ସଫଳ ସମାଜ ପାଇଁ ଅସ୍ୱାଭାବିକତା ନିହାତି ଆବଶ୍ୟକ ହୋଇଥାଏ। ଏହା ମଧ୍ୟ ଏକ କାର୍ଯ୍ୟକ୍ଷମ ସମାଜରେ ମୁଖ୍ୟ ଉପାଦାନ ହୋଇଥାଏ। ଅସ୍ୱାଭାବିକତାର ସମାଜ ତତ୍ତ୍ୱରେ ମୁଖ୍ୟ ଦୃଷ୍ଟିକୋଣଗୁଡ଼ିକ ହେଉଛି

ନିରଙ୍କୁଶ ଦୃଷ୍ଟିକୋଣ, ସାପେକ୍ଷବାଦୀ ଦୃଷ୍ଟିକୋଣ ଏବଂ ସାମାଜିକ କ୍ଷମତା ଦୃଷ୍ଟିକୋଣ, ଗଣମାଧ୍ୟମ ପାଇଁ ମଧ୍ୟ ଏହା ଉତ୍ତମ ହୋଇଥାଏ।

- ନିରଙ୍କୁଶ ଦୃଷ୍ଟିକୋଣ- ଗଣମାଧ୍ୟମ କେବଳ ଖବରକୁ ନାଟକୀୟ ଢଙ୍ଗରେ ଉପସ୍ଥାପନ କରି ନଥାଏ, ବରଂ ଏହା ବାସ୍ତବିକତାର ନିର୍ମାଣରେ ଭାଗ ନେଇଥାଏ। ରିପୋର୍ଟ ଏବଂ ସଂଖ୍ୟା ଭିତ୍ତିରେ ଏହା ଦର୍ଶକ/ପାଠକମାନଙ୍କୁ ଅପରାଧ ଏବଂ ଅସ୍ୱାଭାବିକତାର ବାସ୍ତବ ଚିତ୍ର ପ୍ରଦାନ କରିଥାଏ। ଦୁର୍ଖାଇମ୍‌ଙ୍କ ଅନୁସାରେ ଅପରାଧ ସମାଜରେ ଐକ୍ୟଭାବ ଏବଂ ସମାନତା ଆଣିଥାଏ। ଏହି ସମାନ ଜିନିଷକୁ ସୃଷ୍ଟି କରିବା ପାଇଁ ଅପରାଧ ସମ୍ପର୍କରେ ଜନସାଧାରଣ ଜାଣିବା ଉଚିତ୍। ଅପରାଧ ବିପକ୍ଷରେ ଐକ୍ୟଭାବ ସୃଷ୍ଟି କରିବାରେ ଗଣମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।
- ସପକ୍ଷବାଦୀ ଦୃଷ୍ଟିକୋଣ- ଅସ୍ୱାଭାବିକ ବ୍ୟବହାର ସବୁବେଳେ ପ୍ରକୃତି ଅନୁସାରେ ସ୍ୱାଭାବିକ ନୁହେଁ। ବେଳେବେଳେ ଏହା ଗଠନମୂଳକ ହୋଇଥାଏ। ଜନସାଧାରଣଙ୍କ ଖୋଲାଖୋଲି ମତ ଅନୁସାରେ ସଂସ୍କାର ଆନ୍ଦୋଳନ ହିଂସାକାରୀମାନଙ୍କୁ ଦଣ୍ଡିତ କରିଥାଏ। ସମାଜରେ ବିପଥଗାମୀମାନଙ୍କୁ ଧରା ପକାଇବାରେ ଗଣମାଧ୍ୟମ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ।
- ସାମାଜିକ କ୍ଷମତା ଦୃଷ୍ଟିକୋଣ- ସାମାଜିକ ଉତ୍ସ ଏକ କଳ୍ପିତ କଥା ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ଆଦର୍ଶ ଏବଂ ମୂଲ୍ୟକୁ ପହଞ୍ଚାଇ ଥାଏ। ଗଣମାଧ୍ୟମ ଏକ ଡିଜିଟାଲ୍ କଥାକାର, ଯିଏ ସମାଜରେ କିଛି ଜିନିଷକୁ ଟାଳିବା ନିମନ୍ତେ ଅସ୍ୱାଭାବିକ ବ୍ୟବହାରକୁ ବର୍ଣ୍ଣନା କରିଥାଏ।

**୩.୨.୪: ଅସ୍ୱାଭାବିକତା ଏବଂ ଅପରାଧର ସମାଜ ତାତ୍ତ୍ୱିକ ବର୍ଣ୍ଣନା**

ଇମାଇଲ ଦୁର୍ଖାଇମ୍ - ଅସ୍ୱାଭାବିକତାର କାର୍ଯ୍ୟ କ୍ଷମତା ଉପରେ ଇମାଇଲ ଦୁର୍ଖାଇମ୍ ମତ ଦେଇଥିଲେ ଯେ ଅସ୍ୱାଭାବିକତା ଏକ ସାଧାରଣ କାର୍ଯ୍ୟ, ସେ ଯୁକ୍ତି କରିଥିଲେ ଯେ ଅସ୍ୱାଭାବିକତା ସମାଜରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। କିଛି କାର୍ଯ୍ୟ ସମ୍ପର୍କରେ ନିମ୍ନରେ ଉଲ୍ଲେଖ କରାଗଲା।

୧. ଅସ୍ୱାଭାବିକତା ସାମାଜିକ ମାନଦଣ୍ଡକୁ ସ୍ୱଷ୍ଟ କରିବାକୁ ଚେଷ୍ଟା କରି ତଦ୍ୱାରା ଏହା ଅନୁକୂଳତାରେ ସାହାଯ୍ୟ କରିଥାଏ। ସମାଜରେ ଅସ୍ୱାଭାବିକତାର ଆବିଷ୍କାର ଲୋକମାନଙ୍କୁ ସାମାଜିକ ବ୍ୟବସ୍ଥାର ମାନଦଣ୍ଡକୁ ମନେ ପକାଇ ଦେଇଥାଏ।

୨. ଅସ୍ୱାଭାବିକତା ଲୋକମାନଙ୍କ ଭିତରେ ସାମାଜିକ ବନ୍ଧନକୁ ଦୃଢ଼ କରିଥାଏ।

୩. ଅସ୍ୱାଭାବିକତା ଏକ ସକାରାତ୍ମକ ସାମାଜିକ ପରିବର୍ତ୍ତନ ସୃଷ୍ଟି କରିପାରେ।

**ସାମାଜିକ ନିୟନ୍ତ୍ରଣ ସିଦ୍ଧାନ୍ତ**

ଟ୍ରାଭିସ୍ ହିର୍ଷି ୧୯୬୯ରେ ଯୁକ୍ତି କରିଥିଲେ ଯେ ମନୁଷ୍ୟ ପ୍ରକୃତି ଅନୁସାରେ ସ୍ୱାର୍ଥପର ଏବଂ ତେଣୁ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ ଯେ ଲୋକମାନେ କାହିଁକି ଅସ୍ୱାଭାବିକ କାର୍ଯ୍ୟ କରିଥାନ୍ତି। ତାଙ୍କ ଗବେଷଣା ପ୍ରମାଣ କରିଛି ଯେ ସଙ୍ଗଠନ ସହିତ ବନ୍ଧନ, ଯେମିତିକି ପରିବାର, ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ କିମ୍ବା ଯେଉଁ ସ୍ଥାନ ବ୍ୟକ୍ତିମାନଙ୍କ ମଧ୍ୟରେ ପରିବର୍ତ୍ତନ ଆଣିଥାଏ, ତାହା ସମାଜର ଆଦର୍ଶ ଏବଂ ବିଶ୍ୱାସ ସହିତ ଘନିଷ୍ଠ କରାଇବାରେ ସାହାଯ୍ୟ କରେ। ହିର୍ଷି ଚାରି ପ୍ରକାରର ବନ୍ଧନ ସମ୍ପର୍କରେ ଉଲ୍ଲେଖ କରିଛନ୍ତି, ଆସକ୍ତି, ପ୍ରତିବଦ୍ଧତା, ସମ୍ପୃକ୍ତି ଏବଂ ବିଶ୍ୱାସ।

- ଆସକ୍ତି – ଜୀବନରେ ସାମାଜିକ ଅନୁଷ୍ଠାନ ପ୍ରତି ବିଶ୍ୱସ୍ତ ରହିବା ଦ୍ୱାରା ପଥଭ୍ରଷ୍ଟ ହେବାର ସୁଯୋଗ କମ୍ ହୋଇଥାଏ। ଆମ ପରିବାର ଏବଂ ସ୍କୁଲ୍ ସହିତ ଆମର ଅଧିକ ଆସକ୍ତି ଯୋଗୁଁ ଆମେମାନେ କମ୍ ପରିମାଣରେ ବିପଥଗାମୀ ହୋଇଥାଉ।
- ପ୍ରତିବଦ୍ଧତା – ପାରମ୍ପରିକ କାର୍ଯ୍ୟ ପ୍ରତି ଆମେ ଯେତେ ପ୍ରତିବଦ୍ଧ ହୋଇଥାଉ, ଯଥା- ଶିକ୍ଷା, ବୃତ୍ତି ଇତ୍ୟାଦି, ଅସ୍ୱାଭାବିକତାର ସୁଯୋଗ ସେତେ କମ୍ ହୋଇଥାଏ।
- ସମ୍ପୃକ୍ତି – ପାରମ୍ପରିକ କାର୍ଯ୍ୟ ନିମନ୍ତେ ଆମେ କେତେ ସମୟ ବିତାଉଛେ, ଏହା ତାହାକୁ ବୁଝାଇ ଥାଏ। ଆମେ ଉପରେ ଉଲ୍ଲେଖ କରା ଯାଇଥିବା କାର୍ଯ୍ୟ ପାଇଁ ଯେତେ ଅଧିକ ସମୟ ଖର୍ଚ୍ଚ କରିବା, ବିପଥଗାମୀ ହେବାର ସୁଯୋଗ ସେତେ କମ୍ ରହିବ।
- ବିଶ୍ୱାସ – ସମାଜରେ ଆଦର୍ଶ ଏବଂ ମୂଲ୍ୟବୋଧଗୁଡ଼ିକୁ ଗ୍ରହଣ କରିବା, ଆମେ ଏହି ଆଦର୍ଶ ଉପରେ ଯେତେ ବିଶ୍ୱାସ କରିବା, ସେତେ କମ୍ ବିପଥଗାମୀ ହେବା।

ହିର୍ଷି ଆହୁରି ମଧ୍ୟ ମତ ଦେଇଥିଲେ ଯେ ଉପରୋକ୍ତ ତାଲିକାଭୁକ୍ତ ଯେ କୌଣସି କ୍ଷେତ୍ର ଜଣେ ବ୍ୟକ୍ତିର ବିପଥଗାମୀ ହେବାର କାରଣ ହୋଇପାରେ।

**କାର୍ଯ୍ୟକ୍ଷମତା**

କାର୍ଯ୍ୟକ୍ଷମତାର ସିଦ୍ଧାନ୍ତ ଅନୁସାରେ, ସମାଜ ଏକ ବ୍ୟବସ୍ଥା ଯେଉଁଠାରେ ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ସମସ୍ତ ଅଂଶ ଏକାଠି କାର୍ଯ୍ୟ କରିଥାଏ। ଏହା ଏକ ସିଦ୍ଧାନ୍ତମୂଳକ ଦୃଷ୍ଟିକୋଣ ଯାହା ହେଉଛି ସମାଜର ଏକ ସଂରଚନା, ଯେଉଁଠାରେ ପରସ୍ପର ସମ୍ବନ୍ଧିତ ଅଙ୍ଗ ଏକାଠି ରହିଥାଏ, ଯାହା ବ୍ୟକ୍ତିର ଜୈବିକ ଏବଂ ସାମାଜିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ କରାଯାଇଥାଏ। କାର୍ଯ୍ୟକ୍ଷମତାର ବିଚାର ଅନୁସାରେ ଅସ୍ୱାଭାବିକତା ସମାଜର ଏକ ପ୍ରମୁଖ ଉପାଦାନ। କାର୍ଯ୍ୟକ୍ଷମତା ବିଚାରରେ ପ୍ରଯୁକ୍ତି ଏବଂ ଗଣମାଧ୍ୟମ

ସମାଜରେ ଅବକାଶ ସମୟକୁ ସୁଗମ କରି ଉତ୍ପାଦନ ବୃଦ୍ଧି କରିବା ସହିତ ସ୍ଥିରତାକୁ ବୃଦ୍ଧି କରିଥାନ୍ତି। ସେମାନେ ଯେଉଁ ବିଭିନ୍ନ ପ୍ରକାରର ଭୂମିକା ନିର୍ବାହ କରନ୍ତି, ସେଗୁଡ଼ିକ ହେଉଛି-

- ବାଣିଜ୍ୟିକ କାର୍ଯ୍ୟ - ସମାଜର ଜନସଂଖ୍ୟାଗତ ବ୍ୟାପକତାକୁ ପୂରଣ କରିବା ପାଇଁ ଟେଲିଭିଜନ୍ ବିଜ୍ଞାପନ ଏକ ମାଧ୍ୟମ ହୋଇଥାଏ।
- ମନୋରଞ୍ଜନ କାର୍ଯ୍ୟ - ଗଣମାଧ୍ୟମର ମୁଖ୍ୟ କାର୍ଯ୍ୟ ହେଉଛି ପ୍ରଯୁକ୍ତିର ନୂତନତ୍ୱ ସହିତ ମନୋରଞ୍ଜନ ଯୋଗାଇ ଦେବା। ବୈଦ୍ୟୁତିକ ଗଣମାଧ୍ୟମରୁ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ପ୍ରଯୁକ୍ତି ସମାଜକୁ ମନୋରଞ୍ଜନ ଦେବା ପାଇଁ ବିଭିନ୍ନ ପ୍ରକାରର ନୂତନ ଏବଂ ଆଧୁନିକ ପ୍ରଣାଳୀର ସୁବିଧା ଦେଉଛି।
- ସାମାଜିକ ମାନଦଣ୍ଡ କାର୍ଯ୍ୟ– ଗଣମାଧ୍ୟମର ସମସ୍ତ ପ୍ରକ୍ରିୟା ଦର୍ଶାଏ ଯେ ଭଲ ଏବଂ ଉପଯୁକ୍ତ କ'ଣ, ଯେପରି ଆମେ କିପରି କଥା କହିବା ଉଚିତ୍, ଆମେ କିପରି ବ୍ୟବହାର କରିବା ଉଚିତ୍ ଏବଂ ଆମେ ଘଟଣା ପ୍ରତି କିଭଳି ପ୍ରତିକ୍ରିୟାଶୀଳ ହେବା ଉଚିତ୍। ଗଣମାଧ୍ୟମ ରାଷ୍ଟ୍ରୀୟ ମହତ୍ତ୍ୱ ରଖୁଥିବା ଘଟଣା ସମୟରେ ସାଂସ୍କୃତିକ ମାନଦଣ୍ଡ ମଧ୍ୟ ଯୋଗାଇ ଦେଇଥାଏ। ଗଣମାଧ୍ୟମ ମଧ୍ୟ ଆମକୁ ସାମାଜିକୀକରଣ କରିବାରେ ସାହାଯ୍ୟ କରିଥାଏ, ଆଦର୍ଶ, ମୂଲ୍ୟବୋଧ ବିଶ୍ୱାସକୁ ପିଢ଼ି ପରେ ପିଢ଼ି ଆଗେଇ ନେବାରେ ସାହାଯ୍ୟ କରେ।

## ୩.୩: ଗଣମାଧ୍ୟମ ଏବଂ ହିଂସା

### ୩.୩.୧: ହିଂସା କ'ଣ ଏବଂ ଏହା କିପରି ଘଟିଥାଏ ?

ହିଂସା ଜଣେ ବ୍ୟକ୍ତିର ଶାରୀରିକ ଏବଂ ଭାବନାତ୍ମକ ସୁସ୍ଥତା ପ୍ରତି କ୍ଷତି ପହଞ୍ଚାଇଥାଏ ଏବଂ ହିଂସାକୁ ମନ ଭିତରେ ପ୍ରବେଶ କରାଇଥାଏ। ଏହାର ଦୁଇଟି ମୁଖ୍ୟ ଉପାଦାନ ରହିଛି, ଉଦ୍ଦେଶ୍ୟମୂଳକତା ଏବଂ କ୍ଷତି। ଗଣମାଧ୍ୟମର ଆଗମନ ପରେ ଆମର ମୂଲ୍ୟବୋଧ, ବିଶ୍ୱାସ ଏବଂ ବ୍ୟବହାର ଉପରେ ଗଣମାଧ୍ୟମର ବିଷୟବସ୍ତୁ, ଦୃଶ୍ୟ ଉପସ୍ଥାପନା ଏବଂ ଖବର ପରିବେଷଣର ଶୈଳୀ ଯଥେଷ୍ଟ ପ୍ରଭାବ ପକାଇଛି। ଏହା ମଧ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦର୍ଶକମାନଙ୍କ ମନ ଭିତରେ ହିଂସାର ବୀଜ ବପନ କରିଛି। ଗବେଷକମାନେ ଏହା ମଧ୍ୟ କହିଛନ୍ତି ଯେ ଲୋକପ୍ରିୟ ସଂସ୍କୃତି ମଧ୍ୟ ହିଂସା ସୃଷ୍ଟି କରିପାରେ। ଲୋକପ୍ରିୟ ସଂସ୍କୃତିକୁ ଏମିତି ବ୍ୟାଖ୍ୟା କରାଯାଇପାରେ ଯେ, ଏହା ଏକ ମାଧ୍ୟମ ଯାହାକୁ ବହୁତ ଲୋକ ପସନ୍ଦ କରିଥାନ୍ତି। ଏହି ମାଧ୍ୟମରେ ବିଭିନ୍ନ ମନୋରଞ୍ଜନ ମାଧ୍ୟମ, ଯଥା ରେଡିଓ, ଟେଲିଭିଜନ୍, ଭିଡିଓ ଗେମ୍, ମ୍ୟୁଜିକ୍ ଆଲବମ୍, କାର୍ଟୁନ୍ ଇତ୍ୟାଦି ଅନ୍ତର୍ଭୁକ୍ତ ହୋଇଥାଏ। ଫିଲ୍ମ, ବୃତ୍ତଚିତ୍ର ଏବଂ ଏମିତିକି କାର୍ଟୁନରେ ପ୍ରଦର୍ଶିତ ଅତ୍ୟଧିକ ହିଂସାର ଉପସ୍ଥାପନା ଗଣମାଧ୍ୟମ ହିଂସାର ପ୍ରଭାବକୁ ବଦଳେଇ ଦେଇଛି।

ଗବେଷକମାନେ ଏହା ଉଲ୍ଲେଖ କରିଛନ୍ତି ଯେ ଗଣମାଧ୍ୟମ ହିଂସା ମଧ୍ୟରେ ଗ୍ରାଫିକ୍ସ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ, ଯାହା କାଳ୍ପନିକ ନାଟକ, ବିଜ୍ଞାପନ, ଫିଲ୍ମ ଇତ୍ୟାଦିରେ ବ୍ୟବହୃତ ହୋଇଥାଏ।

- ଗଣମାଧ୍ୟମ ହିଂସା ଦର୍ଶକମାନଙ୍କ ଭିତରେ ଆକ୍ରମକ ଚିନ୍ତାଧାରା, ଅନୁଭବ ଏବଂ ବ୍ୟବହାର ପ୍ରତି ଆଗ୍ରହ ବୃଦ୍ଧି କରିଥାଏ।
- ଗଣମାଧ୍ୟମ ହିଂସା ଜଣେ ବ୍ୟକ୍ତିଙ୍କର ଅନ୍ୟଜଣେ ବ୍ୟକ୍ତିଙ୍କ ପ୍ରତି ଶାରୀରିକ ଆକ୍ରମଣାତ୍ମକ ଦୃଶ୍ୟର ଉପସ୍ଥାପନା ଯୋଗୁଁ ସୃଷ୍ଟି ହୋଇଥାଏ।

**୩.୩.୨ : ହିଂସାର ସ୍ୱରୂପ**

ଗଣମାଧ୍ୟମ ହିଂସା ସୃଷ୍ଟି କରାଉଥିବା ବିଭିନ୍ନ ସ୍ୱରୂପ ଗୁଡ଼ିକ ହେଉଛି-

- ଫିଲ୍ମ ଏବଂ ଟେଲିଭିଜନ୍ - ଯୌନକ୍ରିୟା ଏବଂ ହିଂସାର ଦୃଶ୍ୟାତ୍ମକ ଉପସ୍ଥାପନ କ୍ରୋଧ ଏବଂ ଅପରାଧର କାରଣ ହୋଇପାରେ ଏବଂ ଶତ୍ରୁତାପୂର୍ଣ୍ଣ ଭାବନା ଏବଂ ଉତ୍ତେଜିତ କରୁଥିବା ସମସ୍ୟା ସୃଷ୍ଟି କରିପାରେ।
- ଭିଡିଓ ଗେମ୍ - କିଛି ଭିଡିଓ ଗେମ୍ ହତ୍ୟା, କାହାକୁ ମାରିଦେବା, ଗୁଳି ମାରିଦେବା, ବଳାତ୍କାର କରିବା, ହଇରାଣ ହରକତ କରିବା ଏବଂ ଅନ୍ୟାନ୍ୟ ଆତ୍ମହତ୍ୟାର କାର୍ଯ୍ୟକୁ ପ୍ରୋତ୍ସାହିତ କରିଥାଏ ଏବଂ ତାହାଦ୍ୱାରା ମନୋରଞ୍ଜନ କରାଇ ଥାଏ। ଭିଡିଓ ଗେମ୍‌ଗୁଡ଼ିକ ବାସ୍ତବ ଜୀବନର ହିଂସା ସହିତ ଘନିଷ୍ଠ ଭାବେ ଯୋଡ଼ି ହୋଇଥାନ୍ତି ଏବଂ ୭୦%ରୁ ଅଧିକ ଗେମ୍‌ରେ ହିଂସାତ୍ମକ ବିଷୟବସ୍ତୁ ରହିଥାଏ। ଗବେଷଣାରେ ସ୍ପଷ୍ଟ ଭାବେ ଦେଖାଯାଇଛି ଯେ ହିଂସାତ୍ମକ ଭିଡିଓ ଗେମ୍ ଏବଂ ଆକ୍ରମଣର ସ୍ତର ଭିତରେ ପାରସ୍ପରିକ ସମ୍ବନ୍ଧ ରହିଛି।




ଉତ୍ସ- କ୍ରିଏଟିଭ୍ କମନ୍ସ

- ମ୍ୟୁଜିକ୍ ଭିଡିଓ – ଗୀତର ତାଳ/ସ୍ୱର ହିଂସାତ୍ମକ ବ୍ୟବହାରର କାରଣ ହୋଇପାରେ ।
- ମାଗାଜିନ୍ (ପତ୍ରପତ୍ରିକା) ଏବଂ କମିକ୍ସ – ଚିତ୍ର ଏବଂ କଥାବାର୍ତ୍ତା ହିଂସାକୁ ପ୍ରଜ୍ୱଳିତ କରିଥାଏ ଏବଂ ମନରେ ଭର୍ତ୍ତି କରିଥାଏ ।
- କାର୍ଟୁନ୍ – କାର୍ଟୁନ୍ ଚରିତ୍ରମାନେ ମଧ୍ୟ ହିଂସା ଏବଂ ଅସଭ୍ୟତାର କାରଣ ହୋଇ ପାରନ୍ତି ।

ଫିଲ୍ମ ଏବଂ ହିଂସା – ସିନେମା ଆରମ୍ଭ ହେବା ଦିନଠାରୁ ହିଂସା ଏହାର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି । ହିଂସା ନାୟକମାନଙ୍କ ପାଇଁ ଏକ ସକାରାତ୍ମକ ବିଶେଷତା ଭାବେ ଦେଖା ଦେଇଛି । ଏହାକୁ ଶକ୍ତି ଏବଂ ସାହସର ପ୍ରତୀକ ଭାବେ ଦେଖାଯାଇ ଆସିଛି । ହିଂସାକୁ ଅଧିକାଂଶ ସିନେମାରେ ରୋମାଞ୍ଚକର ଭାବେ ପ୍ରଦର୍ଶନ କରାଯାଇଛି ।

ଟେଲିଭିଜନ୍ ଏବଂ ହିଂସା – ଟେଲିଭିଜନ୍‌ରେ ହିଂସାତ୍ମକ ଧାରାବାହିକ, ବିଜ୍ଞାପନ ଖବର ପ୍ରସାରଣରେ ଦେଖିବାକୁ ମିଳିଥାଏ । ଟେଲିଭିଜନ୍‌ରେ ହିଂସା ଶିଶୁମାନଙ୍କ ଭିତରେ ଆକ୍ରମକ ବ୍ୟବହାର, ଅପରାଧ ଏବଂ ହିଂସାର କାରଣ ହୋଇଥାଏ । ଏହା ହେବାର ମୁଖ୍ୟ କାରଣ ହେଉଛି ଟିଭିରେ ପ୍ରଦର୍ଶିତ ହିଂସାକୁ ପିଲାମାନେ ମିଥ୍ୟା ବୋଲି ଜାଣି ପାରିନଥାନ୍ତି ।

କାର୍ଟୁନ୍ ଓ ହିଂସା – କାର୍ଟୁନ୍ କପୋଳକଳ୍ପିତ ବିଷୟ ସମ୍ବଳିତ ଅବାସ୍ତବ ଚରିତ୍ରମାନଙ୍କ ଆଧାରରେ ପ୍ରସ୍ତୁତ ହୋଇଥାଏ । ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କ ମଧ୍ୟରେ କାର୍ଟୁନ୍ ଦେଖିବା ଏକ ପସନ୍ଦଯୋଗ୍ୟ କାମ । ଯଦିଓ ଗବେଷଣାରୁ ଏହା ଦେଖାଯାଇଛି ଯେ ଏହା ଶିଶୁମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇ ଥାଏ, ତଥାପି ମଧ୍ୟ ଏହା ଏକ ମନୋରଞ୍ଜନ କାର୍ଯ୍ୟ । କାର୍ଟୁନ୍ ଶିଶୁମାନଙ୍କ ମଧ୍ୟରେ କ୍ରୋଧର ମୁଖ୍ୟ କାରଣ ହୋଇପାରେ ।

ଲୋକପ୍ରିୟ ସଂସ୍କୃତି ଏବଂ ହିଂସା – ଲୋକପ୍ରିୟ ସଂସ୍କୃତି ଏକ ଶବ୍ଦ, ଯାହା ଊନବିଂଶ ଶତାବ୍ଦୀରୁ ବ୍ୟବହୃତ ହୋଇ ଆସୁଛି, ଏହା ବିଭିନ୍ନ ସାଂସ୍କୃତିକ ପ୍ରଥା, ଯଥା ସଙ୍ଗୀତ, କଳା, ସାହିତ୍ୟ, ଫ୍ୟାସନ୍, ନୃତ୍ୟ, ସିନେମା, ସାଇବର ସଂସ୍କୃତିର ମିଶ୍ରଣ ହୋଇଥାଏ, ଯାହା ସମାଜର ବିଭିନ୍ନ ଦର୍ଶକଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ । ଲୋକପ୍ରିୟ ସଂସ୍କୃତି ଜନସାଧାରଣଙ୍କ ପାଖରେ ପହଞ୍ଚିଥାଏ ଏବଂ ସେମାନଙ୍କୁ ଛୁଇଁଥାଏ । ଲୋକପ୍ରିୟ ସଂସ୍କୃତିକୁ ପ୍ରଥମତଃ ନିମ୍ନ ଶ୍ରେଣୀର, ସହରୀ, ଦଳିତ ଲୋକମାନଙ୍କ ପାଇଁ ମନୋରଞ୍ଜନର ଏକ ମାଧ୍ୟମ ବୋଲି ବିବେଚନା କରାଯାଏ, ଏହାର କାର୍ଯ୍ୟକ୍ରମ ଯାହାକୁ ସେମାନେ ପ୍ରସ୍ତୁତ କରିଥାନ୍ତି, ସେଥିରେ ମଧ୍ୟ ହିଂସାତ୍ମକ ବିଷୟବସ୍ତୁର ପରିକଳ୍ପନା କରାଯାଇପାରେ ।

### ୩.୩.୩: ସାମାଜିକ ଶିକ୍ଷଣ ସିଦ୍ଧାନ୍ତ

ଆଲବର୍ଟ ବନ୍ଦୁରା ସ୍ୱୀକାର କରିଛନ୍ତି ଯେ ଗଣମାଧ୍ୟମ ଆମର ବୈଠକ ଗୃହରେ ଆସ୍ଥାନ ଜମେଇଛି ଏବଂ ଆମ ଶିକ୍ଷାର ଅଧିକତଃ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହୋଇଥାଏ। ଏହି ସିଦ୍ଧାନ୍ତ ଅନୁସାରେ, ମନୁଷ୍ୟର ମନ ଅନ୍ୟମାନଙ୍କ ସହିତ ଦୈନନ୍ଦିନର କଥାବାର୍ତ୍ତା ଏବଂ ପର୍ଯ୍ୟବେକ୍ଷଣରୁ ପାଉଥିବା ଶିକ୍ଷା ପ୍ରତି ଅଧିକ ସମ୍ବେଦନଶୀଳ ହୋଇଥାଏ। ପ୍ରାପ୍ତବୟସ୍କ ଏବଂ କିଶୋରମାନଙ୍କ ମସ୍ତିଷ୍କ ଏପରି ହୋଇଥାଏ ଯେ, ତାଙ୍କ ମସ୍ତିଷ୍କରେ ପ୍ରତ୍ୟେକ ଜିନିଷର ଛାପ ରହିଯାଏ, ଯାହା ଶିକ୍ଷା ପ୍ରତି ଅତ୍ୟଧିକ ଗ୍ରହଣୀୟ ହୋଇଥାଏ। ଏହା ବାଦ୍ ସେମାନଙ୍କର ବିଶେଷ ଦକ୍ଷତା ହେଉଛି ଚତୁଃପାର୍ଶ୍ୱର ପରିବେଶରୁ ସେମାନେ ଖୁବ୍ ଶୀଘ୍ର ଶିକ୍ଷା ଗ୍ରହଣ କରି ନେଇଥାନ୍ତି। ସାମାଜିକ ଶିକ୍ଷଣ ସିଦ୍ଧାନ୍ତ ସ୍ପଷ୍ଟ ରୂପରେ ଏହା ପ୍ରମାଣିତ କରିଛି ଯେ ସେମାନଙ୍କ ମନର କଳ୍ପନା ଏବଂ ବାସ୍ତବତା ଭିତରେ ପ୍ରଭେଦ ଜାଣିବାର ଦକ୍ଷତା ନାହିଁ। ଯେଉଁ କାରଣରୁ ଏହା ଅନୁମାନ କରା ଯାଇପାରେ ଯେ ଗଣମାଧ୍ୟମ ହିଂସାତ୍ମକ ପ୍ରଦର୍ଶନ ପ୍ରତି ଉନ୍ମୁକ୍ତ ହେବାର ଫଳାଫଳ ସ୍ୱରୂପ ଦର୍ଶକମାନଙ୍କ ଭିତରେ କ୍ରୋଧପୂର୍ଣ୍ଣ ବ୍ୟବହାର ସୃଷ୍ଟି ହୋଇପାରେ।

### ୩.୩.୪: କଲ୍‌ଟିଭେସନ୍ ସିଦ୍ଧାନ୍ତ

କଲଟିଭେସନ୍ ସିଦ୍ଧାନ୍ତ ଗର୍ବନରଙ୍କ ଦ୍ୱାରା ସିଦ୍ଧ ହୋଇଥିବା ବେଳେ ଏହା ବିଶେଷ ରୂପରେ ପ୍ରଦର୍ଶିତ କରିଥାଏ ଯେ ଟେଲିଭିଜନ୍ ଦେଖିବା ଦର୍ଶକମାନଙ୍କ ଦୈନନ୍ଦିନର ବିଚାର ଏବଂ ଉପଲବ୍ଧି କ୍ଷେତ୍ରରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। କଲଟିଭେସନ୍ ସିଦ୍ଧାନ୍ତ ଉଲ୍ଲେଖ କରେ ଯେ ଟେଲିଭିଜନ୍‌କୁ ବାରମ୍ବାର ଦେଖୁଥିବା ଦର୍ଶକ ଗଣମାଧ୍ୟମର ବାର୍ତ୍ତା ପ୍ରତି ବହୁତ ସମ୍ବେଦନଶୀଳ ହୋଇଥାନ୍ତି। ଅଧିକ ଟିଭି ଦେଖୁଥିବା ଦର୍ଶକ ହିଂସା ପ୍ରତି ଅଧିକ ଉନ୍ମୁଖ ହୋଇଥାନ୍ତି ଏବଂ ସେମାନେ ବିଶ୍ୱାସ କରିଥାନ୍ତି ଯେ ସମଗ୍ର ପୃଥିବୀ ଏକ ଖରାପ ଏବଂ ବିପଦପୂର୍ଣ୍ଣ ସ୍ଥାନ ଏବଂ ତା'ପରେ ଏହା ସେମାନଙ୍କ ପାଇଁ ବାସ୍ତବରେ ସେପରି ହୋଇଯାଏ। ଅତ୍ୟଧିକ ଟେଲିଭିଜନ୍ ଦେଖୁଥିବା ଦର୍ଶକମାନେ ସେହି ପ୍ରବୃତ୍ତିକୁ ବାରମ୍ବାର ମନରେ ଚିନ୍ତା କରିଥାନ୍ତି ଏବଂ ସେମାନଙ୍କ ମନରେ ଏହା ବିଶ୍ୱାସ ହୋଇଯାଏ ଯେ, ଟେଲିଭିଜନ୍ ଦ୍ୱାରା ସୃଷ୍ଟି ହୋଇଥିବା ବିଶ୍ୱ ହେଉଛି ସେମାନେ ବାସ କରୁଥିବା ବିଶ୍ୱର ସମାନ ଉପସ୍ଥାପନ।

### ୩.୩.୫: ଗଣମାଧ୍ୟମ ହିଂସାର ପ୍ରଭାବ

- ଗଣମାଧ୍ୟମର ବ୍ୟବହାର କ୍ରୋଧର ଆପେକ୍ଷିକ ବିପଦକୁ ବୃଦ୍ଧି କରିଥାଏ। ଏହାକୁ ଜାଣିଶୁଣି ଅନ୍ୟ ବ୍ୟକ୍ତିକୁ କ୍ଷତି କରିବା ଭଳି ବ୍ୟାଖ୍ୟା କରାଯାଇଥାଏ, ଯାହା କଥିତ, ସାପେକ୍ଷ କିମ୍ବା ଶାରୀରିକ ହୋଇଥାଇପାରେ।
- ଗଣମାଧ୍ୟମ ହିଂସା କେବଳ କ୍ରୋଧପୂର୍ଣ୍ଣ ବ୍ୟବହାରକୁ ବୃଦ୍ଧି କରିନଥାଏ, ଏହା ମଧ୍ୟ କ୍ରୋଧପୂର୍ଣ୍ଣ ଚିନ୍ତାଧାରା, ଅନୁଭବ ଏବଂ ଶାରୀରିକ ଉତ୍ତେଜନାକୁ ମଧ୍ୟ ବୃଦ୍ଧି କରିଥାଏ। ଫଳ ସ୍ୱରୂପ ଏହା ସମାଜ-ଅନୁରୂପ ବ୍ୟବହାରକୁ ହ୍ରାସ କରିଥାଏ।

- ଫିଲ୍ମ, ଟେଲିଭିଜନ୍ କିମ୍ବା ଭିଡିଓ ଗେମ୍‌ରେ ପ୍ରଦର୍ଶିତ ହିଂସାତ୍ମକ ବିଷୟବସ୍ତୁ ହିଂସା ଏବଂ ଏହାର ପରିଣାମ ପ୍ରତି ଅଣସମ୍ବେଦନଶୀଳ ହୋଇଥାଏ।

- ଗଣମାଧ୍ୟମର ହିଂସାର ପ୍ରଭାବ ଦୀର୍ଘକାଳୀନ କିମ୍ବା ସ୍ୱଳ୍ପକାଳୀନ ହୋଇଥାଏ।

**୩.୩.୬: ହିଂସାକୁ ଏଡ଼ାଇ ଯିବାର ବିଭିନ୍ନ ଉପାୟ**

- ସମସ୍ତ ଗଣମାଧ୍ୟମ କାର୍ଯ୍ୟକ୍ରମରେ ସେନସରସିପ୍ ଲାଗୁ କରାଯାଉ।
- ମାର୍ଗଦର୍ଶିକା ସ୍ଥିର କରିବା ବେଳେ ଏହାକୁ ଅଧିକ କଠୋର ଏବଂ ଶକ୍ତ କରାଯିବା ଆବଶ୍ୟକ।
- ଅଶ୍ଳୀଳ ଉପାଦାନକୁ ସେନ୍‌ସର କରିବା ଉଦ୍ଦେଶ୍ୟରେ ଶୋଧନ ପ୍ରଣାଳୀର ନବ ଉଦ୍ଭାବନ।

**୩.୩.୭: ହିଂସା ନିମନ୍ତେ ସାମାଜିକ ମାଧ୍ୟମ ଏକ କାଟାଲିଷ୍ଟ (ଉତ୍‌ପ୍ରେରକ)**

ପ୍ରଯୁକ୍ତିଗତ ନୂତନତା ଫେସବୁକ୍ ଏବଂ ଟ୍ୱିଟର ଭଳି ବିଭିନ୍ନ ସାମାଜିକ ମାଧ୍ୟମର ବୃଦ୍ଧିକୁ ଆଗେଇ ନେଇଛି। ସୂଚନା ସ୍ଥାନାନ୍ତରଣ ପାଇଁ ସାମାଜିକ ମାଧ୍ୟମ ନୂତନ ସୁଯୋଗ ସୃଷ୍ଟି କରିଛି। ଏଥିରେ ଅନ୍ତର୍ଭୁକ୍ତ ହୋଇଥିବା କିଛି ମାଧ୍ୟମ ହେଉଛନ୍ତି,

- ୟୁ ଟ୍ୟୁବ୍- ଏହା ଭିଡିଓ-ଶେୟାର କରିବା ପାଇଁ ଏକ ୱେବ୍‌ସାଇଟ୍। ଜନସାଧାରଣଙ୍କ ଭିତରୁ ଯେ କୌଣସି ବ୍ୟକ୍ତି ଭିଡିଓ ଅପଲୋଡ୍ ଏବଂ ଶେୟାର କରି ପାରିବେ। ବ୍ୟବହାରକାରୀ ଭିଡିଓ ଦେଖିବା ପାଇଁ ଏବଂ ଖୋଜିବା ପାଇଁ ଏକ ବ୍ୟକ୍ତିଗତ ୟୁ ଟ୍ୟୁବ୍ ଚ୍ୟାନେଲ୍ ଖୋଲି ପାରିବେ ତଥା ଏହି ଭିଡିଓରେ ଲାଇକ୍ (ପସନ୍ଦର ଚିହ୍ନ) ଏବଂ କମେଣ୍ଟ (ମତାମତ) ଦେଇ ପାରିବେ ଏବଂ ପାଇ ପାରିବେ।
- ଫେସ୍‌ବୁକ୍- ଏହା ଏକ ସୋସିଆଲ୍ ନେଟ୍‌ୱର୍କିଂ ସାଇଟ୍ ଯାହା ପଞ୍ଜୀକୃତ ବ୍ୟବହାରକାରୀଙ୍କୁ ପ୍ରୋଫାଇଲ୍, ଫଟୋ ଅପ୍‌ଲୋଡ୍, ଭିଡିଓ ଅପ୍‌ଲୋଡ୍, ମେସେଜ୍ ପଠେଇବା ଏବଂ ବନ୍ଧୁ, ପରିବାର ଏବଂ ସହକର୍ମୀଙ୍କ ସହିତ ଯୋଡ଼ି ହୋଇ ରହିବା ପାଇଁ ଅନୁମତି ଦେଇଥାଏ। ଅନ୍ୟ ଅର୍ଥରେ, ଏହା ଏକ ସାମାଜିକ ମାଧ୍ୟମ ଯେଉଁଠାରେ ବ୍ୟବହାରକାରୀ ସେମାନଙ୍କ ପୋଷ୍ଟ, ଫଟୋ ଏବଂ ଭିଡିଓକୁ ଶେୟାର କରିଥାନ୍ତି। ଏଠରେ ବ୍ୟବହାରକାରୀ ସୃଷ୍ଟି କରୁଥିବା ବିଷୟବସ୍ତୁ ସମ୍ପର୍କରେ ପ୍ରଯୁକ୍ତି ଆଧାରରେ ସୂଚନା ରହିଥାଏ।
- ଇନ୍‌ଷ୍ଟାଗ୍ରାମ୍- ଇନ୍‌ଷ୍ଟାଗ୍ରାମ୍ ହେଉଛି ଏକ ଫଟୋ ଏବଂ ଭିଡିଓ- ଶେୟାରିଂ ଆପ୍ଲିକେସନ୍ ଯାହା ବ୍ୟବହାରକାରୀଙ୍କୁ ଏକ ଭିଜୁଆଲ ପରିଚିତି ଦେଇଥାଏ। ପ୍ରତ୍ୟେକ ବ୍ୟବହାରକାରୀଙ୍କ ପ୍ରୋଫାଇଲରେ ଫଲୋଅର୍ସ ଏବଂ ଫଲୋଇଙ୍ଗ (କେତେଜଣଙ୍କୁ ତୁମେ ଫଲୋ କରୁଛ, ତୁମକୁ କେତେଜଣ ଫଲୋ କରୁଛନ୍ତି) ସଂଖ୍ୟା ଉଲ୍ଲେଖ ରହିଥାଏ ଯାହା ଆମକୁ ଜଣେଇ ଦେଇଥାଏ ଯେ

ସେମାନେ କେତେ ଜଣଙ୍କୁ ଅନୁସରଣ କରୁଛନ୍ତି ଏବଂ ଆଉ କେତେ ଜଣ ସେମାନଙ୍କୁ  ଅନୁସରଣ କରୁଛନ୍ତି।

- ଟ୍ୱିଟର୍- ଏହା ଏକ ସୋସିଆଲ ନେଟ୍‌ୱର୍କିଂ ସେବା, ଯାହା ବ୍ୟବହାରକାରୀଙ୍କୁ କ୍ଷୁଦ୍ର ଏବଂ ଅତି ଛୋଟ ମେସେଜ୍ (ବାର୍ତ୍ତା) ଶେୟାର କରିବା ପାଇଁ ଅନୁମତି ଦେଇଥାଏ, ଯାହାକୁ ଟୁଇଟ୍ ବୋଲି କୁହାଯାଏ। ଟ୍ୱିଟର୍‌ର ଉତ୍ତର ଦେବା ସମୟରେ ମେସେଜ୍‌କୁ ପୁନର୍ବାର ଟୁଇଟ୍ କରାଯାଇପାରେ। ଟ୍ୱିଟର୍‌ର ପୁନର୍ବାର ଟୁଇଟ୍ କ୍ଷମତା ଯୋଗୁଁ କିଛି ଟୁଇଟ୍ ଭାଇରାଲ (ଅତ୍ୟଧିକ ପ୍ରଚାର) ହୋଇ ଯାଇଥାଏ।

ସାମାଜିକ ପ୍ରଥାକୁ ଜାଣିବା ପାଇଁ ଏବଂ ସାମାଜିକ ବାସ୍ତବତାକୁ ବାଣ୍ଟିବା ପାଇଁ ସାମାଜିକ ମାଧ୍ୟମ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ। ଡିଜିଟାଲ୍ ଯୁଗରେ ମନୁଷ୍ୟର ସ୍ୱଭାବ ଅନୁସାରେ ସାମାଜିକ ଗଣମାଧ୍ୟମଗୁଡ଼ିକୁ ଗଠନ କରାଯାଇଛି। ସାମାଜିକ ମାଧ୍ୟମ ଯୁବ ଗୋଷ୍ଠୀଙ୍କ ଦୈନନ୍ଦିନ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ବିଭିନ୍ନ ପ୍ରକାରର ସୁବିଧା ସତ୍ତ୍ୱେ ଏହା କିଛି ଆହ୍ୱାନ ମଧ୍ୟ ଦେଇଥାଏ।

ବାସ୍ତବ ଜୀବନରେ ଯୁବ ଗୋଷ୍ଠୀଙ୍କୁ ନେଇ ହିଂସାତ୍ମକ ଘଟଣା ଘଟିବାରେ ସାମାଜିକ ମାଧ୍ୟମ ଏକ ଉତ୍ପ୍ରେରକ ରୂପେ କାର୍ଯ୍ୟ କରୁଛି। ଏହା ମଧ୍ୟ ବେଳେବେଳେ ସମୟରେ ହିଂସାର କାରଣ ପାଲଟିଥାଏ।

ଫେସବୁକ୍, ଟ୍ୱିଟର୍, ଇନଷ୍ଟାଗ୍ରାମ୍ ଏବଂ ସ୍ନାପଚାର୍ଟ ଭଳି ବିଭିନ୍ନ ସାମାଜିକ ମାଧ୍ୟମ ପ୍ଲାଟ୍‌ଫର୍ମ୍ ଯୋଗାଯୋଗର ମାର୍ଗକୁ ପରିବର୍ତ୍ତନ କରିଦେଇଛନ୍ତି। ଏହା ସମାଜରେ ହିଂସା ଏବଂ ଅପରାଧକୁ ମଧ୍ୟ ପ୍ରୋତ୍ସାହିତ କରିଛନ୍ତି।

## ୩.୪: ମଧ୍ୟସ୍ଥତା ଅପରାଧ

ଅସ୍ୱାଭାବିକତା ହେଉଛି ସାମାଜିକ ଆଦର୍ଶର ଉଲ୍ଲଙ୍ଘନ ଏବଂ ଏହା ନିୟମ ଅନୁସାରେ ଦଣ୍ଡନୀୟ ନୁହେଁ, ଯେତେବେଳେ କି ଅପରାଧ ହେଉଛି ନିୟମର ଉଲ୍ଲଙ୍ଘନ ଏବଂ ଏହା ଦଣ୍ଡନୀୟ ଅଟେ। ସାମାଜିକ ପ୍ରଥା ହେଉଛି ସାମାଜିକ ନିୟନ୍ତ୍ରଣର ଉଭୟ ଔପଚାରିକ ଏବଂ ଅନୌପଚାରିକର ବାଟ। ଔପଚାରିକ ସାମାଜିକ ନିୟନ୍ତ୍ରଣର ନିୟମ କୋର୍ଡ ରହିଛି ଯାହାକୁ ଆଇନ୍ କୁହାଯାଏ, ଯାହା ଦେଶର ରାଜନୈତିକ ବ୍ୟବସ୍ଥା ଏବଂ ନ୍ୟାୟିକ ବ୍ୟବସ୍ଥା ଦ୍ୱାରା ଲାଗୁ କରାଯାଇଛି ଏବଂ ଅଧିକାର ଦିଆଯାଇଛି। ଯେଉଁମାନେ ଏହି ନିୟମ କୋର୍ଡର ଉଲ୍ଲଘଂନ କରନ୍ତି ସେମାନେ ଦଣ୍ଡ ପାଇଥାନ୍ତି। ପୁନର୍ବାର, ବ୍ୟକ୍ତି ଦ୍ୱାରା କରା ଯାଇଥିବା ଅପରାଧର ପରିମାଣ ଏବଂ ବିପଦ ଅନୁସାରେ ଦଣ୍ଡ ଭିନ୍ନ ଭିନ୍ନ ହୋଇଥାଏ।

### ୩.୪.୧: ଗଣମାଧ୍ୟମରେ ଅପରାଧର ଉପସ୍ଥାପନା

ଗଣମାଧ୍ୟମରେ ଅପରାଧ ଏବଂ ଅସ୍ୱାଭାବିକତାର ଉପସ୍ଥାପନା ଏକ ଚିନ୍ତାର ବିଷୟ, କାରଣ ଗଣମାଧ୍ୟମର ମୁଖ୍ୟ କାର୍ଯ୍ୟ ହେଉଛି ସମାଜକୁ ସୂଚନା ଦେବା ଏବଂ ଶିକ୍ଷା ଦେବା। ଗଣମାଧ୍ୟମ ଟେଲିଭିଜନ୍, ରେଡିଓ,

ବିଜ୍ଞାପନ, ମୁଭି, ଇଣ୍ଟରନେଟ୍, ସାମାଜିକ ମାଧ୍ୟମ ଖବରକାଗଜ, ପତ୍ରିକା ରୂପରେ ସମାଜରେ ଅପରାଧ ଏବଂ ହିଂସାର ବର୍ଣ୍ଣନା କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। ସେମାନେ ଖବରକୁ ଲୋକମାନେ ଯେଉଁ ଭଳି ଭାବେ ବୁଝିବେ ସେହିଭଳି ଭାବେ ତିଆରି କରିଥାନ୍ତି ଏବଂ ହିଂସାର ମୂଳ କାରଣ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରିଥାନ୍ତି। ପୀଡିତ, ପଥଭ୍ରଷ୍ଟ ଏବଂ ଅପରାଧମାନଙ୍କ ଅନୁସାରେ ଗଣମାଧ୍ୟମ ଜନସାଧାରଣଙ୍କ ନିମନ୍ତେ ବୋଧଗମ୍ୟତା ସୃଷ୍ଟି କରିଥାଏ।

ଅପରାଧକୁ ଏମିତି ବର୍ଗୀକୃତ କରାଯାଇପାରିବ, ହିଂସାତ୍ମକ ଅପରାଧ ଏବଂ ଅଣ-ହିଂସାତ୍ମକ ଅପରାଧ

- ହିଂସାତ୍ମକ ଅପରାଧ - ଶକ୍ତି ସହିତ ସମ୍ପର୍କିତ ଅପରାଧ ସମୂହ, ଉଦାହରଣ ସ୍ୱରୂପ ହତ୍ୟା, ବଳାତ୍କାର ଏବଂ ଅସ୍ତ୍ର ସହିତ ଡକାୟତି।
- ଅଣ-ହିଂସାତ୍ମକ ଅପରାଧ - ଶକ୍ତି ରହିତ ଅପରାଧ ସମୂହ, ଉଦାହରଣ ସ୍ୱରୂପ, ଚୋରି, ଲୁଟ ଇତ୍ୟାଦି।

### ୩.୪.୨: ମେର୍ଟନଙ୍କର ମାନସିକ ଚାପ ସିଦ୍ଧାନ୍ତ

ସମାଜତତ୍ତ୍ୱବିଦ୍ ରବର୍ଟ ମେର୍ଟନ ବିଶ୍ୱାସ କରୁଥିଲେ ଯେ, ଲୋକମାନଙ୍କର ସାମାଜିକ ଉଦ୍ଦେଶ୍ୟ ଯଥା ସଫଳତା ହାସଲ କରିବା ପାଇଁ ଏବଂ ସମ୍ପତ୍ତି ଅଧିଗ୍ରହଣ କାର୍ଯ୍ୟ ପୂରଣ କରିବା ନିମନ୍ତେ ସାମାଜିକୀକରଣ ହେଉଥିଲା। ତଥାପି ଯେତେବେଳେ ଲକ୍ଷ୍ୟ ହାସଲ କରିବା ପାଇଁ ଏକ ପ୍ରତିଯୋଗିତା ଦେଇ ଯିବାକୁ ପଡୁଥିଲା ସେତେବେଳେ ଚାପ ସୃଷ୍ଟି ହେଉଥିଲା। ସାମାଜିକ ଶକ୍ତି, ଗଣମାଧ୍ୟମ ଯେଉଁଠି ଅନ୍ତର୍ଭୁକ୍ତ ହୋଇଥାଏ, ସଫଳ ହେବା ପାଇଁ ଲୋକମାନଙ୍କୁ ପ୍ରଭାବିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିଥାଏ। କିଛି ବ୍ୟକ୍ତି ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଗଳାବାଟ ଖୋଜିଥାନ୍ତି, ଯାହା ବାସ୍ତବରେ ଅପରାଧରେ ହିଁ ଶେଷ ହୋଇଥାଏ।

### ୩.୪.୩: ଅପରାଧ ଏବଂ ଅସ୍ୱାଭାବିକତା ଉପରେ ଦୃଷ୍ଟିଭଙ୍ଗୀ

ଗଣମାଧ୍ୟମରେ ପ୍ରଦର୍ଶିତ ହେଉଥିବା ଅପରାଧ ଏବଂ ଅସ୍ୱାଭାବିକତା ନିମ୍ନୋକ୍ତ ତିନୋଟି ଦୃଷ୍ଟିଭଙ୍ଗୀ ଆଧାରରେ ଆଲୋଚନା ହୋଇପାରେ। ସୀମିତ ପ୍ରଭାବ ସିଦ୍ଧାନ୍ତ, ଶ୍ରେଣୀ-ପ୍ରଭାବୀ ସିଦ୍ଧାନ୍ତ ଏବଂ ସଂସ୍କୃତିବାଦୀ ସିଦ୍ଧାନ୍ତ।

#### ସୀମିତ-ପ୍ରଭାବ ସିଦ୍ଧାନ୍ତ

ସୀମିତ-ପ୍ରଭାବ ସିଦ୍ଧାନ୍ତ ସ୍ପଷ୍ଟ ରୂପେ ଏହା କହିଥାଏ ଯେ ଗଣମାଧ୍ୟମର ପ୍ରଭାବ ସୀମିତ। ଗଣମାଧ୍ୟମ ଲୋକ ମାନଙ୍କର ଚିନ୍ତାଧାରା, କାର୍ଯ୍ୟ ଏବଂ ବିଶ୍ୱାସକୁ ଆକାର ଦେବା ପାଇଁ କେତେକ ପରିମାଣରେ ସୀମିତ ଭୂମିକା ନିର୍ବାହ କରିଥାଏ। ଏହା ମୁଖ୍ୟତଃ ମଝିରେ ଆସୁଥିବା, ପ୍ରଭାବିତ କରୁଥିବା ବସ୍ତୁ ଯୋଗୁଁ ହୋଇଥାଏ। ଏହି ସିଦ୍ଧାନ୍ତ ଯୁକ୍ତି ବାଢ଼ିଥାଏ ଯେ, ଲୋକମାନେ ନିଜ ପସନ୍ଦର କାର୍ଯ୍ୟକ୍ରମ ଦେଖିଥାନ୍ତି କିମ୍ବା ପ୍ରବନ୍ଧ କିମ୍ବା ଖବର ପଢ଼ିଥାନ୍ତି। କୌଣସି ଗଣମାଧ୍ୟମ ତା'ର ବିଷୟବସ୍ତୁକୁ ଗ୍ରହଣ କରିବା ପାଇଁ ଲୋକମାନଙ୍କୁ ବାଧ୍ୟ କରିପାରିବ ନାହିଁ।

**ଶ୍ରେଣୀ-ପ୍ରଭାବୀ ସିଦ୍ଧାନ୍ତ**

ଶ୍ରେଣୀ-ପ୍ରଭାବ ସିଦ୍ଧାନ୍ତ ଏହା ବୁଝାଇଥାଏ ଯେ, ଉଚ୍ଚଶ୍ରେଣୀର ପ୍ରଭାବଶାଳୀ ଲୋକ ସମାଜର ଉତ୍ପାଦନର ଅର୍ଥକୁ ନିୟନ୍ତ୍ରିତ କରିଥାନ୍ତି ଏବଂ ଗଣମାଧ୍ୟମ ସେମାନଙ୍କର ବିଚାର ଏବଂ ମତାମତକୁ ପ୍ରତିବିମ୍ବିତ କରିବାର ଅଧିକ ସମ୍ଭାବନା ଥାଏ। ସାଧାରଣତଃ, ଉଚ୍ଚ ଶ୍ରେଣୀର ଲୋକମାନେ ସମାଜରେ ତିଷ୍ଠି ରହିଥିବା ଗଣମାଧ୍ୟମ ଗୋଷ୍ଠୀ ସମେତ ଅର୍ନ୍ତଜାତୀୟ କମ୍ପାନୀ ଗୁଡିକୁ ନିୟନ୍ତ୍ରିତ କରିଥାନ୍ତି। ସେମାନଙ୍କ ହାତରେ ଗଣମାଧ୍ୟମର ଲଗାମ୍ ରହିଥାଏ। ଅନ୍ୟ ପକ୍ଷରେ ସାଧାରଣ ଲୋକମାନଙ୍କ ପ୍ରତି ଗଣମାଧ୍ୟମ ଅଧିକ ଧ୍ୟାନ ଦେଇ ନଥାଏ। ସେମାନଙ୍କର ଜୀବନ ଏବଂ ମତାମତ ବୃହତ୍ ଗଣମାଧ୍ୟମ ସଂସ୍ଥା ଦ୍ୱାରା ଅନାବୃତ୍ତ ହୋଇ ରହିଥାଏ। କିଛି ଭରସାଯୋଗ୍ୟ ଗଣମାଧ୍ୟମ ସଂସ୍ଥା ତଥାପି ମଧ୍ୟ ଜନସାଧାରଣଙ୍କ ଦୃଷ୍ଟିଭଙ୍ଗୀ ପ୍ରତି ଧ୍ୟାନ ଦେଇଥାନ୍ତି ଏବଂ ସମାଜର ଲାଭ ପାଇଁ କାର୍ଯ୍ୟ କରିଥାନ୍ତି।

**ସଂସ୍କୃତିବାଦୀ ସିଦ୍ଧାନ୍ତ**

ଏହି ସିଦ୍ଧାନ୍ତ ୧୯୮୦ ଏବଂ ୯୦ ଦଶକରେ ଏମିତି ଦୃଷ୍ଟିଭଙ୍ଗୀକୁ ନେଇ ବିକଶିତ କରା ଯାଇଥିଲା ଯେଉଁଥିରେ ଲୋକମାନେ ସେମାନଙ୍କ ନିଜ ଦ୍ୱାରା ସୃଷ୍ଟି କରାଯାଉଥିବା ଅର୍ଥ ଅନୁସାରେ ଗଣମାଧ୍ୟମକୁ ବୁଝିବାକୁ ଲାଗିଲେ। ଯେତେବେଳେ ସମାଜର କିଛି ବର୍ଗର ଲୋକମାନେ ଗଣମାଧ୍ୟମର ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ ଏହା ଉପରେ ନଜର ରଖିଲେ, ଯେମିତି ଗଣମାଧ୍ୟମ କ'ଣ ଉତ୍ପାଦନ କିମ୍ବା ବିତରଣ କରୁଛି, ସେତେବେଳେ ବ୍ୟକ୍ତିଗତ ଦୃଷ୍ଟିଭଙ୍ଗୀ, ପ୍ରବୃତ୍ତି ଏବଂ ବିଶ୍ୱାସ ଇତ୍ୟାଦିକୁ ପାଠକ/ଦର୍ଶକମାନେ ବ୍ୟାଖ୍ୟା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆରମ୍ଭ କଲେ। ପରିଶେଷରେ ଏହା ହେଉଛି ଦର୍ଶକ/ପାଠକ ମାନଙ୍କର ବିଚାର, ଯାହା ଯେ କୌଣସି ଗଣମାଧ୍ୟମ ପ୍ରସାରଣରେ ମୂଲ୍ୟାଙ୍କିତ ହୋଇଥାଏ।

## ୩.୫: ଗଣମାଧ୍ୟମ ଦ୍ୱାରା ପରୀକ୍ଷଣ (ଟ୍ରାଏଲ୍ସ)

ଗଣମାଧ୍ୟମ ଅପରାଧ ଏବଂ ଅପରାଧୀ ମାନଙ୍କ ପାଇଁ ଏକ ପ୍ରମୁଖ ମାଧ୍ୟମ। ପ୍ରୋପାଗଣ୍ଡା (ପ୍ରଚାର) ହେଉଛି ଆଧୁନିକ ବିଶ୍ୱର ପ୍ରଚଣ୍ଡ କ୍ଷମତାଶାଳୀ ଉପକରଣ। ଗଣମାଧ୍ୟମ ଦ୍ୱାରା ପରୀକ୍ଷଣ (ଟ୍ରାଏଲ୍ସ) ଉଭୟ ମନସ୍ତାତ୍ତ୍ୱିକ ଏବଂ ଅପରାଧିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରା ଯାଇଥାଏ।

### ୩.୫.୧: ଗଣମାଧ୍ୟମ ପ୍ରଭାବର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ

ଅପରାଧତତ୍ତ୍ୱ ଏବଂ ଗଣମାଧ୍ୟମ ଭିତରେ ସର୍ବଦା ଏକ ଦୃଢ଼ ସମ୍ପର୍କ ରହିଛି। ଏହି କ୍ଷେତ୍ର ଅନେକ ଗବେଷକ ଏବଂ ବିଦ୍ୱାନ୍ ମାନଙ୍କୁ ଆକର୍ଷିତ କରିଥାଏ। ଗଣମାଧ୍ୟମ ଅଧ୍ୟୟନ କ୍ଷେତ୍ରରେ ଅପରାଧ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅପରାଧିକ ଖବର ପାଠକ/ଦର୍ଶକ ମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାଏ। ଅପରାଧ ଖବରର ନବୀନତା ଏବଂ ନୂତନତ୍ୱ ରହିଥାଏ ଏବଂ ଏହା ପାଠକ/ଦର୍ଶକ ମାନଙ୍କୁ ଦୈନନ୍ଦିନ ଜୀବନରେ ସତର୍କ ରହିବା ନିମନ୍ତେ ସାବଧାନ କରିଥାଏ।

ଏକ କାର୍ଯ୍ୟ ହିଂସାତ୍ମକ ଏବଂ ତେଣୁ ଅପରାଧିକ ବୋଲି ବର୍ଗୀକୃତ କରିବା ନିମନ୍ତେ କାର୍ଯ୍ୟଟିକୁ ସେହି ଛାପ ଦିଆଯିବା ଆବଶ୍ୟକ। ଏହି ଛାପ ଦିଆଯିବା କାର୍ଯ୍ୟ ଏକ ଆଇନ୍‌ଗତ ବର୍ଗୀକରଣ ଆବଶ୍ୟକ କରିଥାଏ। ଏହାକୁ ଏକ ଅପରାଧ ଭାବରେ ରେକର୍ଡଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ଏହି ଉଭୟ ପ୍ରକ୍ରିୟା ନିମନ୍ତେ ଗଣମାଧ୍ୟମ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ।

## ୩.୬: 'ବହୁବାଦୀ ଅଜ୍ଞତା'ର ଅବଧାରଣା

'ବହୁବାଦୀ ଅଜ୍ଞତା' ଏକ ଶବ୍ଦ ଯାହା ଫ୍ଲଏଡ୍ ଏଚ୍. ଅଲପୋର୍ଟ ଏବଂ ଡାନିଏଲ୍ କାର୍ଟଜଙ୍କ ଦ୍ୱାରା ୧୯୩୦ରେ ବିକଶିତ ହୋଇଥିଲା। ଏହା ଏକ ପରିସ୍ଥିତିକୁ ବୁଝାଇଥାଏ, ଯେଉଁଠାରେ ଏକ ଗୋଷ୍ଠୀର ବ୍ୟକ୍ତିଗତ ସଦସ୍ୟମାନଙ୍କର ମୂଲ୍ୟବୋଧ ଏବଂ ବିଶ୍ୱାସ ରହିଥାଏ, ଯାହା ସେମାନେ ଗୋଷ୍ଠୀର ଅନ୍ୟମାନଙ୍କ ବିଶ୍ୱାସ ଏବଂ ମୂଲ୍ୟବୋଧଠାରୁ ଭିନ୍ନ ଭାବେ ଚିନ୍ତା କରିଥାନ୍ତି। ଏକ ଗୋଷ୍ଠୀ ଭିତରେ ଅନ୍ୟମାନଙ୍କର ମୂଲ୍ୟବୋଧର ଭ୍ରମ ଧାରଣା ଗୋଷ୍ଠୀର ସଦସ୍ୟମାନଙ୍କୁ ସେହି ବାଟରେ ଭାବିବାକୁ ଦେଇଥାଏ, ଯାହା ସେମାନେ ବିଶ୍ୱାସ କରନ୍ତି, ତାହାଠାରୁ ଭିନ୍ନ ହୋଇଥାଏ। ବହୁବାଦୀ ଅଜ୍ଞତା ଆମ ଚାରିପଟେ ରହୁଥିବା ଅନ୍ୟମାନଙ୍କର ବିଶ୍ୱାସର ଆକଳନ ସ୍ତରରେ ଏକ ଆନୁବଂଶିକ ଭୁଲ୍। ଏହିପରି ବହୁବାଦ ଅଜ୍ଞତା ସେତେବେଳେ ହୋଇଥାଏ ଯେତେବେଳେ ଲୋକମାନେ ଭୁଲ୍ ବାଟରେ ଅନୁମାନ ଲଗାଇଥାନ୍ତି ଯେ ସେମାନଙ୍କୁ ସେମାନଙ୍କର ସାଙ୍ଗସାଥୀଙ୍କଠାରୁ ଭିନ୍ନ ଭାବେ ଦେଖାଯାଇଛି, ଯଦିଓ ସେମାନଙ୍କୁ ସମାନ ବ୍ୟବହାର ଦେଖା ଯାଇଥାଏ।

'ବହୁବାଦୀ ଅଜ୍ଞତା' ଜନସାଧାରଣଙ୍କ କାର୍ଯ୍ୟର ନିଜସ୍ୱ ଭାବନାର ଅସଙ୍ଗତି, ସାଧାରଣତଃ ଏକ ସାମାଜିକ ଆଦର୍ଶର ବ୍ୟାପକ ବ୍ୟବହାରିକ ପାଳନ ଯୋଗୁଁ ସୃଷ୍ଟି ହୋଇଥାଏ। ବହୁବାଦୀ ଅଜ୍ଞତା ସାମାଜିକ ଜୀବନର ଏକ ବ୍ୟାପକ ବିଶେଷତା ଏବଂ ସାମାଜିକ ପରିସ୍ଥିତି, ସାମାଜିକ ଗୋଷ୍ଠୀ ଏବଂ ସାମାଜିକ ଚଳନର ଗତିଶୀଳତାର ବିଶେଷତାରୁ ମିଳିଥାଏ। ଏହା ଏକ ମାମଲା ଯେଉଁଥିରେ ପ୍ରତ୍ୟେକ ସଦସ୍ୟ ଗୋଷ୍ଠୀର ଅନ୍ୟ ସଦସ୍ୟଙ୍କ ଦ୍ୱାରା ମଞ୍ଜୁର କରା ଯାଇଥିବା ମତାମତକୁ ଗୁପ୍ତଭାବେ ପ୍ରତ୍ୟାଖ୍ୟାନ କରିଥାନ୍ତି।

ଯେତେବେଳେ ଗୋଷ୍ଠୀର ସଦସ୍ୟମାନେ ନିଶ୍ଚିତ ହୋଇଥାନ୍ତି, ସେମାନେ ଯାହା ଭାବୁଛନ୍ତି ଅନ୍ୟମାନେ ତାହା ପସନ୍ଦ କରୁଛନ୍ତି କିମ୍ବା ଆବଶ୍ୟକ କରୁଛନ୍ତି, ସେମାନେ ସେତେବେଳେ କୌଣସି ଉଲ୍ଲେଖନୀୟ କାର୍ଯ୍ୟ କରିବାରେ ବିଫଳ ହୋଇଥାନ୍ତି। ଏହି କାର୍ଯ୍ୟକଳାପକୁ ଅଜ୍ଞତା କୁହାଯାଏ। ଯେତେବେଳେ ଏକ ଗୋଷ୍ଠୀ ଭିତରେ, ଗୋଷ୍ଠୀର ଅଧିକାଂଶ ସଦସ୍ୟ ଏକ ଆଦର୍ଶକୁ ପ୍ରତ୍ୟାଖ୍ୟାନ କରିଥାନ୍ତି ଯାହା ଜଣେ ବ୍ୟକ୍ତି ଠିକ୍ ବୋଲି ଭାବିଥାଏ ତାହାକୁ 'ବହୁବାଦ ଅଜ୍ଞତା' କୁହାଯାଏ। ମାର୍କ୍ସିଷ୍ଟ ଏବଂ ନିଓ ମାର୍କ୍ସିଷ୍ଟଙ୍କଠାରୁ ଭିନ୍ନ ଚିନ୍ତାଧାରାର ବହୁବାଦୀମାନେ ଏହା କହିଛନ୍ତି ଯେ ପ୍ରଭାବଶାଳୀ ଶାସକ ଦଳ ନଥାନ୍ତି କିନ୍ତୁ ବିଭିନ୍ନ ସ୍ୱାର୍ଥ/ଆଗ୍ରହ ଥିବା ପ୍ରତିଯୋଗୀ ଦଳ ଅଛନ୍ତି। ଗଣମାଧ୍ୟମ ମାଲିକାନା ଅନୁସାରେ ବହୁବାଦୀ ଦୃଢ଼ତା ପୂର୍ବକ

କହିଥାନ୍ତି ଯେ, ଗଣମାଧ୍ୟମ ମାଲିକ ମାନଙ୍କର ଗଣମାଧ୍ୟମ ବିଷୟବସ୍ତୁ ଉପରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ନଥାଏ, କିନ୍ତୁ ଅଧିକ ଉଚିତ୍ ରୂପରେ ପାଠକ/ଦର୍ଶକ ମାନଙ୍କର ଇଚ୍ଛାକୁ ପ୍ରସାରଣ ଏବଂ ଖବର ମାଧ୍ୟମରେ ପୂରଣ କରିବାକୁ ଚେଷ୍ଟା କରିଥାନ୍ତି। ଦର୍ଶକମାନେ ସେମାନଙ୍କ ଆଗ୍ରହ ଅନୁସାରେ କାର୍ଯ୍ୟକ୍ରମ ପସନ୍ଦ କରିଥାନ୍ତି ଏବଂ ଯେଉଁ କାର୍ଯ୍ୟକ୍ରମକୁ ପସନ୍ଦ କରନଥାନ୍ତି ତାହାକୁ ଦେଖିନଥାନ୍ତି। ଗଣମାଧ୍ୟମ ମାଲିକାନାରେ ବହୁବାଦୀ ମାନେ ନିମ୍ନୋକ୍ତ ପ୍ରସଙ୍ଗକୁ ଚିହ୍ନଟ କରିଛନ୍ତି।

୧. ଗଣମାଧ୍ୟମ ମାଲିକମାନଙ୍କର ଗଣମାଧ୍ୟମ ବିଷୟବସ୍ତୁ ଉପରେ ପ୍ରତ୍ୟକ୍ଷ ନିୟନ୍ତ୍ରଣ ନଥାଏ।
୨. ଗଣମାଧ୍ୟମ ମାଲିକମାନଙ୍କର ପ୍ରଭାବଶାଳୀ ଶ୍ରେଣୀ ନଥାଏ, କିନ୍ତୁ ବିତରଣ କରିବା ପାଇଁ ପ୍ରତିଯୋଗୀ ସାମାଜିକ ଗୋଷ୍ଠୀ ଥାଏ।
୩. ଗଣମାଧ୍ୟମ ବିଷୟବସ୍ତୁ ବୈଚାରିକ ହୋଇଥାଏ, କିମ୍ବା ଏହା ମାଲିକମାନଙ୍କର ସ୍ୱାର୍ଥକୁ ପ୍ରତିବିମ୍ବିତ କରିଥାଏ।
୪. ଗଣମାଧ୍ୟମ ବିଷୟବସ୍ତୁ ଗଣମାଧ୍ୟମ ପରିଚାଳକମାନଙ୍କ ଦ୍ୱାରା ସଙ୍କଳନ ହୋଇଥାଏ ଏବଂ ଦର୍ଶକ/ପାଠକମାନଙ୍କର ପସନ୍ଦ କରିବାର ଅଧିକାର ଥାଏ।
୫. ଗଣମାଧ୍ୟମ ବିଷୟବସ୍ତୁ ପାଠକ/ଦର୍ଶକମାନଙ୍କର ଆବଶ୍ୟକତାକୁ ପୂରଣ କରିଥାଏ।
୬. ପାଠକ କଣ ଦେଖିବାକୁ ଚାହୁଁଛି ଶେଷରେ ସେହି କଥା ସେ ହିଁ କହିଥାଏ।

ବହୁବାଦ ଉପରେ ଗଣମାଧ୍ୟମର ପ୍ରଭାବକୁ ସିଦ୍ଧାନ୍ତମୂଳକ ଭାବେ ୟୁଜେସ୍ ଏବଂ ଗ୍ରାଟିଫିକେସନ୍ ମଡେଲ (ବ୍ୟବହାର ଏବଂ ସନ୍ତୁଷ୍ଟି ମଡେଲ୍) ମାଧ୍ୟମରେ ବର୍ଣ୍ଣନା କରାଯାଇପାରେ। ୟୁଜେସ୍ ଏବଂ ଗ୍ରାଟିଫିକେସନ୍ ମଡେଲ୍ ଏହା ଯୁକ୍ତି କରିଛି ଯେ, ପାଠକମାନେ ବିଭିନ୍ନ କାରଣରୁ ଗଣମାଧ୍ୟମକୁ ବ୍ୟବହାର କରିଥାନ୍ତି। ଏହି ଦୃଷ୍ଟିକୋଣ ପାଠକ/ଦର୍ଶକକୁ ସକ୍ରିୟ କରି ରଖିଥାଏ। ପାଠକ/ଦର୍ଶକମାନଙ୍କୁ ନିଜ ହିସାବରେ ବ୍ୟବହାର କରିଥାଏ। ଏହି ମଡେଲ୍ ବହୁବାଦୀ ତଥା ଉତ୍ତର ଆଧୁନିକତାବାଦୀଙ୍କ ନିକଟରେ ଲୋକପ୍ରିୟ।



ଡୋୟଲ୍‌ଙ୍କ ଅନୁସାରେ ଗଣମାଧ୍ୟମ ବହୁବାଦିତା ବହୁବିଧ ଗଣମାଧ୍ୟମ ଯୋଗାଣ ସମ୍ପର୍କରେ ପରିକଳ୍ପନା କରିଥାଏ, ଯାହା ପ୍ରତିବିମ୍ବିତ ହୋଇଥାଏ। ଉଦାହରଣ ସ୍ୱରୂପ, ଏକ ସ୍ୱାଧୀନ ଏବଂ ସ୍ୱୟଂଚାଳିତ ଗଣମାଧ୍ୟମ ତିଷ୍ଠି ରହିବା କାରଣରୁ, ଜନସାଧାରଣଙ୍କୁ ବହୁ ପ୍ରକାରର ଗଣମାଧ୍ୟମ ବିଷୟବସ୍ତୁ ଉପଲବ୍ଧ ହୋଇଥାଏ।

## ୩.୭: ଆସ ପ୍ରଗତି ମାପିବା

୧) ଅପରାଧ ଏବଂ ଅସ୍ୱାଭାବିକତା ପରସ୍ପର ସହିତ ସମ୍ପର୍କିତ କି ?

------------------------------------------------------------

------------------------------------------------------------

------------------------------

୨) ଗଣମାଧ୍ୟମ ଏବଂ ଅପରାଧ ଭିତରେ କ'ଣ ସମ୍ପର୍କ (ଯଦି କୌଣସି) ରହିଛି ?

------------------------------------------------------------

------------------------------------------------------------

------------------------------

୩) ଟିଭି ଏବଂ ଇଣ୍ଟରନେଟ୍‌ରେ ତୁମେ ନିକଟରେ ଦେଖିଥିବା କୌଣସି ହିଂସାତ୍ମକ ଦୃଶ୍ୟର ବର୍ଣ୍ଣନା କର ?

------------------------------------------------------------

------------------------------------------------------------

------------------------------

୪)ଅସ୍ୱାଭାବିକତା ଆପେକ୍ଷିକ କି ? ଅସ୍ୱାଭାବିକତାକୁ ସମାଜର ଏକ ସାଧାରଣ ଅଙ୍ଗ ବୋଲି ଦୁର୍ଖାଇମ୍ କାହିଁକି କହିଛନ୍ତି ?

------------------------------------------------------------

------------------------------------------------------------

------------------------------

୫) ଗଣମାଧ୍ୟମର ପ୍ରଭାବ ହିଂସାକୁ ପ୍ରୋତ୍ସାହିତ କରେ କି? ଏହି ସମାନ ପ୍ରସଙ୍ଗ ଉପରେ ତୁମର ମତାମତ କଣ ?

-------------------------------------------------------------------
-------------------------------------------------------------------
--------------------------------

୬) ବହୁବାଦ ଉପେକ୍ଷା କଣ ? ଏହା ଅସ୍ୱାଭାବିକତାର କାରଣ ହୋଇପାରେ କି ?

-------------------------------------------------------------------
-------------------------------------------------------------------
--------------------------------

୭) ସିନେମାରେ ହିଂସା ମନୋରଞ୍ଜନର ଏକ ବୃହତ୍ ମାଧ୍ୟମ, ଏହା ଯେକୌଣସି ଉପାୟରେ ଲୋକମାନଙ୍କୁ ବାସ୍ତବ ଜୀବନରେ ପ୍ରଭାବିତ କରିଥାଏ କି ?

-------------------------------------------------------------------
-------------------------------------------------------------------
--------------------------------

# ୟୁନିଟ୍- ୪: ଗଣମାଧ୍ୟମ ଏବଂ ଜାତୀୟ ସଂହତି


୪.୦: ବିଷୟର ଗଠନ

୪.୧: ପଠନର ଉଦ୍ଦେଶ୍ୟ

୪.୨: ଗଣମାଧ୍ୟମ ଏବଂ ଜାତୀୟ ସଂହତି

୪.୨.୧: ଜାତୀୟ ଏକତା କ'ଣ ?

୪.୨.୨: ପ୍ରାଚୀନ ଭାରତରେ ଜାତୀୟ ସଂହତିର ବିକାଶ

୪.୨.୩: ଗଣମାଧ୍ୟମର ବିକାଶ

୪.୨.୪: ଜାତୀୟ ସଂହତି କ୍ଷେତ୍ରରେ ଗଣମାଧ୍ୟମର ଭୂମିକା

୪.୨.୫: ସ୍ୱାଧୀନତା ପୂର୍ବର ଭାରତ

୪.୨.୬: ସ୍ୱାଧୀନୋତ୍ତର ଭାରତ

୪.୨.୭: ଜାତୀୟ ସଂହତି କ୍ଷେତ୍ରରେ ଆହ୍ୱାନ

୪.୨.୮: ଜାତୀୟ ସଂହତି କ୍ଷେତ୍ରରେ ବାଧା

୪.୩: ପ୍ରଚାର ଅଭିଯାନର ଆକଳନ

୪.୪: ମାମଲା ଅଧ୍ୟୟନ

୪.୫: ଭାରତୀୟ ପୃଷ୍ଠଭୂମିରେ ଗଣମାଧ୍ୟମ ଏବଂ ଧାର୍ମିକ ଯୋଗାଯୋଗ

୪.୫.୧: ଧର୍ମ କଣ ?

୪.୫.୨: ଯୋଗାଯୋଗ ଭାବରେ ଧର୍ମ

୪.୫.୩: ଧାର୍ମିକ ଯୋଗାଯୋଗର କାର୍ଯ୍ୟ

୪.୫.୪: ଧାର୍ମିକ ଯୋଗାଯୋଗରେ ଗଣମାଧ୍ୟମର ଭୂମିକା

୪.୫.୫: ଧର୍ମ ଉପରେ ଗଣମାଧ୍ୟମର ପ୍ରଭାବ

୪.୬: ଧର୍ମନିରପେକ୍ଷତାର ଉପଚାର ଏବଂ ପ୍ରଚାର

୪.୬.୧: ଧର୍ମନିରପେକ୍ଷତା କ'ଣ ?

୪.୬.୨: ଧର୍ମନିରପେକ୍ଷତାର ଭାରତୀୟ ଢାଞ୍ଚା

୪.୬.୩: ଧର୍ମନିରପେକ୍ଷତାର ନିୟମ

୪.୬.୪: ଭାରତରେ ଧର୍ମନିରପେକ୍ଷତା

୪.୬.୫: ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ଭୂମିକା

୪.୬.୭: ଗଣମାଧ୍ୟମ ପ୍ରୋତ୍ସାହିତ କରୁଥିବା ଧର୍ମନିରପେକ୍ଷ ରାଷ୍ଟ୍ରର ବିଶେଷତା

୪.୭: ଆସ ପ୍ରଗତି ମାପିବା

## ୪.୧: ପଠନର ଉଦ୍ଦେଶ୍ୟ

ଏହି ବିଷୟ ସ୍ପଷ୍ଟ ରୂପେ ଅନ୍ତର୍ଗତ କରିଛି -

୧. ଜାତୀୟତା ଏବଂ ଗଣମାଧ୍ୟମ ଉପରେ ଏହାର ପ୍ରଭାବ ତଥା ଗଣମାଧ୍ୟମ କିପରି ଏକ ରାଷ୍ଟ୍ରର ଏକତା ପାଇଁ ସାହାଯ୍ୟ କରିଥାଏ।

୨. ଭାରତ ଭଳି ଏକ ଦେଶରେ ଧର୍ମନିରପେକ୍ଷ ସଂରଚନାକୁ ବଜାୟ ରଖିବାରେ ଗଣମାଧ୍ୟମର ଅବଦାନ। ଭାରତୀୟ ସମାଜରେ ସାମ୍ପ୍ରଦାୟିକ ସଦ୍‌ଭାବକୁ ବୃଦ୍ଧି କରିବାରେ ଗଣମାଧ୍ୟମ ଧାର୍ମିକ ଯୋଗାଯୋଗକୁ ପରିଚାଳିତ କରିଥାଏ।

## ୪.୨: ଗଣମାଧ୍ୟମ ଏବଂ ଜାତୀୟ ସଂହତି

### ୪.୨.୧: ଜାତୀୟ ସଂହତି କ'ଣ ?

ଏକ ରାଷ୍ଟ୍ରର ଏକତା ଏବଂ ଅଖଣ୍ଡତାକୁ ଜାତୀୟ ସଂହତି କୁହାଯାଏ। ଭାରତ ବିବିଧତା ଭିତରେ ଏକତାର ଏକ ଦେଶ। ବିଭିନ୍ନ ସଂସ୍କୃତି ଏବଂ ପରମ୍ପରା ସହିତ ଏହା ଏବେ ବି ଏକାଠି ହୋଇ ରହିଛି। ଦେଶର ଉନ୍ନତି ଏବଂ ବିକାଶ ଜାତୀୟ ସଂହତି ଉପରେ ନିର୍ଭର କରିଥାଏ ଏବଂ ଏହା ରାଷ୍ଟ୍ରର ମଙ୍ଗଳ ପାଇଁ ଗୁରୁତ୍ୱପୂର୍ଣ୍ଣ। ଅଖଣ୍ଡତା ଏକ ରାଷ୍ଟ୍ର ପାଇଁ ବହୁତ ଆବଶ୍ୟକ ହୋଇଥାଏ। କାରଣ

୧. ଦେଶର ଲୋକମାନଙ୍କର ବିବିଧ ସଂସ୍କୃତି ଏକାଠି ଆଗକୁ ବଢ଼ିଥାଏ।

୨. ରାଷ୍ଟ୍ର ଏକ ସାଧାରଣ ଉତ୍ପାଦକତା ସଙ୍ଗଠନର ମର୍ଯ୍ୟାଦା ଲାଭ କରିଥାଏ।

୩. ଏକ ରାଷ୍ଟ୍ରର ସମ୍ବିଧାନ ଏକ ଧର୍ମନିରପେକ୍ଷ ସଂରଚନା ପାଇଁ ଗଣତନ୍ତ୍ରର ଅଖଣ୍ଡତା ପ୍ରଦାନ କରିଥାଏ।

### ୪.୨.୨: ପ୍ରାଚୀନ ଭାରତରେ ଜାତୀୟ ସଂହତିର ବିକାଶ

ଐତିହାସିକ ସମୟରୁ ଉତ୍ତର ଏବଂ ଦକ୍ଷିଣ ଭାରତ ସବୁବେଳେ ଭିନ୍ନ ଅଞ୍ଚଳ ଭାବେ ରହି ଆସିଛି। ଊନବିଂଶ ଶତାବ୍ଦୀରେ, ବ୍ରିଟିଶ ଶାସନ ସମୟରେ ଯୋଗାଯୋଗ ଏବଂ ଶିକ୍ଷାର ଅଭିବୃଦ୍ଧି ଭାରତର ଉଭୟ ପକ୍ଷର ଲୋକମାନଙ୍କୁ ଏକାଠି କଲା। ଏକତାର ଭାବନା ସହିତ ଭାରତର ସ୍ୱାଧୀନତା ପାଇଁ ସେମାନେ ଏକାଠି ଲଢ଼ିଲେ। ଜବାହାରଲାଲ୍ ନେହରୁ ଜାତୀୟ ସଂହତିର ଗୁରୁତ୍ୱକୁ ବୁଝିଥିଲେ। ସେ ଭାରତର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ଏବଂ ଦେଶର ଅଭିବୃଦ୍ଧି ପାଇଁ ଦୃଢ଼ ମୂଳଦୁଆ ପକାଇଥିଲେ। ତାଙ୍କ ଅନୁସାରେ 'ଭାରତୀୟମାନଙ୍କର ଭାବନାତ୍ମକ ଅଖଣ୍ଡତାର ଆବଶ୍ୟକତା ରହିଛି, ଯାହା ଫଳରେ ଭାରତୀୟମାନେ ଏକତା ଏବଂ ବିବିଧତା ମାଧ୍ୟମରେ ଏକ ଦୃଢ଼ ଜାତୀୟ ଏକକ ହୋଇ ପାରିବେ।'

ସେହି ସମୟରୁ ଆଜି ପର୍ଯ୍ୟନ୍ତ ଭାରତ ଏକ ବିବିଧ ସଂସ୍କୃତି, ଜାତି, ଭାଷା ଏବଂ ଧର୍ମର ଦେଶ ହେଲେ ବି ଅଖଣ୍ଡତା ବଜାୟ ରଖି ଆସିଛି। ଭାରତ ବିବିଧତା ଭିତରେ ଏକତାକୁ ବଜାୟ ରଖି ଆସିଛି।

### ୪.୨.୩: ଗଣମାଧ୍ୟମର ବିକାଶ

ସ୍ୱାଧୀନତା ପରେ ଛାପା ମାଧ୍ୟମର ଅଭିବୃଦ୍ଧି, ଏହା ପଛକୁ ରେଡିଓ ଏବଂ ଟେଲିଭିଜନ୍ ଭଳି ବୈଦ୍ୟୁତିକ ଗଣମାଧ୍ୟମର ପର୍ଯ୍ୟାପ୍ତ ବୃଦ୍ଧି ଯୋଗୁଁ ଭାରତରେ ଗଣମାଧ୍ୟମ ଦ୍ରୁତ ଗତିରେ ବ୍ୟାପକ ହେବାରେ ଲାଗିଛି। ଦେଶର ଲୋକମାନଙ୍କ ମଧ୍ୟରେ ଗଣମାଧ୍ୟମ ଏକ ସାଧାରଣ ବନ୍ଧନ ପ୍ରତିଷ୍ଠା କରିଛି। ଏଠାରେ ଗଣମାଧ୍ୟମର ଅର୍ଥ ପାରମ୍ପରିକ ଗଣମାଧ୍ୟମ, ଯଥା ଫିଲ୍ମ, ଫଟୋଗ୍ରାଫି, ମ୍ୟୁଜିକ୍ ଭିଡିଓ, କଥିତ ଏବଂ ଲିଖିତ ଶବ୍ଦ ଏବଂ ନୂତନ ମାଧ୍ୟମ, ଯେଉଁଥିରେ କମ୍ପ୍ୟୁଟର ଏବଂ ସୂଚନା ପ୍ରଯୁକ୍ତି ତଥା ଯେଉଁଥିରେ ୱାର୍ଲ୍ଡ ୱାଇଡ୍ ୱେବ୍ ଏବଂ ସାମାଜିକ ମାଧ୍ୟମ ଅନ୍ତର୍ଭୁକ୍ତ, ସେସବୁକୁ ବୁଝାଯାଇଥାଏ। ପାରମ୍ପରିକ ଏବଂ ନୂତନ ମାଧ୍ୟମ ମଧ୍ୟରେ ମୌଳିକ ପାର୍ଥକ୍ୟ ହେଉଛି, ଗଣମାଧ୍ୟମ ବିଷୟବସ୍ତୁର ଡିଜିଟାଲ୍ ସ୍ୱଭାବ ଏବଂ ପ୍ରକୃତ ସମୟରେ ପାରସ୍ପରିକ ଯୋଗାଯୋଗ। ନୂତନ ମାଧ୍ୟମ ସୂଚନାକୁ ପୃଥିବୀର ଗୋଟିଏ କୋଣରୁ ଆଉ ଗୋଟିଏ କୋଣକୁ ଗୋଟିଏ ବଟନ୍ କ୍ଲିକ୍‌ରେ ପହଞ୍ଚାଇ ଦେଇଥାଏ।




ଉତ୍ସ
କ୍ରିଏଟିଭ୍ କମନ୍ସ

### ୪.୨.୪: ଜାତୀୟ ସଂହତିରେ ଗଣମାଧ୍ୟମର ଭୂମିକା

ଜାତୀୟ ସଂହତି ହେଉଛି ଲୋକମାନଙ୍କ ମନ ଭିତରେ ଏକତା ସୃଷ୍ଟି କରିବାର ପ୍ରକ୍ରିୟା। ଗଣମାଧ୍ୟମର ଆଗମନ ପରେ ଏହି ଅଖଣ୍ଡତାର ପ୍ରକ୍ରିୟା ସହଜ ହୋଇଗଲା।

### ୪.୨.୫: ସ୍ୱାଧୀନତା ପୂର୍ବ ଭାରତ

ଭାରତରେ ଗଣମାଧ୍ୟମର ସୃଷ୍ଟି ବହୁତ ବର୍ଷ ତଳେ ଉନବିଂଶ ଶତାବ୍ଦୀରେ ଛାପା ମାଧ୍ୟମର ଆଗମନ ସହିତ ହୋଇଥିଲା। ପ୍ରଥମ ଖବରକାଗଜ ୧୭୮୦ର ଉତ୍ତରାର୍ଦ୍ଧରେ ପ୍ରକାଶିତ ହୋଇଥିଲା। ପ୍ରଥମ ଖବରକାଗଜ ଇଂରାଜୀରେ ପ୍ରକାଶିତ ହୋଇଥିଲା ଏବଂ ଏହାର ପ୍ରତିଷ୍ଠାତା ଥିଲେ ଜେମ୍ସ ଅଗଷ୍ଟସ୍ ହିକି। ଏହି ନବୋନ୍ମେଷ ପରେ, ଭାରତରେ ସମ୍ବାଦପତ୍ର ଅନେକ ଉନ୍ନତିକୁ ପ୍ରତ୍ୟକ୍ଷ କରିଥିଲା ଏବଂ ଏହା ଭାରତୀୟ ଗଣତନ୍ତ୍ରର ସବୁଠାରୁ ଶକ୍ତିଶାଳୀ ସଙ୍ଗଠନ ଭାବେ ବିକାଶ ଲାଭ କଲା। ଗଣମାଧ୍ୟମରେ ଭାରତୀୟକରଣ ଭାରତୀୟ ଉଦାରବାଦର ଜନକ ତଥା ଧାର୍ମିକ ସଂସ୍କାରକ ରାଜା ରାମମୋହନ ଅନେକ ଖବରକାଗଜ ପ୍ରକାଶ କରିଥିଲେ ଏବଂ ତାଙ୍କର ଲକ୍ଷ୍ୟ ଥିଲା ଭାରତୀୟ ସମାଜରେ ସଂସ୍କାର ଆଣିବା। ତାଙ୍କ କାର୍ଯ୍ୟକୁ ଅନୁସରଣ କରି ତାଙ୍କ ସମସାମୟିକ ଗଭର୍ଣ୍ଣର ଜେନେରାଲ ଲର୍ଡ ୱିଲିୟମ୍ ବେଣ୍ଟିକ୍ ସଂସ୍କାର ପାଇଁ ଭାରତୀୟ ଉଦ୍ୟମକୁ ସମର୍ଥନ କରିଥିଲେ। ଫଳସ୍ୱରୂପ, ୧୮୩୦ ବେଳକୁ ୩୩ଟି ଇଂରାଜୀ ଏବଂ ୧୬ଟି ଭାରତୀୟ ଭାଷାର ଖବରକାଗଜ ପ୍ରକାଶନ ହୋଇଥିଲା। ଏହା ଅଧିକ ଜାତୀୟତାବଦୀ ଖବରକାଗଜ ଏବଂ ପତ୍ରିକା ପ୍ରକାଶନ ପାଇଁ ମାର୍ଗ ପ୍ରଶସ୍ତ କରିଥିଲା।

କେବଳ କଲିକତା, ବମ୍ବେ ଏବଂ ମାଡ୍ରାସ୍‌ରେ ଖବରକାଗଜର ପ୍ରକାଶନ ବୃଦ୍ଧି ପାଇ ନଥିଲା, ଦେଶର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଖବରକାଗଜ ପ୍ରକାଶନ ବୃଦ୍ଧି ପାଇଥିଲା। ଛାପା ମାଧ୍ୟମ, ମୁଖ୍ୟତଃ ଖବରକାଗଜ ସାମାଜିକ ସଂସ୍କାର ଏବଂ ସୂଚନା ସ୍ଥାନାନ୍ତରଣରେ ଉପକରଣ ଭାବେ ବ୍ୟବହୃତ ହେଲା ଯାହା ଜାତୀୟ ପରିଚିତ ସୃଷ୍ଟି କରିବାରେ ସହାୟକ ହେଲା। ଜାତୀୟତାବାଦୀ ଆନ୍ଦୋଳନ ଏବଂ ସ୍ୱାଧୀନତା ପାଇ ଜାତୀୟ ସଂଗ୍ରାମ ନିମନ୍ତେ ମଧ୍ୟ ସମ୍ବାଦପତ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଆରମ୍ଭ କଲା। ଯଦିଓ ସମ୍ବାଦପତ୍ର ବ୍ରିଟିଶ୍ ଶାସନ ଅଧୀନରେ ଥିଲା, ତଥାପି ସ୍ୱାଧୀନତାର କାରଣକୁ ପ୍ରଚାର କରିବାରେ ସାହସୀ ବୀର ଭଳି କାର୍ଯ୍ୟ କରିଥିଲା। ୧୮୫୭ ପରେ ଆଞ୍ଚଳିକ ଭାଷାର ଖବରକାଗଜ ଜାତୀୟ ପ୍ରେସ୍ ପାଲଟି ଯାଇଥିଲେ ଏବଂ ବ୍ରିଟିଶ ସରକାର ଦୁଃଖର ସହିତ ଭାରତୀୟ ପ୍ରେସ୍‌ର ଅଦମନୀୟ ଅଭିବୃଦ୍ଧିର ସାକ୍ଷୀ ହୋଇଥିଲେ। ୧୮୬୧ରେ ଭାରତୀୟ ପରିଷଦ ନିୟମ (ଇଣ୍ଡିଆନ୍ କାଉନସିଲ୍‌ସ୍ ଆକ୍ଟ)ର ସଂଶୋଧନ ପରେ ରାଜନୀତି ସାମ୍ବାଦିକତା ସୃଷ୍ଟି ହୋଇଥିଲା। ବର୍ତ୍ତମାନ ସୁଦ୍ଧା ଆଗଧାଡ଼ିରେ ରହିଥିବା ଅନେକ ଖବରକାଗଜ ସେହି ସମୟରେ ଜନ୍ମ ନେଇଥିଲେ। ସେଗୁଡ଼ିକ ମଧ୍ୟରୁ କିଛି ଉଲ୍ଲେଖନୀୟ ନାମ ହେଉଛି, ଦି ହିନ୍ଦୁ, ଇଣ୍ଡିଆନ ମିରର୍, ଅମ୍ରିତ ବଜାର ପତ୍ରିକା, ଟାଇମ୍ସ ଅଫ ଇଣ୍ଡିଆ ଏବଂ ଦି ପାୟୋନିଅର୍।


Vol. II. JANUARY, 1919 No. 1

YOUNG INDIA

Published Monthly by the India Home Rule League of America
1400 Broadway, New York, N. Y.

India's Claim to Fiscal Autonomy
Woman's Position in India
India Facing Famine

To Members, Yearly $1.00 15c. a copy To Others, Yearly $1.50

ଉତ୍ସ- ୱିକିପିଡିଆ

ଊନବିଂଶ ଶତାବ୍ଦୀରେ ସ୍ୱାଧୀନତା ଆନ୍ଦୋଳନ ଜୋରସୋର୍‌ରେ ଚାଲିଥିଲା । ଏହା ପ୍ରେସ୍‌ର ବିକାଶ ଯୋଗୁଁ ଧୀରେ ଧୀରେ ଆଗେଇ ଥିଲା, ପ୍ରେସ୍ ରାଜନୈତିକ ସଂସ୍କାର ଆରମ୍ଭ କରିଥିଲା, ଯାହା ଅଧିକ ଖବରକାଗଜକୁ ଜାତୀୟ ଅଭିବୃଦ୍ଧିରେ ସହାୟତା କରିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥିଲା । ଜନମତକୁ ପ୍ରଜ୍ୱଳିତ କରିବା ଏବଂ ଉପନିବେଶ ନିୟମ କାନୁନ୍ ବିରୋଧରେ ଏକାଠି ହେବା କ୍ଷେତ୍ରରେ ଭାରତୀୟ ପ୍ରେସ୍ ସ୍ୱାଧୀନତା ସଂଗ୍ରାମରେ ମେରୁଦଣ୍ଡ ପାଲଟିଥିଲା । ଊନବିଂଶ ଶତାବ୍ଦୀର ପ୍ରାରମ୍ଭରୁ ସ୍ୱାଧୀନତା ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ତାଙ୍କ ଲେଖା ମାଧ୍ୟମରେ ଭାରତୀୟ ପ୍ରେସ୍‌କୁ ବୃହତ୍ ଅବଦାନ ଦେଇଥିଲେ । ସ୍ୱାଧୀନତା ଆନ୍ଦୋଳନ ପାଇଁ 'ୟଙ୍ଗ୍ ଇଣ୍ଡିଆ' ଏବଂ 'ହରିଜନ' ଶକ୍ତିଶାଳୀ ବାହନ ପାଲଟିଥିଲା । ଜନସାଧାରଣଙ୍କୁ ସଚେତନ କରିବା କ୍ଷେତ୍ରରେ ପ୍ରେସ୍ ସ୍ୱାଧୀନତା ସଂଗ୍ରାମ ନିମନ୍ତେ ଗ୍ରହଣୀୟ ଏବଂ ଉଲ୍ଲେଖନୀୟ ଅବଦାନ ଦେଇଥିଲା ।

**୪.୨.୬: ସ୍ୱାଧୀନୋତ୍ତର ଭାରତ**

ପଣ୍ଡିତ ଜବାହାରଲାଲ୍ ନେହରୁଙ୍କ ତତ୍ତ୍ୱାବଧାନରେ ସ୍ୱାଧୀନ ଭାରତ ପ୍ରେସ୍ ସ୍ୱାଧୀନତା ପାଇଁ ସାମ୍ବିଧାନିକ ନିଶ୍ଚିତତା ଦେଇଥିଲା, ଯାହା ପର୍ଯ୍ୟାପ୍ତ ରୂପରେ ଭାରତରେ ପ୍ରେସ୍‌ର ବିକାଶ ନିମନ୍ତେ ସାହାଯ୍ୟ କରିଥିଲା । ସ୍ୱାଧୀନତା ପରେ ଜାତୀୟ ବିକାଶ ଏବଂ ଜାତୀୟ ଅଖଣ୍ଡତା ପାଇଁ କାର୍ଯ୍ୟ କରିବାକୁ ପ୍ରେସ୍‌କୁ ଆହ୍ୱାନ ଦିଆଗଲା । ଯଦିଓ ପ୍ରଣୀତ ସମ୍ବିଧାନ ପ୍ରେସ୍ ସ୍ୱାଧୀନତା ନିମନ୍ତେ ନିଶ୍ଚିତତା ପ୍ରଦାନ କରି ନଥିଲା, ଭାରତୀୟ ସୁପ୍ରିମ୍‌କୋର୍ଟ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୯ରେ ପ୍ରେସ୍‌ର ସ୍ୱାଧୀନତା ନିମନ୍ତେ ଏକ ରାୟ ପ୍ରଣିଧାନ କରିଥିଲେ, ଯାହା ନାଗରିକମାନଙ୍କୁ ଭାଷଣ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତାକୁ ନିଶ୍ଚିତତା ଦେଇଥାଏ । ସ୍ୱାଧୀନତା ପରେ ପ୍ରେସ୍ କାଉନ୍‌ସିଲ୍ ସ୍ଥାପିତ ହେଲା, ଏହାର ଉଦ୍ଦେଶ୍ୟ କେବଳ ପ୍ରେସ୍‌ର ସ୍ୱାଧୀନତାକୁ ସୁରକ୍ଷିତ ରଖିବା ନଥିଲା, ଏହା ଜାତୀୟ ସଂହତି ନିମନ୍ତେ ପ୍ରେସ୍‌ର ଦାୟିତ୍ୱକୁ ବୃଦ୍ଧି କରିଦେଲା ।

**୪.୨.୭: ଜାତୀୟ ସଂହତି କ୍ଷେତ୍ରରେ ଆହ୍ୱାନ**

ଜାତୀୟ ସଂହତି ବାସ୍ତବ ରୂପରେ ଭାରତରେ ଏକ ଜଟିଳ ପ୍ରସଙ୍ଗ । ଅତ୍ୟଧିକ ଆନୁବଂଶିକ ଆହ୍ୱାନଗୁଡ଼ିକ ହେଉଛି, ଭାରତରେ ପ୍ରଚଳିତ ବିବିଧ ପରମ୍ପରା, ଭୌଗୋଳିକ ଅଞ୍ଚଳ, ବିଭିନ୍ନ ସଂସ୍କୃତି । ସେଗୁଡ଼ିକୁ ଏକାଠି କରିବା ବାସ୍ତବରେ ଏକ ବଡ଼ ଆହ୍ୱାନ । ଅନ୍ୟ ଯେଉଁ ସମସ୍ୟା ଏହା ମଧ୍ୟରେ ଅନ୍ତର୍ଭୁକ୍ତ, ସେଗୁଡ଼ିକ ହେଉଛି,

ଧାର୍ମିକ ମୌଳବାଦ ଏବଂ ଭାଷାଗତ ବିବିଧତା। ଗଣମାଧମ ଦ୍ୱାରା ଅନେକ ମାତ୍ରାରେ ସୃଷ୍ଟି ହୋଇଥିବା ଏକତା ବ୍ୟକ୍ତିମାନଙ୍କ ମଧରେ ଜାତୀୟତାର ଭାବନାକୁ ପ୍ରୋତ୍ସାହିତ କରିଥାଏ। ପ୍ରକାରାନ୍ତରେ ସାମାଜିକ ମାଧମ ଏବଂ ଇଣ୍ଟରନେଟର ଆଗମନ, ଏହି ପ୍ରକ୍ରିୟାକୁ ଦ୍ରୁତ କରିଛି। ଯେ କୌଣସି ସାଧାରଣ ଲୋକଙ୍କ ସହିତ ସମ୍ପର୍କିତ ପ୍ରସଙ୍ଗ ହାସ୍‌ଟ୍ୟାଗ୍ ସହିତ ସୃଷ୍ଟି କରାଯାଇଥାଏ ଏବଂ ସାମାଜିକ ମାଧମରେ ପୋଷ୍ଟ କରାଯାଇଥାଏ, ତାହା ସଚେତନତା ସୃଷ୍ଟି କରିଥାଏ ଏବଂ ଗୋଟିଏ ବଟନ୍ କ୍ଲିକ୍‌ରେ ଏହି ସୂଚନା ଲକ୍ଷ ଲକ୍ଷ ଏବଂ କୋଟି କୋଟି ବ୍ୟବହାରକାରୀଙ୍କ ପାଖରେ ପହଞ୍ଚିପାରିଥାଏ। ଏହିପରି ଏହି ହାସଟ୍ୟାଗ୍ ଜାତୀୟ ସଂହତିର ବାହକ ଭାବେ କାର୍ଯ୍ୟ କରିଥାଏ।

### ୪.୨.୮: ଜାତୀୟ ସଂହତିରେ ପ୍ରତିବନ୍ଧକ

ଜାତୀୟ ସଂହତି ପ୍ରକ୍ରିୟାରେ ନିମ୍ନୋକ୍ତ କାରକଗୁଡ଼ିକ ପ୍ରତିବନ୍ଧକ ସୃଷ୍ଟି କରିଥାଏ।

୧. ଜାତିବାଦ: ପ୍ରାରମ୍ଭିକ ପର୍ଯ୍ୟାୟରେ ଜାତି ବ୍ୟବସ୍ଥା ସମାଜରେ ଶ୍ରମର ବିଭାଜନ ଆଧାରରେ ସୃଷ୍ଟି ହୋଇଥିଲା।

୨. ସାମ୍ପ୍ରଦାୟିକତା: ଧାର୍ମିକ ବିରୋଧ ଭାବ, ଅଧିକ ପରିମାଣରେ ନିରକ୍ଷରତା ଏବଂ ଅନ୍ଧବିଶ୍ୱାସ।

୩. ଭାଷାର ବିବିଧତା: ଦେଶ ଭିତରେ ବିଭିନ୍ନ ଭାଷା ବ୍ୟବହୃତ ହୋଇଥାଏ।

୪. ଆଞ୍ଚଳିକବାଦ: ପରମ୍ପରାରେ ବିଶେଷତା

୫. ସାମାଜିକ ଅସମାନତା: ବିଭିନ୍ନ ସମ୍ପ୍ରଦାୟ, ବିଭିନ୍ନ ଜାତି ଏବଂ ବିଭିନ୍ନ ଆୟର ସ୍ତର

୬. ଅର୍ଥନୈତିକ ଅସ୍ଥିରତା: ଉତ୍ତମ ବ୍ୟବସାୟିକ ବ୍ୟବସ୍ଥାର ବିଭିନ୍ନ ଦିଗ, ଆୟରେ ଭିନ୍ନତା, ମଧ୍ୟମ ଧରଣର ଆୟ ଏବଂ କମ୍ ଆୟ

## ୪.୩: ପ୍ରଚାର ଅଭିଯାନର ଆକଳନ

ପ୍ରଚାର ଅଭିଯାନ କ'ଣ? ପ୍ରଚାର ଅଭିଯାନ ବିଭିନ୍ନ ପ୍ରକାର ଗଣମାଧମ ସହାୟତାରେ ଅନେକ ବିଜ୍ଞାପନକୁ ବ୍ୟବହାର କରି ବାର୍ତ୍ତା ଏବଂ ବିଚାରର ପ୍ରଚାର କରିଥାଏ। ଏକ ସାଧାରଣ ପ୍ରସଙ୍ଗ କିମ୍ବା ଏକ ସାମାଜିକ କିମ୍ବା ଉତ୍ତମ କାରଣ ପାଇଁ ପ୍ରଚାର ଅଭିଯାନ କରାଯାଇଥାଏ। ଏକ ପ୍ରଚାର ଅଭିଯାନର ଆରମ୍ଭ ସହିତ ଏକ ଲକ୍ଷ୍ୟ ସ୍ଥିର କରାଯାଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରଚାରର ସ୍ୱରକୁ ସ୍ଥିର କରିଥାଏ। ଅଭିଯାନ ପାଇଁ ଲକ୍ଷ୍ୟ ମୁଖ୍ୟ ବିଷୟବସ୍ତୁ ହୋଇଥାଏ। ସାଧାରଣତଃ ଅଧିକ ଦର୍ଶକ/ପାଠକମାନଙ୍କ ନିକଟରେ ଏକ ଉତ୍ପାଦ ଏବଂ ସେବାର ପ୍ରବେଶ କରାଇବା ପାଇଁ ପ୍ରଚାର ଅଭିଯାନ କରା ଯାଇଥାଏ। ପ୍ରଚାର କାର୍ଯ୍ୟ (୧) ବିଜ୍ଞାପନ, (୨) ବିକ୍ରିର ପ୍ରଚାର (୩) ବ୍ୟକ୍ତିଗତ ବିକ୍ରି (୪) ପ୍ରଚାର ପାଇଁ କରାଯାଇପାରେ।

ପ୍ରଚାର ଅଭିଯାନ ଏକ ଲକ୍ଷ୍ୟରେ ପହଞ୍ଚିବା ପାଇଁ ପ୍ରସ୍ତୁତ କରାଯାଇଥାଏ। ଅଭିଯାନ ଏଭଳି ବ୍ୟବସ୍ଥିତ ଭାବେ ପ୍ରସ୍ତୁତ କରାଯାଇଥାଏ, ଯେପରି ଏହା ଦର୍ଶକ/ପାଠକମାନଙ୍କୁ ଅବଗତ କରାଯାଇପାରିବ।

- ଲକ୍ଷ୍ୟର ସ୍ଥାପନା - ଗୋଟିଏ ପ୍ରଚାର ଅଭିଯାନ ନିମନ୍ତେ ଲକ୍ଷ୍ୟ ସ୍ଥିର କରିବା ଏକ ପ୍ରାଥମିକ ଆଧାର ହୋଇଥାଏ। ଅଭିଯାନ ଦୃଢ଼ ମୂଳଦୁଆ ଏବଂ ପ୍ରାପ୍ୟ ଲକ୍ଷ୍ୟ ଉପରେ ଆଧାରିତ ହୋଇଥାଏ। ଯେଉଁ ଲକ୍ଷ୍ୟ ନିର୍ଦ୍ଧାରିତ କରାଯାଇଥାଏ, ତାହା ପ୍ରାପ୍ତିର ସୀମା ଭିତରେ ହେବା ଉଚିତ୍। ଲକ୍ଷ୍ୟ ସଚେତନତା ସୃଷ୍ଟି କରିଥାଏ, ଉତ୍ପାଦର ଏକ ନୂତନ ଦୃଷ୍ଟିକୋଣକୁ ପ୍ରୋତ୍ସାହିତ କରିଥାଏ କିମ୍ୱା ସାମାଜିକ ପରିବର୍ତ୍ତନ ଆଣିଥାଏ।
- ଆକର୍ଷକ ଲକ୍ଷ୍ୟ (ବ୍ୟସ୍ତ ରଖୁଥିବା ଲକ୍ଷ୍ୟ) - ଉତ୍ପାଦ କିମ୍ୱା ସେବା ଯାହା ଉପଭୋକ୍ତାଙ୍କ ନିକଟରେ ଆକର୍ଷକ ହୋଇଥାଏ। ଯେତେବେଳେ ଆକର୍ଷଣ ଉପଯୁକ୍ତ ଭାବେ ହେବ, ଦର୍ଶକ ଏହି ପ୍ରଚାରର ମୂଳ ଉଦ୍ଦେଶ୍ୟକୁ ମନେ ପକାଇବେ।
- ସେବାର ବର୍ଣ୍ଣନା – ସେବା ସମ୍ପର୍କରେ ଦର୍ଶକ/ଉପଭୋକ୍ତାଙ୍କ ନିକଟରେ ବର୍ଣ୍ଣନା କରାଯାଇଥାଏ। ସ୍ୱଷ୍ଟ ରୂପରେ ଉପଯୁକ୍ତ ବର୍ଣ୍ଣନା ଏକ ଅଭିଯାନ ପାଇଁ ଆବଶ୍ୟକ ହୋଇଥାଏ। ଯଦି ଉତ୍ପାଦ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ମୁଖ୍ୟ ଲକ୍ଷ୍ୟ ହୋଇଥାଏ, ତେବେ ଉଚିତ୍ ପ୍ରଦର୍ଶନ ଆବଶ୍ୟକ ହୋଇଥାଏ।

**ପ୍ରଚାର ଅଭିଯାନ**

ପ୍ରଚାର ଅଭିଯାନ ବିଜ୍ଞାପନଠାରୁ ଏହି ବାଟରେ ଭିନ୍ନ ହୋଇଥାଏ ଯେ ପ୍ରଚାର ଅଭିଯାନର ସମୟ ସୀମା ଏବଂ ଗତିର ବେଗ ବିଜ୍ଞାପନ ଠାରୁ କମ୍ ହୋଇଥାଏ। ଯେତେବେଳେ କି ଏକ ଉତ୍ପାଦର ବ୍ୟାପକତା ପାଇଁ ବିଜ୍ଞାପନ ପ୍ରସ୍ତୁତ ହୋଇଥାଏ, ପ୍ରଚାର ଅଭିଯାନ ସବୁବେଳେ ଖ୍ୟାତି ଅର୍ଜନ କରିବା ପାଇଁ କରାଯାଇଥାଏ।

ଗୋଟିଏ ଅଭିଯାନ ପାଇଁ ଯୋଜନା ପ୍ରସ୍ତୁତି ପ୍ରଚାର ଅଭିଯାନ ହେଉଛି ଏକ ପ୍ରକାରର ଯୋଗାଯୋଗ କାର୍ଯ୍ୟକ୍ରମ, ଯାହା ଗଣମାଧ୍ୟମର ସହାୟତାରେ ହୋଇଥାଏ, ଯାହାର ଲକ୍ଷ୍ୟ ହେଉଛି ବିଭିନ୍ନ ଦର୍ଶକଙ୍କର ବ୍ୟାପକ ଗୋଷ୍ଠୀ ପାଖେ ପହଞ୍ଚିବା।

ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ଅଭିଯାନ ଏକ ସ୍ୱତନ୍ତ୍ର ରଣନୀତି ଉପରେ ଆଧାର କରି ପ୍ରସ୍ତୁତ କରାଯାଇଥାଏ। ପ୍ରଭାବଶାଳୀ ପ୍ରଚାର ଅଭିଯାନ ୫ 'ଡବ୍ଲ୍ୟୁ' ଏବଂ ୧ 'ଏଚ୍' ର ଉତ୍ତର ଦେବା ଆବଶ୍ୟକ। ସମସ୍ୟା ନିବାରଣ ଏବଂ ପ୍ରତିକ୍ରିୟା ବିଶ୍ଳେଷଣ ପରେ ସେଥିରେ ବଜେଟ୍‌ର ଉଚିତ୍ ବିନିଯୋଗ କରାଯାଇଥାଏ। ମୋଟାମୋଟି ଭାବେ ପ୍ରଚାର ଅଭିଯାନ ଯାହା ସ୍ୱତନ୍ତ୍ର ରଣନୀତି, ଉପଯୁକ୍ତ ଯୋଜନା ଏବଂ ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ପର୍ଯ୍ୟବସିତ ହୋଇଥାଏ, ତାହା ପର୍ଯ୍ୟାପ୍ତ ସଫଳତା ସୃଷ୍ଟି କରିପାରେ।

## ୪.୪: କେସ୍ ଷ୍ଟଡିଜ୍‌ର ଅଧ୍ୟୟନ

ଜାତୀୟ ମାନବାଧିକାର ଆୟୋଗ ବନାମ ଗୁଜରାଟ ରାଜ୍ୟ ଏବଂ ଅନ୍ୟାନ୍ୟ, ମାମଲାରେ ସୁପ୍ରିମକୋର୍ଟ ମତ ପ୍ରକାଶ କରିଥିଲେ ଯେ ସାମ୍ପ୍ରଦାୟିକ ସଦ୍‌ଭାବ ଏକ ଉତ୍କୃଷ୍ଟ ଗଣତନ୍ତ୍ରର ନମୁନା। ଭାରତରେ କୌଣସି ଧର୍ମ ନାହିଁ ଯାହା ଘୃଣାର ପ୍ରଚାର କରିଥାଏ। ଯଦି ଧର୍ମ ନାମରେ ଲୋକମାନଙ୍କୁ ହତ୍ୟା କରାଯାଉଛି, ତା'ହେଲେ ଏହା ନ୍ୟାୟିକ ବ୍ୟବସ୍ଥାରେର କଳଙ୍କ ଏବଂ ଦାଗ। ଭାରତୀୟ ସମ୍ବିଧାନର ତାତ୍ପର୍ଯ୍ୟ ଧର୍ମନିରପେକ୍ଷତା ହୋଇଥାଏ ଯେଉଁଥିରେ କୁହାଯାଇଛି ଯେ ଧର୍ମୋନ୍ମତ୍ତତା କୌଣସି ଧର୍ମରେ ନଥାଏ। ଏହି ବିଷୟ ଉପରେ ଗଣମାଧ୍ୟମ ମୁଖ୍ୟ ଭୂମିକା ଗ୍ରହଣ କରି ସାମ୍ପ୍ରଦାୟିକ ସଦ୍‌ଭାବକୁ ବଜାୟ ରଖିଥାଏ ଏବଂ ଦୃଢ଼ କରିଥାଏ।

ବିଶାଖା ବନାମ ରାଜସ୍ଥାନ ରାଜ୍ୟ ସରକାର ମାମଲା ଯୌନ ହିଂସା ଏବଂ କର୍ମସ୍ଥଳୀରେ ମହିଳାମାନଙ୍କୁ ଉତ୍ପୀଡ଼ନ ସମ୍ପର୍କିତ ଥିଲା। ଏହି ମାମଲା ରାଜସ୍ଥାନର ନିପଟ ମଫସଲ ଅଞ୍ଚଳର ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ତଥା ସାମାଜିକ କର୍ମୀ ବନଓ୍ୱାରୀ ଦେବୀଙ୍କ ସହିତ ସମ୍ପର୍କିତ ଥିଲା। ସେ ରାଜ୍ୟ ଭିତରେ ସରକାରୀ ଅନୁଦାନପ୍ରାପ୍ତ ସାମାଜିକ ବିକାଶ କାର୍ଯ୍ୟକ୍ରମ ଯାହା ବାଲ୍ୟ ବିବାହକୁ ବନ୍ଦ କରିବା ନିମନ୍ତେ ପ୍ରାୟୋଜିତ ହୋଇଥିଲା, ସେଥିରେ କାର୍ଯ୍ୟ କରୁଥିଲେ। ବନଓ୍ୱାରୀ ଦେବୀ ରାମ କରନ୍ ଗୁଜ୍ଜର(ଠାକୁର୍)ଙ୍କ ଝିଅର ବିବାହ ବନ୍ଦ କରିବା ପାଇଁ ଚେଷ୍ଟା କରିଥିଲେ, ଯିଏକି ଏକ ବର୍ଷରୁ କମ୍ ବୟସର ଥିଲା। ବନଓ୍ୱାରୀ ରାମକରନ୍ ଗୁଜ୍ଜର ଏବଂ ତାଙ୍କ ଲୋକମାନଙ୍କ ଦ୍ୱାରା ତାଙ୍କ ସ୍ୱାମୀଙ୍କ ସାମ୍‌ନାରେ ଗଣବଳାତ୍କାରର ଶିକାର ହୋଇଥିଲେ। ଏହି ମାମଲାର ରାୟ ଭାରତୀୟ ସମ୍ବିଧାନର 'ଲିଙ୍ଗଗତ ସମାନତା'ର ମୌଳିକ ଅଧିକାରକୁ ଉଲ୍ଲଘଂନ ଏବଂ 'ଜୀବନ ଏବଂ ସ୍ୱତନ୍ତ୍ରତା'ର ଅଧିକାରର ଉଲ୍ଲଘଂନ ନିମନ୍ତେ ରହିଥିବା ଅନୁଚ୍ଛେଦର ଆଧାରରେ ପ୍ରଦାନ କରା ଯାଇଥିଲା।

ମଥୁରା ବଳାତ୍କାର ମାମଲା ପୁଲିସ୍ ହେପାଜତରେ ହୋଇଥିଲା। ମହାରାଷ୍ଟ୍ରର ଗଡଚିରୋଲି ଜିଲ୍ଲାରେ ଦୁଇ ଜଣ ପୁଲିସ୍ ଏହି ବଳାତ୍କାର କରିଥିଲେ। ନୁସି ଘରେ ମଥୁରା ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିଲା। ନୁସିର ପୁତୁରା ଅଶୋକ ମଥୁରାକୁ ବିବାହ କରିବାକୁ ଚାହୁଁଥିଲା, କିନ୍ତୁ ମଥୁରାର ଭାଇ ଏହି ବିବାହ ପାଇଁ ରାଜି ନଥିଲା ଏବଂ ସ୍ଥାନୀୟ ପୁଲିସ୍ ଷ୍ଟେସନ୍‌ରେ ଏକ ମାମଲା ଦାୟର କରିଥିଲା। ମାମଲାର ତଦନ୍ତ ଚାଲିଥିବା ବେଳେ ମଥୁରା ଦୁଇ ଜଣ ପୁଲିସ୍‌ଙ୍କ ଦ୍ୱାରା ଦୁଷ୍କର୍ମର ଶିକାର ହୋଇଥିଲା ଏବଂ କୋର୍ଟ ପୁଲିସ୍‌ମାନଙ୍କ ସପକ୍ଷରେ ରାୟ ଶୁଣାଇ ଥିଲେ। ଏହି ଖବରକୁ ବ୍ୟାପକ ଭାବେ ପ୍ରକାଶ କରିବା ପାଇଁ ଗଣମାଧ୍ୟମ ଏବଂ କିଛି ନାରୀବାଦୀ ସଙ୍ଗଠନ ଧନ୍ୟବାଦର ପାତ୍ର। ଏହି ମାମଲା ଉପରେ ପୁନର୍ବିଚାର କରାଗଲା ଏବଂ ପରିଶେଷରେ ଏହା ସରକାରଙ୍କୁ ଦୁଷ୍କର୍ମ ନିୟମ ପରିବର୍ତ୍ତନ କରିବା ପାଇଁ ବାଧ୍ୟ କରିଥିଲା।

ଶାହବାନୋ ବେଗମ୍ ବନାମ୍ ମହମ୍ମଦ ଅହମ୍ମଦ ଖାନ୍ ମାମଲାରେ ୬୨ ବର୍ଷର ଜଣେ ମହିଳା ଶାହବାନୋ ୧୯୭୮ରେ ତାଙ୍କର ସ୍ୱାମୀଙ୍କୁ ଛାଡ଼ପତ୍ର ଦେଇଥିଲେ। ସେ ଭରଣପୋଷଣ (ଆଲିମୋନି) ମାଗି ତାଙ୍କ ସ୍ୱାମୀ ମହମ୍ମଦ ଅହମ୍ମଦ ଖାନ୍‌ଙ୍କ ବିରୋଧରେ ମାମଲା ଦାୟର କରିଥିଲେ, ଯାହା ମୁସଲିମ୍ ନିୟମର ବିରୁଦ୍ଧାଚରଣ କରୁଥିଲା। କୋର୍ଟ ତାଙ୍କ ସ୍ୱାମୀଙ୍କ ସପକ୍ଷରେ ରାୟ ଶୁଣାଇ ଥିଲେ। ଏହି ଶୁଣାଣିରେ ଶାହବାନୋଙ୍କ ସ୍ୱାସ୍ଥ୍ୟ ଏବଂ ବୟସକୁ ବିଚାର କରି ସୁପ୍ରିମ୍‌କୋର୍ଟ ଏହି ରାୟକୁ ପରିବର୍ତ୍ତନ କରି ତାଙ୍କ ସ୍ୱାମୀ ମହମ୍ମଦ ଅହମ୍ମଦ ଖାନ୍ ତାଙ୍କୁ ଭରଣପୋଷଣ (ଆଲିମୋନି) ଦେବେ ବୋଲି ରାୟ ଶୁଣାଇ ଥିଲେ। ଏହି ରାୟର ପୁନର୍ବିଚାର ଗଣମାଧ୍ୟମର ସକ୍ରିୟତା ଯୋଗୁଁ ହୋଇଥିଲା। ଏହି ମାମଲା ଆଗକୁ ଅପରାଧିକ ପ୍ରକ୍ରିୟା ସଂହିତା (କ୍ରିମିନାଲ ପ୍ରୋସିଡ୍ୟୁର କୋଡ୍)ର ଧାରା ୧୨୫କୁ ପୁନଃ ସଂଶୋଧିତ କରିବା ପାଇଁ ପଥ ପରିଷ୍କାର କରିଦେଇଥିଲା। ମୁସଲିମ୍ ମହିଳା ନିୟମ (ଛାଡ଼ପତ୍ର ଅଧିକାରର ସୁରକ୍ଷା), ୧୯୮୬ର ଧାରା ୩(୧) (କ)ର ପ୍ରାବଧାନରେ ପରିବର୍ତ୍ତନ କରାଯାଇଥିଲା। ମୁସଲିମ୍ ମହିଳା ନିୟମ ଅନୁସାରେ, ଏକ ଉପଯୁକ୍ତ ଏବଂ ସଠିକ୍ ପ୍ରାବଧାନ ଏବଂ ଖର୍ଚ୍ଚ ଛାଡ଼ପତ୍ର ପାଇଥିବା ସ୍ତ୍ରୀଙ୍କୁ ଦିଆଯିବ, ତାଙ୍କର ପୂର୍ବତନ ସ୍ୱାମୀ ଦ୍ୱାରା ଇଦତ୍ (ଛାଡ଼ପତ୍ର ପାଇଁ ଆବେଦନଠାରୁ ଛାଡ଼ପତ୍ର ପାଇବା ପର୍ଯ୍ୟନ୍ତ ସମୟ) ମଧ୍ୟରେ। ନ୍ୟାୟାଳୟ ଏହି ପ୍ରାବଧାନକୁ ବଜାୟ ରଖିଲେ, କିନ୍ତୁ ଏକ ସୀମିତ ସମୟ ପାଇଁ ନୁହେଁ, ଏହାକୁ ନ୍ୟାୟାଳୟ ଛାଡ଼ପତ୍ରପ୍ରାପ୍ତ ମହିଳାଙ୍କ ନିମନ୍ତେ ସାରା ଜୀବନ ପାଇଁ, ସେ ଯେ ପର୍ଯ୍ୟନ୍ତ ପୁନର୍ବିବାହ କରି ନାହାନ୍ତି, ସେ ପର୍ଯ୍ୟନ୍ତ ସମୟ ସୀମାକୁ ବୃଦ୍ଧି କରିଦେଲେ।

## ୪.୫: ଭାରତୀୟ ପୃଷ୍ଠଭୂମିରେ ଗଣମାଧ୍ୟମ ଏବଂ ଧାର୍ମିକ ଯୋଗାଯୋଗ

### ୪.୫.୧: ଧର୍ମ କ'ଣ ?

ଧର୍ମ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରମୁଖ ଭୂମିକା ନିର୍ବାହ କରିଥାଏ। ଆମ ସମାଜ ଭଳି ଏକ ସମାଜରେ ଧର୍ମ ଏବଂ ବିଶ୍ୱାସ ଏକା ସାଙ୍ଗରେ ରହିଥାଏ, ସେସବୁ ବହୁତ ବ୍ୟକ୍ତିଗତ ବୋଲି ବିଚାର କରାଯାଏ। ଧର୍ମକୁ ଏକ ସାଙ୍ଗଠନିକ ବ୍ୟବସ୍ଥା ବୋଲି ବିଚାର କରାଯାଏ। ଧର୍ମକୁ ଏକ ସାଙ୍ଗଠନିକ ବ୍ୟବସ୍ଥା ଭାବେ ବ୍ୟାଖ୍ୟା କରା ଯାଇଥାଏ, ଯାହା ବିଭିନ୍ନ ଦୃଶ୍ୟପଟ୍ଟରେ ପବିତ୍ର ବିଶ୍ୱାସ ଏବଂ ଯୋଗାଯୋଗର ମିଶ୍ରଣର ପ୍ରକ୍ରିୟାକୁ ନେଇ ସାମାଜିକ ପରିବେଶରେ ପାରସ୍ପରିକ ଆଲୋଚନା କରିବାକୁ ବୁଝାଇଥାଏ। ସାମାଜିକ ବ୍ୟବସ୍ଥାର ସିଦ୍ଧାନ୍ତ ଦୃଷ୍ଟିକୋଣରୁ, ଧର୍ମକୁ ପବିତ୍ର ବିଶ୍ୱାସର ବ୍ୟକ୍ତିଗତ ଅଭିବ୍ୟକ୍ତି ଏବଂ ଏହାର ଅର୍ଥର ସାଙ୍ଗଠନିକ ବ୍ୟବସ୍ଥାର ମିଶ୍ରଣ ବୋଲି କୁହାଯାଇପାରେ। ପ୍ରତ୍ୟେକ ସମାଜ ସେମାନଙ୍କର ଧର୍ମ ସମ୍ବନ୍ଧିତ ପ୍ରଥା ଏବଂ ବିଶ୍ୱାସ ଉପରେ ତିଷ୍ଠି ରହିଥାଏ ଯାହାକୁ ପବିତ୍ର ବିଶ୍ୱାସ କୁହାଯାଏ। ପ୍ରତ୍ୟେକ ଧର୍ମରେ ଏହିଭଳି ବିଶ୍ୱାସ ପ୍ରାଥମିକ ହୋଇଥାଏ। ଧାର୍ମିକ ବିଶ୍ୱାସ ଏବଂ ପ୍ରଥା ପବିତ୍ରତାକୁ ଅନ୍ତର୍ଭୁକ୍ତ କରିଥାନ୍ତି, ଯାହା ଆମକୁ ଅନୁପ୍ରେରିତ କରିଥାଏ, ମନରେ ଶ୍ରଦ୍ଧା ସୃଷ୍ଟି କରିଥାଏ ଏବଂ ଏମିତିକି ଆମ ଭିତରେ ଭୟ ସୃଷ୍ଟି କରିଥାଏ।

ଇମାଇଲ୍ ଦୁର୍ଖାଇମ୍ ସାମାଜିକ ଜୀବନରେ ଧର୍ମ ନିର୍ବାହ କରୁଥିବା ପ୍ରମୁଖ ଭୂମିକାକୁ ବ୍ୟାଖ୍ୟା କରିଛନ୍ତି। ଦୁର୍ଖାଇମ୍‌ଙ୍କ ଅନୁସାରେ, ଧର୍ମ ଏକ ସାମାଜିକ ଅନୁଷ୍ଠାନ ଯାହା ସାମାଜିକ ଜୀବନର ପ୍ରାଥମିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ସାହାଯ୍ୟ କରିଥାଏ।

### ୪.୫.୨: ଯୋଗାଯୋଗ ଭାବରେ ଧର୍ମ

ଦୃଶ୍ୟ ଏବଂ ଅଦୃଶ୍ୟ ଭିତରେ ଏକ ସେତୁ ପାଲଟି ଧର୍ମ ଏହାର କ୍ଷମତାକୁ ବ୍ୟବହାର କରିଥାଏ। ଏହା ବିଶ୍ୱାସ, ଆନୁଷ୍ଠାନିକ ପ୍ରଥା, ଅନ୍ଧବିଶ୍ୱାସ ଯାହା ପ୍ରତ୍ୟେକ ଧର୍ମର ବିଶେଷତା ହୋଇଥାଏ, ତାହାକୁ ସାମିଲ୍ କରିଥାଏ। ଏହି ଏକବିଂଶ ଶତାବ୍ଦୀରେ ଧର୍ମ ଏକ ଜାତୀୟ, ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ଶକ୍ତି ଭାବରେ ତା'ର ଗତିଶୀଳତା ଲାଭ କରିଛି, ସୁସ୍ପଷ୍ଟ ହୋଇଛି ଏବଂ ପରିଚିତି ପାଇଛି। ଧର୍ମ ମାନବିକତାକୁ ଆକାର ଦେଇଛି ଏବଂ ଏଥିରେ ସମ୍ମାନ ସାମିଲ୍ ହୋଇଥାଏ। ଧର୍ମର ମୁଖ୍ୟ ବିଶେଷତା ହେଉଛି–

୧. ଧର୍ମ ଏକ ସାର୍ବଜନୀନ ଅନ୍ଧବିଶ୍ୱାସ।

୨. ଧର୍ମ ମଣିଷର ଆଗ୍ରହ ଉପରେ ଆଧାରିତ ହୋଇଥାଏ।

୩. ଧାର୍ମିକ ଅନ୍ଧବିଶ୍ୱାସ ବିଭିନ୍ନ ପ୍ରକାରର ସାମାଜିକ ଏବଂ ଅର୍ଥନୈତିକ ପ୍ରଥାକୁ ପ୍ରଭାବିତ ଏବଂ ଅନୁକୂଳିତ କରିଥାଏ, ଯଥା ସମ୍ପତ୍ତି ନିମନ୍ତେ ପ୍ରୟାସ, ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକଳାପ, ବୈଜ୍ଞାନିକ ଉଦ୍ଭାବନ ଏବଂ କଳାତ୍ମକ ଏବଂ ଶିଳ୍ପ ବିଦ୍ୟା ସମ୍ବନ୍ଧୀୟ ବିକାଶ।

୪. ଧର୍ମରେ ଆଲୌକିକତା ସାମିଲ୍ ହୋଇଥାଏ।

୫. ଧର୍ମକୁ ଏକ ଉଚ୍ଚତର ଶକ୍ତି ଭାବରେ ବିବେଚନା କରାଯାଇଥାଏ।

### ୪.୫.୩: ଧାର୍ମିକ ଯୋଗାଯୋଗର କାର୍ଯ୍ୟ

୧. ଧାର୍ମିକ ଯୋଗାଯୋଗ ଶାନ୍ତିର ବାର୍ତ୍ତା ପ୍ରଚାର କରିଥାଏ ଏବଂ ଏକ ରାଷ୍ଟ୍ରର ଶାନ୍ତି ନିର୍ମାଣରେ ସହାୟତା ପ୍ରଦାନ କରିଥାଏ।

୨. ଧାର୍ମିକ ସାମାଜିକ ନିୟନ୍ତ୍ରଣର ବାହକ ଯାହା ଯନ୍ତ୍ରଣାକୁ ବର୍ଣ୍ଣନା କରିଥାଏ ଏବଂ ବ୍ୟକ୍ତିଗତ କଲ୍ୟାଣକୁ ପ୍ରୋତ୍ସାହିତ କରିଥାଏ।

୩. ଧାର୍ମିକ ଯୋଗାଯୋଗ ଆତ୍ମ-ମହତ୍ତ୍ୱକୁ ବୃଦ୍ଧି କରିଥାଏ ଏବଂ ଜୀବନର ମୂଲ୍ୟବୋଧକୁ ସଂରକ୍ଷିତ କରି ରଖେ।

୪. ଧାର୍ମିକ ଯୋଗାଯୋଗ ସାମାଜିକ ସ୍ଥିରତା, ଭ୍ରାତୃଭାବ, ପରିଚିତି ଏବଂ ଜୀବନର ଏକତାକୁ ପ୍ରୋତ୍ସାହିତ କରିଥାଏ।

୫. ଧାର୍ମିକ ଯୋଗାଯୋଗ ଜୀବନକୁ ଅର୍ଥ ଏବଂ ଉଦ୍ଦେଶ୍ୟ ପ୍ରଦାନ କରିଥାଏ।

୬. ଧାର୍ମିକ ଯୋଗାଯୋଗ ସାମାଜିକ ସ୍ଥିରତାକୁ ଦୃଢ଼ କରିବାରେ ସାହାଯ୍ୟ କରେ ଏବଂ ଏକତାକୁ ପ୍ରୋତ୍ସାହିତ କରିଥାଏ।

୭. ଧାର୍ମିକ ଯୋଗାଯୋଗ ସାମାଜିକ ପରିବର୍ତ୍ତନ ପାଇଁ ଏକ ବାହକ ଭାବେ କାର୍ଯ୍ୟ କରିଥାଏ।

୮. ଧାର୍ମିକ ଯୋଗଯୋଗ ସ୍ଥିର ମନସ୍ତାତ୍ତ୍ୱିକ ଏବଂ ଶାରୀରିକ ଲାଭ ପାଇଁ ଆରାମର ଏକ ଉତ୍ସ ଭାବେ ସହାୟତା ପ୍ରଦାନ କରିଥାଏ।

୯. ଧାର୍ମିକ ଯୋଗାଯୋଗ ସମାଜରେ ସକାରାତ୍ମକ ସାମାଜିକ ପରିବର୍ତ୍ତନ ସୃଷ୍ଟି କରିବାରେ ସାହାଯ୍ୟ କରେ।

**୪.୫.୪: ଧାର୍ମିକ ଯୋଗାଯୋଗରେ ଗଣମାଧ୍ୟମର ଭୂମିକା**

ଗଣମାଧ୍ୟମ ଉଭୟ ପାରମ୍ପରିକ ଏବଂ ନୂତନ ମାଧ୍ୟମକୁ ସାମିଲ୍ କରିଥାଏ, ପାରମ୍ପରିକ ମାଧ୍ୟମରେ ଖବରକାଗଜ, ମାଗାଜିନ୍ (ପତ୍ରପତ୍ରିକା), ରେଡିଓ ଏବଂ ଟିଭି ସାମିଲ୍ ହୋଇଥାଏ। ଧର୍ମ, ଧାର୍ମିକ ଧାରା ଏବଂ ଧାର୍ମିକ ବିଚାରର ପ୍ରୋତ୍ସାହନରେ ଗଣମାଧ୍ୟମ ଏକ ସୂଚନାର ଉତ୍ସ ଭାବେ କାମ କରିଥାଏ। ନାଗରିକ ଜୀବନ ଏବଂ ଡାକ୍ତରୀ କାର୍ଯ୍ୟକ୍ରମ ଯାହା ଟେଲିଭିଜନ୍ ଚ୍ୟାନେଲ୍‌ରେ ସାଧାରଣତଃ ସକାଳର ସମୟକୁ ଦଖଲ କରିଥିଲା, ଏବେ ଅନେକ ଚ୍ୟାନେଲ୍ ଧର୍ମ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ସକାଳର ଶାନ୍ତିପୂର୍ଣ୍ଣ ସମୟରେ ପ୍ରସାରିତ କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି।

ଅଧିକାଂଶ ଟିଭି ଚ୍ୟାନେଲ୍ ସାରା ଦିନ ଧାର୍ମିକ କାର୍ଯ୍ୟକ୍ରମର ପ୍ରବାହ କରିବାରେ ଲାଗିଥାନ୍ତି। ସେମାନଙ୍କ ମଧ୍ୟରୁ କିଛି ପ୍ରମୁଖ ଚ୍ୟାନେଲ୍ ହେଉଛନ୍ତି ଆସ୍ଥା, ସଂସ୍କାର ଟିଭି, ଜାଗରଣ ଟିଭି, ଗୁଡ୍ ନ୍ୟୁଜ୍ ଟିଭି, ଗଡ୍ ଟିଭି। ଗଣମାଧ୍ୟମ କାରଣରୁ ଧର୍ମ ଏବେ ଦର୍ଶକର ଜୀବନରେ ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଛି। କିଛି ଲୋକପ୍ରିୟ ଆଧ୍ୟାତ୍ମିକ ଟେଲିଭିଜନ୍ ଚ୍ୟାନେଲ୍ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି।

ଆସ୍ଥା ଟିଭି- ଏହା ହିନ୍ଦୀ ଭାଷାର ଏକ ସାଂସ୍କୃତିକ ନେଟ୍‌ୱର୍କ୍। ଦେଶରେ ଆସ୍ଥା ଟିଭି ହେଉଛି ଅଗ୍ରଣୀ ଆଧ୍ୟାତ୍ମିକ ଚ୍ୟାନେଲ୍। ୨୦୦୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ଟିଭି ଆସ୍ଥା ବ୍ରଡ୍‌କାଷ୍ଟିଂ ନେଟ୍‌ୱର୍କ୍ ଲିମିଟେଡ୍‌ର ମାଲିକାନାରେ ରହିଛି ଏବଂ ତାହା ଦ୍ୱାରା ପରିଚାଳିତ ହୋଇଥାଏ।

ସଂସ୍କାର ଟିଭି- ଏହା ହିନ୍ଦୁତ୍ୱ ଉପରେ ଆଧାରିତ ଏକ ଧାର୍ମିକ ସାଟେଲାଇଟ୍ ଚ୍ୟାନେଲ୍, ଯାହା ଧାର୍ମିକ କାର୍ଯ୍ୟକ୍ରମ ପାଇଁ ଉତ୍ସର୍ଗୀକୃତ।

ସାଧନା ଟିଭି- ସାଧନା ଟେଲିଭିଜନ୍ ଚ୍ୟାନେଲ୍ ଏକ ଧାର୍ମିକ, ଆଧ୍ୟାତ୍ମିକ ଏବଂ ଭକ୍ତିପୂର୍ଣ୍ଣ ହିନ୍ଦୀ ନ୍ୟୁଜ୍ ଚ୍ୟାନେଲ୍। ଏହା ୨୦୦୩ରେ ସ୍ଥାପିତ ହୋଇଥିଲା ଏବଂ ଏହା ସାଧନା ଗ୍ରୁପ୍‌ର ମାଲିକାନାରେ ରହିଛି।

ଜୀ ଜାଗରଣ- ଜୀ ଜାଗରଣ ଏକ ଆଧ୍ୟାତ୍ମିକ ଏବଂ ଧାର୍ମିକ ଟେଲିଭିଜନ୍ ଚ୍ୟାନେଲ୍ ଯାହା ଜୀ ଟିଭି ଗ୍ରୁପ୍ ଦ୍ୱାରା ପରିଚାଳିତ ହେଉଛି ଏବଂ ତା'ରି ମାଲିକାନାରେ ରହିଛି।

ଭାରତୀୟ ଧାର୍ମିକ ଟିଭି ଚ୍ୟାନେଲ୍ ଦର୍ଶକମାନଙ୍କୁ ଆଧ୍ୟାତ୍ମିକ, ପୌରାଣିକ ଧାରାବାହିକ ସହିତ ସିନେମା ଓ ହିନ୍ଦୀ ଭାଷାର ଅନ୍ୟାନ୍ୟ କାର୍ଯ୍ୟକ୍ରମ ପ୍ରସାରଣ ସହିତ ସମ୍ପୂର୍ଣ୍ଣ ମନୋରଞ୍ଜନ ପ୍ରଦାନ କରୁଛି।

ଏସବୁ ବ୍ୟତୀତ, ଅନେକ ଭାରତୀୟ ଧାର୍ମିକ ଟିଭି ଚ୍ୟାନେଲ୍ ରହିଛି। ସେଗୁଡ଼ିକ ହେଉଛି ପାରସ୍ ଟିଭି, ଦିଶା, ଦିବ୍ୟା, ଆଧ୍ୟାତ୍ମ, କାତ୍ୟାୟିନୀ, ଆସ୍ଥା ଭଜନ, ଏମ୍‌ଏଚ୍ ୱାନ୍ ଶ୍ରଦ୍ଧା, ଓମ୍ ଟେଲିଭିଜନ୍, ଦର୍ଶନ ୨୪, ଧର୍ମ ନେଟ୍‌ୱର୍କ୍, ପିସ୍ ଟିଭି, ଭିଟିଏନ୍ ତେଲୁଗୁ ଏବଂ ଅନ୍ୟାନ୍ୟ।

ଅନେକ ଧାର୍ମିକ ଚ୍ୟାନେଲ୍ ରହିଛି ଯେଉଁଗୁଡ଼ିକ ପ୍ରାଥମିକ ଭାବେ ଇଣ୍ଟରନେଟ୍‌ରେ ଚାଲିଥାନ୍ତି।

### ୪.୫.୫: ଧର୍ମ ଉପରେ ଗଣମାଧ୍ୟମର ପ୍ରଭାବ

ଧର୍ମ ଉପରେ ଗଣମାଧ୍ୟମର ପ୍ରଭାବ ଉଭୟ ସକାରାତ୍ମକ ଏବଂ ନକାରାତ୍ମକ। ଗଣମାଧ୍ୟମର ମୁଖ୍ୟ ସକାରାତ୍ମକ ପ୍ରଭାବ ହେଉଛି ଦୃଶ୍ୟ ମାଧ୍ୟମରେ ପୌରାଣିକ କଥାବସ୍ତୁ ଉପସ୍ଥାପିତ କରିବା। କଥା କହିବାଠାରୁ ଦୃଶ୍ୟ ଦର୍ଶକମାନଙ୍କୁ ଅଧିକ ପ୍ରଭାବିତ କରିଥାଏ। ଏହା ବ୍ୟକ୍ତିମାନଙ୍କ ମଧ୍ୟରେ ଧାର୍ମିକ ଉତ୍ସାହ ବୃଦ୍ଧି କରାଇ ଥାଏ। ନକାରାତ୍ମକ ପ୍ରଭାବ ମନ୍ଦିର ଏବଂ ପବିତ୍ର ସ୍ଥାନଗୁଡ଼ିକରେ ଧାର୍ମିକ କାର୍ଯ୍ୟକ୍ରମଗୁଡ଼ିକୁ କମ୍ ମହତ୍ତ୍ୱ ଦିଆଯିବାରେ ନିହିତ। କେତେକ ଅନୁଭବ କରନ୍ତି ଯେ ଟେଲିଭିଜନ୍‌ରେ ଧର୍ମର ଆଧୁନିକୀକରଣ ଧାର୍ମିକତାକୁ ହ୍ରାସ କରିଥାଏ।

## ୪.୬: ଧର୍ମନିରପେକ୍ଷତାର ଉପଚାର ଏବଂ ପ୍ରଚାର

### ୪.୬.୧: ଧର୍ମନିରପେକ୍ଷତା କ'ଣ ?

ଏକ ସମାନ ରାଷ୍ଟ୍ର ଭିତରେ ବିଭିନ୍ନ ପ୍ରକାର ସଂସ୍କୃତି ଏବଂ ସମ୍ପ୍ରଦାୟର ଅବସ୍ଥିତି, ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ସମାନତାକୁ ନିଶ୍ଚିତ କରିବା ପାଇଁ ଧର୍ମନିରପେକ୍ଷତା ପ୍ରସଙ୍ଗ ଆବଶ୍ୟକ ହୋଇଥାଏ। ଭାରତୀୟ ଧର୍ମନିରପେକ୍ଷତା ସମସ୍ତ ଧର୍ମକୁ ସମାନ ଶ୍ରଦ୍ଧା ପ୍ରଦାନ କରିଥାଏ। ସମାଜରେ ଧର୍ମର ଗୁରୁତ୍ୱକୁ ଦୁର୍ବଳ କରିବା ପ୍ରକ୍ରିୟାକୁ ଧର୍ମନିରପେକ୍ଷତା ବୋଲି ବୁଝାଯାଇଥାଏ। ଧର୍ମନିରପେକ୍ଷତା କାରଣରୁ ଧର୍ମ ଲୋକମାନଙ୍କ ଜୀବନରେ କମ୍ ଗୁରୁତ୍ୱ ବହନ କରିଥାଏ, ସେମାନେ ଧାର୍ମିକ ବିଶ୍ୱାସ ଦ୍ୱାରା ପରିଚାଳିତ କିମ୍ବା ତାହାର ବନ୍ଧନରେ ବାନ୍ଧି ହୋଇ ନଥାନ୍ତି।

ଭାରତୀୟ ସମ୍ବିଧାନ ଏହା ଘୋଷଣା କରିଛି ଯେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କର ଦେଶର ଯେ କୌଣସି ସ୍ଥାନରେ ମୁକ୍ତ ଭାବେ ଏବଂ ମର୍ଯ୍ୟାଦାର ସହିତ ବଞ୍ଚିବାର ଅଧିକାର ରହିଛି। କିନ୍ତୁ ବାସ୍ତବରେ, ଧର୍ମ ନାମରେ ଅନେକ ଅପବାଦ, ଅସମାନତା, ଦଙ୍ଗା ଏବେ ବି ବଜାୟ ରହିଛି। ଏକ ରାଷ୍ଟ୍ର ସେତେବେଳେ ଧର୍ମନିରପେକ୍ଷ ହୋଇଥାଏ, ଯେତେବେଳେ ଏହା ଧାର୍ମିକ ଅସମାନତା ଉପରେ ପ୍ରତିବନ୍ଧ ଲଗାଇବା ଆରମ୍ଭ କରିଥାଏ। ଧର୍ମନିରପେକ୍ଷତାରୁ ଆରମ୍ଭ କରିବାକୁ ହେଲେ ରାଷ୍ଟ୍ର ଧାର୍ମିକ ନେତୃବୃନ୍ଦଙ୍କ ହାତରେ ରହିବା ଉଚିତ୍ ନୁହେଁ। ଅନେକେ ଭାବିଥାନ୍ତି ଯେ ଧର୍ମନିରପେକ୍ଷତାର ଫଳ ସ୍ୱରୂପ ରାଜ୍ୟ ଏବଂ ଧର୍ମ ଭିତରେ ପୃଥକୀକରଣ ହୋଇଥାଏ, କିନ୍ତୁ ତାହା ସମ୍ପୂର୍ଣ୍ଣ ଭାବେ ଭୁଲ୍। ଜବାହାରଲାଲ୍ ନେହରୁଙ୍କୁ ଜଣେ ଛାତ୍ର ଥରେ ଏକ ପ୍ରଶ୍ନ ପଚାରି ଥିଲା ଯେ ସ୍ୱାଧୀନ ଭାରତରେ ଧର୍ମନିରପେକ୍ଷତାର ଅର୍ଥ କ'ଣ? ସେ ଉତ୍ତର ଦେଇଥିଲେ, ଧର୍ମନିରପେକ୍ଷତା ହେଉଛି ସମାନ ସୁରକ୍ଷା ଯାହା ରାଷ୍ଟ୍ର ସମସ୍ତ ଧର୍ମକୁ ଦେଇଥାଏ।

ଗୋଟିଏ ରାଷ୍ଟ୍ର ଯେତେବେଳେ କୌଣସି ଧର୍ମକୁ ସମର୍ଥନ କରେନାହିଁ କିମ୍ବା ଏକ ବିଶେଷ ଧର୍ମକୁ ଆଦର୍ଶ ରୂପେ ବ୍ୟବହାର କରେନାହିଁ, ତାହାକୁ ଧର୍ମନିରପେକ୍ଷ ରାଷ୍ଟ୍ର କୁହାଯାଏ। ନେହରୁଙ୍କୁ ଭାରତୀୟ ଧର୍ମନିରପେକ୍ଷତାର ଜନକ ବୋଲି ବିଚାର କରାଯାଏ।

### ୪.୬.୨: ଧର୍ମନିରପେକ୍ଷତାର ଭାରତୀୟ ନମୁନା

ଭାରତୀୟ ଧର୍ମନିରପେକ୍ଷତା ପାଶ୍ଚାତ୍ୟ ରାଷ୍ଟ୍ରଠାରୁ ଭିନ୍ନ ଏବଂ ବିଶେଷ ହୋଇଥାଏ। ଭାରତୀୟ ଧର୍ମନିରପେକ୍ଷତା ଗୀର୍ଜା ଏବଂ ରାଷ୍ଟ୍ରର ସମ୍ପର୍କ କିମ୍ବା ମନ୍ଦିର ଏବଂ ରାଷ୍ଟ୍ରର ସମ୍ପର୍କ ପାଇଁ ପ୍ରୟାସ କରିନଥାଏ। ବରଂ ଦେଶ ଭିତରେ ଧାର୍ମିକ ସମାନତା ପାଇଁ ପ୍ରୟାସ କରିଥାଏ। ଭାରତ ଏକ ରାଷ୍ଟ୍ର ଯାହାର ଗଭୀର ଧାର୍ମିକ ବିବିଧତା ପାଇଁ ଏହା ଅନ୍ୟ ସମାଜଠାରୁ ସ୍ୱତନ୍ତ୍ର ବୋଲି ତୁଳନା କରାଯାଇଥାଏ। ଭାରତୀୟ ଧର୍ମନିରପେକ୍ଷତା ତେଣୁ ନିମ୍ନୋକ୍ତ ବିଷୟଗୁଡ଼ିକୁ ପ୍ରଦାନ କରିଥାଏ।

୧. ସମସ୍ତ ଧର୍ମର ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ଅନ୍ତଃଧାର୍ମିକ ସହନଶୀଳତା
୨. ସମସ୍ତ ପ୍ରତିଷ୍ଠିତ ଧର୍ମ ଏବଂ ସେମାନଙ୍କର ପ୍ରଥା ପ୍ରତି ସମାନ ଭାବନା ଏବଂ ସମ୍ମାନ ପ୍ରଦର୍ଶନ କରିବା
୩. ଶାନ୍ତିର ମୂଲ୍ୟବୋଧ, ସ୍ୱାଧୀନତା ଏବଂ ସମାନତାର ପ୍ରୋତ୍ସାହନ

### ୪.୬.୩: ଧର୍ମନିରପେକ୍ଷତାର ନିୟମ

୧. ରାଷ୍ଟ୍ରୀୟ ସଂସ୍ଥାଠାରୁ ଏକ ସର୍ବସାଧାରଣ ପରିସରରେ ପୃଥକ୍ ସ୍ୱଭାବର ଧାର୍ମିକ ସଂସ୍ଥା ଯେଉଁଠାରେ ସବୁ ଧର୍ମ କେହି କାହା ଉପରେ ପ୍ରାଧାନ୍ୟ ବିସ୍ତାର ନକରି ଅଂଶଗ୍ରହଣ କରିପାରିବେ।

୨. କାହାକୁ କୌଣସି କ୍ଷତି ନପହଞ୍ଚାଇ ଜଣଙ୍କ ବିଶ୍ୱାସର ଅଭ୍ୟାସ କରିବାର ସ୍ୱତନ୍ତ୍ରତା

୩. ଧାର୍ମିକ ବିଶ୍ୱାସ ଭିତରେ ସମାନତାର ଅଭ୍ୟାସ କରିବା, ଯାହା ଫଳରେ ପଡ଼ୋଶୀକୁ ଏହା ଅପମାନିତ କରିନଥାଏ।

୪. ସମସ୍ତ ନାଗରିକମାନଙ୍କ ମଧ୍ୟରେ ସମାନତା

୫. ଧର୍ମନିରପେକ୍ଷତା ମୁକ୍ତ ଭାବେ କହିବାର ଏବଂ ଅଭିବ୍ୟକ୍ତ କରିବାର ଅଭ୍ୟାସ କରାଇଥାଏ।

୬. ଏଭଳି ଏକ ରାଷ୍ଟ୍ରକୁ ବଜାୟ ରଖେ ଯେଉଁଠାରେ ଲୋକମାନେ ନିଷ୍ପକ୍ଷ ଭାବେ ଏବଂ ଶାନ୍ତିର ସହିତ ଏକାଠି ରହିଥାନ୍ତି।

### ୪.୬.୪: ଭାରତରେ ଧର୍ମନିରପେକ୍ଷତା

ସ୍ୱାଧୀନୋତ୍ତର ଭାରତରେ ଗଠିତ ଭାରତୀୟ ସମ୍ବିଧାନରେ 'ଧର୍ମନିରପେକ୍ଷତା' ଶବ୍ଦ ଅନ୍ତର୍ଭୁକ୍ତ ହୋଇ ନଥିଲା। ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ସ୍ୱାଧୀନୋତ୍ତର ସମ୍ବିଧାନ ଗଠନ ପରେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ହୋଇଥିଲା।

ଭାରତ ବିବିଧ ଧର୍ମ, ଜାତି ଏବଂ ସଂସ୍କୃତିର ପରିଣତି ଯାହା ମୁଖ୍ୟ ରୂପରେ ଦ୍ରାବିଡ଼ମାନଙ୍କଠାରୁ ସୃଷ୍ଟି ହୋଇଥିଲା, ଯାହାକୁ ଆର୍ଯ୍ୟ ଏବଂ ତାଙ୍କ ପରେ ପରେ ତୁର୍କୀ, ମୋଗଲ, ୟୁରୋପୀୟ ଏବଂ ପର୍ତ୍ତୁଗୀଜ୍‌ମାନେ ଅନୁସରଣ କରିଥିଲେ।

ଭାରତର ଲୋକମାନେ ବିଚାର, ମୂଲ୍ୟବୋଧ, ପରମ୍ପରା ଏବଂ ସଂସ୍କୃତିକୁ ନେଇ ସମାନ ପରିଚିତି ସହିତ ଏକାଠି ଏକ ଭିନ୍ନ ଗୋଷ୍ଠୀ ଗଠନ କରିଛନ୍ତି। ପ୍ରାଚୀନ କାଳରୁ ବିଭିନ୍ନ ପ୍ରକାରର ସରକାର ଯଥା - ଗଣତନ୍ତ୍ର, କୁଳୀନତନ୍ତ୍ର, ଦ୍ୱୈତ ଶାସନ ଏବଂ ରାଜତନ୍ତ୍ର ଭାରତରେ ପ୍ରଚଳିତ ଥିଲା।

ଧର୍ମନିରପେକ୍ଷତାର ପରିକଳ୍ପନା 'ସର୍ବ ଧର୍ମ ସମ୍ଭବ' ସିଦ୍ଧାନ୍ତର ଗଭୀରତା ଉପରେ ଆଧାରିତ, ଯାହାର ଅର୍ଥ ସମସ୍ତ ଧର୍ମ ପ୍ରତି ସହନଶୀଳତା। ଆମ ଦେଶରେ ଏହା ଦଶନ୍ଧି ଦଶନ୍ଧି ଧରି ତିଷ୍ଠି ରହିଥିଲା। ଏହି ସମାନ କଥା ଯର୍ଜୁବେଦ, ଅଥର୍ବ ବେଦ ଏବଂ ଋଗ୍‌ବେଦ ଏବଂ ଆକବରଙ୍କ ଦିନ୍-ଇ-ଇଲାହୀରୁ ଆସିଅଛି। ଭାରତରେ ଧର୍ମନିରପେକ୍ଷବାଦୀ ଧାରଣା ଭାରତୀୟ ସମ୍ବିଧାନ ସହିତ ଯୋଡ଼ି ହୋଇରହିଛି, ଯଥା- ସମାନତା, ଭ୍ରାତୃତ୍ୱ ଏବଂ ନ୍ୟାୟ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦରେ ଧର୍ମନିରପେକ୍ଷତାର ଧାରଣା ଉପରେ ସ୍ପଷ୍ଟ ରୂପରେ ବର୍ଣ୍ଣନା କରାଯାଇଛି ଅର୍ଥାତ୍ ସମାନତାର ଅଧିକାର ଏହା କହେ ଯେ ରାଷ୍ଟ୍ର କୌଣସି ନାଗରିକକୁ ଜାତି, ଲିଙ୍ଗ, ଧର୍ମ, ଜାତି କିମ୍ବା ରଙ୍ଗ ଏବଂ ଧାର୍ମିକ ସ୍ୱାଧୀନତାର ଅଧିକାର ଅନୁସାରେ ଭେଦଭାବ ରଖି ପାରିବ ନାହିଁ।

- ସକାରାତ୍ମକ ଧାର୍ମିକ ସ୍ୱାଧୀନତା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୫, ୨୬ ଏବଂ ୩୦ରେ 'ଅନ୍ତରାତ୍ମା ଏବଂ ମୁକ୍ତ ବୃତ୍ତିର ସ୍ୱତନ୍ତ୍ରତା', 'ଧର୍ମର ଅଭ୍ୟାସ ଏବଂ ପ୍ରଚାର', 'ଧାର୍ମିକ ଘଟଣାବଳୀକୁ ସଞ୍ଚାଳିତ କରିବା' ଏବଂ 'ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ଶାସନ କରିବା କ୍ଷେତ୍ରରେ ସଂଖ୍ୟାଲଘୁମାନଙ୍କର ଅଧିକାର' ସମ୍ପର୍କରେ ଉଲ୍ଲେଖ ରହିଛି।
- ନକାରାତ୍ମକ ଧାର୍ମିକ ସ୍ୱାଧୀନତା- ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୫(୧) ଏବଂ ୧୫(୪) ଧର୍ମ ଆଧାରରେ ଭେଦଭାବକୁ ନିଷେଧ କରିଥାଏ ଏବଂ ଅନୁଚ୍ଛେଦ ୧୬ ସାଧାରଣ ନିଯୁକ୍ତି କ୍ଷେତ୍ରରେ ସମସ୍ତ ଧର୍ମର ଲୋକମାନଙ୍କୁ ସମାନ ସୁଯୋଗ ମିଳିବ ବୋଲି ଆଶ୍ୱାସନା ଦେଇଥାଏ, ଅନୁଚ୍ଛେଦ ୧୭ ଅଛୁଆଁ ପ୍ରଥାର ଉଚ୍ଛେଦ କରିଥାଏ, ଅନୁଚ୍ଛେଦ ୨୯ (୨) 'ସଂଖ୍ୟାଲଘୁମାନଙ୍କର ସ୍ୱାର୍ଥର ସୁରକ୍ଷାକୁ ପୂରଣ କରିଥାଏ ଏବଂ ଅନୁଚ୍ଛେଦ ୩୨୫, ୩୩୦ (୧) ଏବଂ ୩୩୨(୧) କୌଣସି ସାମ୍ପ୍ରଦାୟିକ ମତଦାତା ରହିବେ ନାହିଁ ବୋଲି ଉଲ୍ଲେଖ କରିଛି।
- ନିରପେକ୍ଷ ଧାର୍ମିକ ସ୍ୱାଧୀନତା- ଭାରତୀୟ ସମ୍ବିଧାନର ବିଭିନ୍ନ ଅନୁଚ୍ଛେଦ, ଯଥା- ଅନୁଚ୍ଛେଦ ୨୭, ୨୯୦(କ) ଏବଂ ୨୮(୧) (୨) (୩) ଗୁରୁତ୍ୱ ଦେଇଛନ୍ତି ଯେ 'ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲୁଥିବା କିମ୍ବା ସହାୟତାପ୍ରାପ୍ତ ଶିକ୍ଷାନୁଷ୍ଠାନ କିମ୍ବା ସାମାଜିକ ଅନୁଷ୍ଠାନ ମାଧ୍ୟମରେ କୌଣସି ଧାର୍ମିକ ନିର୍ଦ୍ଦେଶ ପ୍ରଦାନ କରାଯିବ ନାହିଁ।' ଅନୁଚ୍ଛେଦ ୪୪ ରାଜ୍ୟକୁ ସମାଜର ଧର୍ମନିରପେକ୍ଷ ମୂଳଦୁଆକୁ ଦୃଢ଼ କରିବା ପାଇଁ ଏକ ସାଧାରଣ ନାଗରିକ ସଂହିତା ନିମନ୍ତେ ନିର୍ଦ୍ଦେଶ ଦେଇଥାଏ।

ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୪୭ ଅନୁସାରେ ଭାରତରେ ଗୋହତ୍ୟା ଉପରେ ନିଷେଧାଦେଶ ଜାରି କରାଯାଇଛି।

### ୪.୬.୫: ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ଭୂମିକା

ଧର୍ମନିରପେକ୍ଷତାକୁ ପ୍ରୋତ୍ସାହିତ କରିବାରେ ଗଣମାଧ୍ୟମର ଭୂମିକା

୧. ଏକ ରାଷ୍ଟ୍ରରେ ଧର୍ମନିରପେକ୍ଷତାକୁ ରାଷ୍ଟ୍ରୀୟ ଧର୍ମର ଅନୁପସ୍ଥିତିରେ ବ୍ୟାଖ୍ୟା କରାଯାଇଥାଏ।

୨. ଗଣମାଧ୍ୟମ ଏହାର କାର୍ଯ୍ୟକ୍ରମ ଏବଂ ପ୍ରସାରଣ ମାଧ୍ୟମରେ ସମସ୍ତ ଧର୍ମକୁ ସମାନ ବୈଧତା ଏବଂ ଯଥାର୍ଥତା ପ୍ରଦାନ କରି ସମସ୍ତ ଧର୍ମକୁ ସମାନ ସମ୍ମାନ ପ୍ରଦାନ କରିଥାଏ।

୩. ଗଣମାଧ୍ୟମର ଧର୍ମନିରପେକ୍ଷତା ସମସ୍ତ ଧର୍ମ ମଧ୍ୟରେ ସମାନତାକୁ ପ୍ରୋତ୍ସାହିତ କରିଥାଏ।

୪. ଧାର୍ମିକ ବୁଝାମଣା ଏବଂ ସହନଶୀଳତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଗଣମାଧ୍ୟମ ଅଧିକ ସକ୍ରିୟତାର ସହିତ ଏବଂ ଅଧିକ ସକାରାତ୍ମକ ଭାବେ ପ୍ରୟାସ ଜାରି ରଖିଥାଏ।

୫. ଗଣମାଧ୍ୟମ ସମସ୍ତ ଧର୍ମକୁ ସମାନ ସମ୍ମାନ ପ୍ରଦାନ କରିଥାଏ।

୬. ଗଣମାଧ୍ୟମ ଭାରତୀୟ ନାଗରିକମାନଙ୍କୁ ସେମାନଙ୍କର ନିଜସ୍ୱ ଧର୍ମର ଅଭ୍ୟାସ ଏବଂ ପ୍ରଚାର ନିମନ୍ତେ ସୁଯୋଗ ପ୍ରଦାନ କରିଥାଏ।

### ୪.୬.୬: ଗଣମାଧ୍ୟମ ପ୍ରୋତ୍ସାହିତ କରୁଥିବା ଧର୍ମନିରପେକ୍ଷ ରାଷ୍ଟ୍ରର ବିଶେଷତା

ଗଣମାଧ୍ୟମ ଦ୍ୱାରା ପ୍ରୋତ୍ସାହିତ କରାଯାଉଥିବା ଧର୍ମନିରପେକ୍ଷ ରାଷ୍ଟ୍ରର ବିଶେଷତା

୧. ସ୍ୱତନ୍ତ୍ରତା- ଗଣମାଧ୍ୟମ ଯେ କୌଣସି ଧର୍ମର ଅଭ୍ୟାସ ପାଇଁ ଅନୁମତି ସମ୍ପର୍କରେ ବର୍ଣ୍ଣନା କରିଥାଏ।

୨. ସମାନତା- ଗଣମାଧ୍ୟମ ଦ୍ୱାରା ସମସ୍ତ ଧର୍ମର ସମାନ ଉପସ୍ଥାପନ ଆଶ୍ୱସ୍ତ କରିଥାଏ ଯେ, ଏହା ଗୋଟିଏ ଧର୍ମକୁ ଅନ୍ୟ ଗୋଟିଏ ଧର୍ମଠାରୁ ଭଲ ବୋଲି ନିଶ୍ଚିତ କରିନଥାଏ।

୩. ନିରପେକ୍ଷତା- ଏକ ଆବଶ୍ୟକତା ଯାହା ଗଣମାଧ୍ୟମ ଅଣଧାର୍ମିକ ଉପରେ ଧାର୍ମିକ ପସନ୍ଦକୁ ପ୍ରସାରିତ ନକରି ସ୍ୱତନ୍ତ୍ରତା ଏବଂ ସମାନତାର ନିୟମ ଭିତରେ ସନ୍ତୁଳନ ରକ୍ଷା କରିଥାଏ।

---

### ୪.୭: ଆସ ପ୍ରଗତି ମାପିବା

---

୧) ଗଣମାଧ୍ୟମ ଜାତୀୟ ସଂହତିକୁ ପ୍ରୋତ୍ସାହିତ କରିଥାଏ କି ? ତୁମର ମତାମତ ବର୍ଣ୍ଣନା କର।

-------------------------------------------------------

-------------------------------------------------------

----------------------------

୨) ଜାତୀୟତା ପ୍ରତି ଗଣମାଧ୍ୟମ ଚ୍ୟାନେଲ୍‌ଗୁଡ଼ିକ କିପରି କାର୍ଯ୍ୟ କରିଥାନ୍ତି, ସେ ସମ୍ପର୍କରେ ତୁମର ମତାମତ କ'ଣ ? ସେଥିରୁ କିଛି ଉଲ୍ଲେଖ କର।

-----------------------------------------------------------

-----------------------------------------------------------

-----------------------------

୩) ଧର୍ମ କିପରି ଗଣମାଧ୍ୟମ ଦ୍ୱାରା ଉପସ୍ଥାପିତ ହୋଇଥାଏ ?

-----------------------------------------------------------

-----------------------------------------------------------

-----------------------------

୪) ଜାତୀୟ ପରିଚିତିକୁ ଆକାର ଦେବାରେ ଗଣମାଧ୍ୟମ ଏବଂ ଧର୍ମ କେଉଁ ଭୂମିକା ନିର୍ବାହ କରିଥାନ୍ତି ?

-----------------------------------------------------------

-----------------------------------------------------------

-----------------------------

୫) ଭାରତ ଏକ ପାରମ୍ପରିକ ଦେଶ ଏବଂ ଅନେକ ଧର୍ମର ଅନୁସରଣକାରୀ। ଆମେମାନେ ମୌଳିକ ମାନବୀୟ ମୂଲ୍ୟବୋଧ ପ୍ରଦାନ କରାଯିବା ନିମନ୍ତେ ନିଜର ମତ ରଖି ପାରିବା କି ?

-----------------------------------------------------------

-----------------------------------------------------------

-----------------------------

୬) ଭାରତୀୟ ଧର୍ମନିରପେକ୍ଷତା ଧାର୍ମିକ –ରାଷ୍ଟ୍ର ବନ୍ଧନ ଉପରେ ଅଧିକ ଗୁରୁତ୍ୱ ଦେଇଥାଏ କି ? ତୁମର ମତାମତ ଲେଖ।

-----------------------------------------------------------

-----------------------------------------------------------

-----------------------------

୭) ଭାରତର ଧର୍ମନିରପେକ୍ଷତା ରାଜ୍ୟସ୍ତରୀୟ ଧାର୍ମିକ ଭାବନାକୁ ଅଧିକ ଗୁରୁତ୍ୱ ଦେଇଥାଏ କି? ଏହାଉପରେ ତୁମର ମତାମତ ଦିଅ।

-------------------------------------------------------------

-------------------------------------------------------------

------------------------------

## ଅଧିକ ଜାଣିବା ପାଇଁ

- ମ୍ୟାକ୍‌ୱିଲ୍, ଡି (୧୯୯୬) ସୋସିଓଲୋଜି ଅଫ ମାସ୍ କମ୍ୟୁନିକେସନ୍, ପେଙ୍ଗୁଇନ୍ ବୁକ୍ସ: ଅଷ୍ଟ୍ରେଲିଆ
- କୁମାର, ଜେ. କେୱିଲ୍ (୨୦୧୨) ମାସ୍ କମ୍ୟୁନିକେସନ୍ ଇନ୍ ଇଣ୍ଡିଆ: ଜାଇକୋ ଦିଲ୍ଲୀ

Odisha State Open University, Sambalpur
www.osou.ac.in
e-mail: info@osou.ac.in